76th YEAR OF PUBLICATION

ପ୍ରକାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର

The Prajatantra

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 | @the_prajatantra | theprajatantra@yahoo.com | www.theprajatantra.org

୭୬ବର୍ଷ ❑ ସଂଖ୍ୟା-୩୦୪ ● କଟକ ● ବୁଧବାର ● ୨୧ ଜୁନ୍-୨୦୨୩ ● କର୍କଟ ୦୫ ● ସାଲ୍ ୧୪୩୦

CUTTACK ● WEDNESDAY ● 21 JUNE-2023 ● RNI Regd.No.4001/57

ମୂଲ୍ୟ : ₹୫ ଟଙ୍କା

# ରତ୍ନବେଦୀରୁ ଜନ୍ମବେଦୀ ଯାତ୍ରା କଲେ ଚତୁର୍ଦ୍ଧାମୂର୍ତ୍ତି

## ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଜୟ ଜଗନ୍ନାଥ ଧ୍ୱନିରେ କମ୍ପିଲା ବଡ଼ଦାଣ୍ଡ

ପୁରୀ:ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପୁରୀରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀଗୁଣ୍ଡିଚା ଯାତ୍ରାରେ ଚତୁର୍ଦ୍ଧାମୂର୍ତ୍ତି ଶ୍ରୀସୁଦର୍ଶନ,ଶ୍ରୀବଳଭଦ୍ର,ଦେବୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥ ନୀଳକନ୍ଦର ରତ୍ନବେଦି ଛାଡ଼ି ଜନ୍ମବେଦି ଅଭିମୁଖେ ଯାତ୍ରା କରିଛନ୍ତି । କୋରନା ପରେ ଚଳିତବର୍ଷ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତ ଏହି ଯାତ୍ର ଦେଖିବା ପାଇଁ ଶ୍ରୀକ୍ଷେତ୍ରକୁ ଆସିଛନ୍ତି । ବଡ଼ଦାଣ୍ଡ ବଡ଼ କଲୋହଳମୟ ହୋଇ ଉଠିଛି ।ଭକ୍ତଙ୍କ ପାଇଁ ପ୍ରଭୁ ରତ୍ନସିଂହାସନ ଛାଡ଼ି ଭକ୍ତଙ୍କ ଗହଳରେ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରିଛନ୍ତି । ଜୟ ଜଗନ୍ନାଥ,ହରିବୋଲ ଓ ହୁଳହୁଳି ଧ୍ୱନିରେ ବଡ଼ଦାଣ୍ଡ କମ୍ପି ଉଠିଛି । ସକାଳୁ ଶ୍ରୀମନ୍ଦିରରେ ମଙ୍ଗଳାଆଳତି, ମଇଲମ,ରୋଷ ରୋଷ ହୋମ ପରେ ଅବକାଶ ନୀତି ଶେଷ ହୋଇଥିଲା । ପରେ ପରେ ସୂର୍ଯ୍ୟପୂଜା,ଦ୍ୱାରପାଳ ପୂଜା ପରେ ବେଶ ଶେଷ ହୋଇଥିଲା । କେବଳ ୮ଟା ରୁ ୯ଟା ମଧ୍ୟରେ ଗୋପାଳ ଭୋଗ, ସକାଳଧୂପ ଓ ଖେଚଡ଼ି ଭୋଗ ଶେଷ ହୋଇଥିଲା । ସକାଳ ୭ଟା ୩୫ରେ ଶ୍ରୋତୀୟ ବ୍ରାହ୍ମଣମାନେ ଶ୍ରୀମନ୍ଦିରକୁ ଆସି ରଥ ପ୍ରତିଷ୍ଠା କାର୍ଯ୍ୟ ଶେଷ କରିଥିଲେ । ତିନିରଥ ଚାହିଁ ରହିଥିଲା କେତେବେଳ ଚତୁର୍ଦ୍ଧାମୂର୍ତ୍ତି ରଥ ଉପରକୁ ବିଜେ କରିବେ । ସାଢେ ୮ଟାରେ ପହଣ୍ଡି ଆରମ୍ଭ ହୋଇ ୧୨ଟା୦୫ରେ ପହଣ୍ଡି ଶେଷ ହୋଇଥିଲା । ପ୍ରଥମେ ପ୍ରଭୁ ସୁଦର୍ଶନ ୯ଟାରେ ରଥ ଉପରେ ବିଜେ

କରିଥିଲେ । ପରେ ପରେ ୯ଟା ୩୦ରେ ପ୍ରଭୁ ବଳଭଦ୍ରଙ୍କ ପହଣ୍ଡି ଶେଷ ହୋଇ ରଥାରୁଢ ହୋଇଥିଲେ । ସେହିପରି ୧୦ଟା ୩୦ରେ ଦେବୀ ସୁଭଦ୍ରା ଓ ୧୧ଟା ୫୫ରେ ପ୍ରଭୁ ଶ୍ରୀଜଗନ୍ନାଥ ରଥାରୁଢ ହୋଇଥିଲେ । ରତ୍ନସିଂହାସନ ଉପରୁ ପ୍ରଭୁ ଶ୍ରୀଜଗନ୍ନାଥ ଟାହିଆ ବାନ୍ଧି ସେନାପଟା ଲାଗି ହେବ । ସହ ବୀରଦର୍ପରେ ହଲି ହଲି ଝୁଲି ଝୁଲି ସିଂହଦ୍ୱାର ଗୁମୁଟ ଅତିକ୍ରମ କରିବା ସମୟରେ ହରିବୋଲ ,ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ସିଂହଦ୍ୱାର କମ୍ପୁଥିଲା । ୧୨ଟା ୨୦ରେ ମଦନମୋହନ ଓ ରାମକୃଷ୍ଣ ରଥାରୁଢ ହୋଇଥିଲେ । ୧୨ଟା ୪୦ରେ ଚିତାଲାଗି ପରେ ବେଶ ଶେଷ ହୋଇଥିଲା । ପରେ ପରେ ଜଗତଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ ତିନି ରଥରେ ଶ୍ରୀଜୀଉମାନଙ୍କୁ ଦର୍ଶନ କରିଥିଲେ । ସବୁଠାରୁ ଆକର୍ଷଣ ଥିଲା ଗଜପତି ମହାରାଜା ଦିବ୍ୟସିଂଦେବ ତାମଜାନ ପାଲିଙ୍କରେ ବିଜେ କରି ରଥ ନିକଟକୁ ଆସିବା ପରେ ତିନିରଥରେ ଛେରାପହଁରା କାର୍ଯ୍ୟ ସମାହିତ କରିଥାନ୍ତି । ୩ଟା୦୫ରେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଟଣା ଆରମ୍ଭ ହୋଇଥିଲା । ୩୨୦ରେ ଦର୍ପଦଳନ ପରେ ୪ଟା ୪୦ ମିନଟ୍ ନନ୍ଦିଘୋଷ ରଥ ଟଣା ଯାଇଥିଲା । ଘର ଘର ନାଦ କରି ତିନିରଥ ଗୁଣ୍ଡିଚା ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ । ଭକ୍ତମାନେ ଆନନ୍ଦ ଉଲ୍ଲାସର ସହ ରଥ ଭିତ୍ତୁଥିବା ଦେଖାଯାଇଥିଲା । ପହଣ୍ଡି ସମୟରେ ବିଭିନ୍ନ ନୃତ୍ୟଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ, ଶିବ ତାଣ୍ଡବ, ଗର୍ନ୍ଧବ ନୃତ୍ୟ, ଗୋଟିପୁଅ ନୃତ୍ୟ,ବନାଟି ପ୍ରଦର୍ଶନ କରିଥିଲେ । ଘଂଟ,ଘଂଟା ବିଜେ କାହାଳି ଚାମର, ଛତ୍ରି ସହ ଚତୁର୍ଦ୍ଧାମୂର୍ତ୍ତି ରଥ ଉପରକୁ ଆସିଥିଲେ । ପହଣ୍ଡି ଠିକ ସମୟରେ ହୋଇଥିଲେ ମଧ୍ୟ ରଥଟଣା ଆଗୁଆ ହୋଇଥିଲା । ବଳଭଦ୍ରଙ୍କ ରଥ ୩ଟା ୦୫ରେ ଆରମ୍ଭ ହୋଇଥିଲେ ମଧ୍ୟ ରଥ ମାର୍କେଟ ଛକ ଡ଼େଇଁବା ପରେ ହଠାତ ପୂର୍ବ ମୋଡ଼ ନେବାରୁ ରଥ ବହୁ ସମୟ ଅଟକି ରହିଥିଲା । ତାଳଧ୍ୱଜ ରଥ ଅଟକିବାରୁ ଦର୍ପଦଳନ ଓ ନନ୍ଦିଘୋଷ ରଥ ଆଗେଇ ପାରିନଥିଲା । ମରିଚିକୋଟ ଛକରେ ପ୍ରବଳ ଗହଳି ଯୋଗୁ ଠେଲାପେଲାରେ ୧୦ରୁ ଉର୍ଦ୍ଧ୍ୱ ଭକ୍ତ ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ସଂଧ୍ୟା ୭ଟା ପରେ ଜେନେରେଟର ଦ୍ୱାରା ଆଲୋକିକରଣ କରଯାଇ ରଥଟଣା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ।

# ଭାରତରେ ପ୍ରସ୍ତୁତ ୭ କଫ୍ ସିରପକୁ ନିଷିଦ୍ଧ କଲା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ

ନୂଆଦିଲ୍ଲୀ : ଆଫ୍ରିକୀୟ ଦେଶ ଗାମ୍ବିଆ ସମେତ ସମଗ୍ର ବିଶ୍ୱରେ ୩୦୦ ଜଣ ଶିଶୁଙ୍କ ମୃତ୍ୟୁ ପାଇଁ ଭାରତରେ ପ୍ରସ୍ତୁତ କଫ୍ ସିରପକୁ ଦାୟୀ କରିଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ । ଫଳରେ ଭାରତରେ ପ୍ରସ୍ତୁତ ୭ଟି କଫ ସିରପ (କାଶ ଔଷଧ)କୁ ନିଷିଦ୍ଧ କରିବା ସହ ଏସବୁ ଉତ୍ପାଦନ କରୁଥିବା କମ୍ପାନିଙ୍କୁ କଳାତାଲିକାଭୁକ୍ତ କରିଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ । ଏହା ଉପରେ ପ୍ରତିକ୍ରିୟା ରଖି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭିଆ କହିଛନ୍ତି ଯେ ନକଲି ଔଷଧ ଉପରେ ଜିରୋ ଟଲେରେନ୍ସ ନୀତି ରହିଛି । ଔଷଧର ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ ଏକ ବ୍ୟାପକ ବିଶ୍ଳେଷଣ କରାଯାଉଛି। ଔଷଧର ଗୁଣବତ୍ତାକୁ ନେଇ ଭାରତ କେବେ ବି ବୁଝାମଣା କରିବ ନାହିଁ। ନକଲି ଔଷଧ ଯୋଗୁଁ ଯେପରି କାହାର ମୃତ୍ୟୁ ନ ହୁଏ ସେଥିପାଇଁ ଆମେ ସବୁବେଳେ ସଜାଗ ରହିଛୁ । ଅନ୍ୟପକ୍ଷରେ ଏହି କଫ ସିରପ୍ ଯୋଗୁଁ ହିଁ ଗାମ୍ବିଆରେ ୬୬ ଜଣ ଶିଶୁଙ୍କ ମୃତ୍ୟୁ ଘଟିଥିବା ଡବ୍ଲୁଏଚ୍ଓ ସ୍ପଷ୍ଟ କରିଛି । ସଂଗଠନରୁ ମିଳିଥିବା ସୂଚନା ଅନୁଯାୟୀ, ଅନ୍ତର୍ଜାତୀୟ କମ୍ପାନି ଓ ନିୟାମକ କର୍ତ୍ତୃପକ୍ଷ ଏହି କମ୍ପାନୀଗୁଡ଼ିକର ଯାଞ୍ଚ କରୁଛନ୍ତି । ସୂଚନା ଅନୁଯାୟୀ, ଭାରତ ଓ ଇଣ୍ଡୋନେସିଆରେ କଫ ସିରପ୍ ଏବଂ ଭିଟାମିନ୍ ତିଆରି କରୁଥିବା ୨୦ଟି କମ୍ପାନିର ତଦନ୍ତ କରୁଛି ଡବ୍ଲୁଏଚ୍ଓ । ଏହାର ଜଣେ ଅଧିକାରୀ କହିଛନ୍ତି ଯେ ସେସବୁ କମ୍ପାନିଙ୍କ ପ୍ରସ୍ତୁତ ଔଷଧର ବିସ୍ତୃତ ବିଶ୍ଳେଷଣରୁ ଜଣାପଡ଼ିଛି ଯେ ସେଥିରେ ଡାଇଥିଲିନ୍ ଗ୍ଲାଇକୋଲ ଏବଂ ଇଥିଲିନ୍ ଗ୍ଲାଇକୋଲର ମାତ୍ରା ଧାର୍ଯ୍ୟମାତ୍ରାଠାରୁ ଅଧିକ ରହିଛି । ଗତ ବର୍ଷ ଏହି ଔଷଧ ସେବନ କରି ଗାମ୍ବିଆରେ ୬୬ ଜଣ ଶିଶୁ କିଡନୀ ଫେଲ୍ ହେବା କାରଣରୁ ମୃତ୍ୟୁବରଣ କରିଥିଲେ ।

# ସମ୍ବଲପୁର ଜିଲ୍ଲାରେ ୨୨ରୁ ୨୪ ତାରିଖ ଯାଏଁ ସକାଳୁଆ ସ୍କୁଲ

ଭୁବନେଶ୍ୱର:ସମ୍ବଲପୁର ଜିଲ୍ଲାରେ ୨୨ ତାରିଖରୁ ସ୍କୁଲ ଖୋଲିବ ସ୍କୁଲ। ସେହିପରି ୨୪ ତାରିଖ ଯାଏ ସ୍କୁଲ ସକାଳୁଆ ହେବ । ସମ୍ବଲପୁରର ଜିଲ୍ଲାପାଳ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ୨୨ ତାରିଖରେ ସମ୍ବଲପୁର ଜିଲ୍ଲାର ସମସ୍ତ ବିଦ୍ୟାଳୟ ଖୋଲିବ। ୨୨ରୁ ୨୪ ତାରିଖ ଯାଏଁ ସକାଳ ସାଢ଼େ ୬ରୁ ୧୦ଟା ଯାଏ ସ୍କୁଲ ଚାଲିବ। ସକାଳ ସାଢେ ୯ଟାରୁ ୧୦ଟା ମଧ୍ୟରେ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯିବାର ବ୍ୟବସ୍ଥା କରାଯିବ। ତେବେ ୨୬ ତାରିଖରୁ ୧୦ଟାରୁ ୪ଟା ଯାଏ ସ୍କୁଲ ଚାଲିବ। ଉଲ୍ଲେଖଯୋଗ୍ୟ, ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଜାରି ହୋଇଥିବା ପୂର୍ବାନୁମାନକୁ ଦୃଷ୍ଟିରେ ରଖି ଜୁନ୍ ୨୧ରେ ରାଜ୍ୟର ସମସ୍ତ ସ୍କୁଲ ଖୋଲିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ଅନୁଗୁଳ, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜାରି ରହିବା ନେଇ ଅନୁମାନ କରାଯାଉଛି। ତେଣୁ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନେ ସ୍କୁଲ ସମୟ ଧାର୍ଯ୍ୟ କରିପାରିବେ ବୋଲି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୁହା ଯାଇଥିଲା ।

# +୨ ନାମଲେଖା ଆବେଦନ ସମୟ ବଢିଲା

ଭୁବନେଶ୍ୱର: ଯୁକ୍ତ ୨ ପ୍ରଥମ ବର୍ଷରେ ନାମଲେଖା ପାଇଁ ଆବେଦନ ଅବଧି ବୃଦ୍ଧି କରାଯାଇଛି । ପୂର୍ବରୁ ଜୁନ୍ ୨୦ ପର୍ଯ୍ୟନ୍ତ ଆବେଦନ କରିବାର ଶେଷ ତାରିଖ ରହିଥିବା ବେଳେ ଏହାକୁ ଜୁନ୍ ୨୬ ପର୍ଯ୍ୟନ୍ତ ବୃଦ୍ଧି କରିଛି ଗଣଶିକ୍ଷା ବିଭାଗ । ଆବେଦନ ପରେ ଜୁଲାଇ ୨ରେ ପ୍ରଥମ ମେରିଟ ଲିଷ୍ଟ ବାହାରିବ। ଜୁଲାଇ ୩ରୁ ୮ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଆଡମିଶନ ଚାଲିବ। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁସାରେ ଜୁଲାଇ ୨୯ରେ ପାଠପଢ଼ା ଆରମ୍ଭ ହେବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏକାଦଶ ଶ୍ରେଣୀ ପାଇଁ ସାମସ୍ ପୋର୍ଟାଲ ଆବେଦନ ତାରିଖକୁ ୨୦ ପରିବର୍ତ୍ତେ ୨୬ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ।

# ରଥ ଦେଖିବାକୁ ଆସୁଥିଲେ ବାପପୁଅ, ଚାପିଦେଲା ବସ୍

ଭୁବନେଶ୍ୱର: ରଥଟଣା ଦେଖିବା ପାଇଁ ବାପାପୁଅ ସକାଳୁ ହସଖୁସି ବାଇକରେ ବାହାରି ପଡ଼ିଥିଲେ। ହେଲେ ସେମାନଙ୍କ ରଥା ଟାଣିବା ଦେଖିବାର ଇଚ୍ଛା ଅଧାରେ ରହିଗଲା। ବାଟରେ ଯାଉଥିବା ବେଳେ ଦ୍ରୁତଗତିରେ ଏକ ବସ୍ ଆସି ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବାପାର ମୃତ୍ୟୁ ଘଟିଥିବା ବେଳେ ପୁଅ ଗୁରୁତର ଆହତ ହୋଇଥିଲା। ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଥାନା ଅନ୍ତର୍ଗତ ସାନକେରକ ଛକଠାରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ମୃତ ବ୍ୟକ୍ତି ଜଣଙ୍କ ହେଲେ ପଦ୍ମଲୋଚନ ଗୋଛାୟତ। ଆହତ ପୁଅକୁ ବାରିପଦା ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ଘର ବେଲାମ ଅଞ୍ଚଳରେ ବୋଲି ଜଣାଯାଇଛି। ପଦ୍ମଲୋଚନ ଓ ତାଙ୍କ ପୁଅ ରଥ ଟଣା ଦେଖିବା ପାଇଁ ଘରଠାରୁ କିଛି ଦୂରରେ ଥିବା ଜଗନ୍ନାଥ ମନ୍ଦିରକୁ ଯାଉଥିଲେ। ସାନକେରକ ଛକଠାରେ ଦୁଲାରୀ ନାମକ ଏକ ଯାତୟୀବାହୀ ବସ୍ ? ଆସି ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ବସ୍ ଧକ୍କାରେ ପଦ୍ମଲୋଚନଙ୍କର ମୃତ୍ୟୁ ଘଟିଥିବା ବେଳେ ପୁଅ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣା ପରେ ବସ୍? ଡ୍ରାଇଭର ଗାଡ଼ି ନେଇ ଫେରାର ହୋଇଯାଇଥିଲା। ସ୍ଥାନୀୟ ଲୋକେ ପିଛା କରି ବସ୍‌ଟିକୁ ବାରିପଦା ପୋଡା ଅଣ୍ଡିଆଠାରେ ଧରିଥିଲେ। ସେଠାରେ ବସ୍‌ଟିକୁ ଅଟକାଇ ଭଙ୍ଗାରୁଜା କରିଥିଲେ। ଏହାସହ ମୃତକ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ପୁଲିସ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା।

# ସୋର ସେକ୍ସନର ସିଗନାଲ ଜେଇଙ୍କୁ ପଚରାଉପରା କରୁଛି ସିବିଆଇ

ଭୁବନେଶ୍ୱର: ବାଲେଶ୍ୱର ଜିଲ୍ଲା ବାହାନଗା ଟ୍ରେନ୍ ଟ୍ରାଜେଡିର ଖୋଲତାଡ଼ ଜୋରଦାର କରିଛି ଉଇଓ । ଆଜି ସୋର ସେକ୍ସନର ସିଗନାଲ ଜେଇ ଅମୀର ଖାନଙ୍କୁ ନେଇ ପଚରାଉଚରା ଓ ଛାନଭିନ୍ କରୁଛି ଉଇଓ। ଆମୀରଙ୍କୁ ତାଙ୍କ କରମପୁର ସ୍ଥିତ ବାସଭବନକୁ ନେଇ କାଗଜପତ୍ର ଯାଞ୍ଚ କରୁଛି ସିବିଆଇ। ଅମୀରଙ୍କ ଘର ପଶ୍ଚିମବଙ୍ଗ ହୁଗୁଳି ଜିଲ୍ଲା ଡଙ୍କଣୀ ଅଞ୍ଚଳରେ ବୋଲି ଜଣାପଡିଛି । ଦୁର୍ଘଟଣା ପରଠୁ ଅମୀରଙ୍କ ଦୋକାନଥିବା ବେଳେ, ସିଗନାଲ ଔରଙ୍କ ଭଡ଼ାଘରକୁ ସିଲ୍ କରିଥିଲା । ସେପଟେ ବାହାନଗା ଷ୍ଟେସନ ମାଷ୍ଟରଙ୍କ ସୋର ବ୍ଲକ୍ ଡେଣ୍ଟେଇ ସ୍ଥିତ ଘରେ ମଧ୍ୟ ତନାଘନା କରିଛି ଉଇଓ ଟିମ୍। ଜୁନ ୨ ତାରିଖରେ ବାହାନଗା ବଜାର ଷ୍ଟେସନ ନିକଟରେ କରମଣ୍ଡଳ ଏକ୍ସପ୍ରେସ୍ ପ୍ରଥମେ ଏକ ମାଲଗାଡ଼ିକୁ ଧକ୍କା ଦେଇ ଲାଇନଚ୍ୟୁତ ହୋଇଥିଲା। ଟ୍ରାକରୁ ଖସି ଥିବା ବଗିଗୁଡ଼ିକ ଆର ଟ୍ରାକରେ ଆସୁଥିବା ଯଶୱନ୍ତପୁର-ହାୱଡ଼ା ଟ୍ରେନକୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ୨୯୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ହଜାରେ ଲୋକ ଆହତ ହୋଇଥିଲେ।

# ବାହାନଗା ବିକାଶ ପାଇଁ ୨ କୋଟି ଟଙ୍କା ମଂଜୁର କଲେ ରେଳମନ୍ତ୍ରୀ

ଭୁବନେଶ୍ୱର:ବାହାନଗା ଟ୍ରେନ ଦୁର୍ଘଟଣା ପରେ ସାହାଯ୍ୟ ପାଇଁ ଆଗେଇ ଆସିଥିବା ସ୍ଥାନୀୟ ଲୋକଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ଏହା ପରେ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲରେ ପହଂଚି ଦୁର୍ଘଟଣା ଦିନ ରେଳ ଆହତ ଯାତ୍ରୀ ମାନଙ୍କୁ ଉତମ ସେବା ଯୋଗାଇଥିବାରୁ ମେଡିକଲର ସମସ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା କରିଥିଲେ । ଏହି ଅବସରରେ ବାହାନଗା ଅଂଚଳର ବିକାଶ ପାଇଁ କେନ୍ଦ୍ରମନ୍ତ୍ରୀ ୨କୋଟି ଟଙ୍କା ମଞ୍ଜୁର କରିଛନ୍ତି । ତାହା ସହ ବାଲେଶ୍ୱର ମେଡିକାଲର ସମସ୍ତ କର୍ମଚାରୀଙ୍କ ସମେତ ବାଲେଶ୍ୱରବାସୀଙ୍କ ପାଖରେ ଚିର ଋଣୀ ବୋଲି କହିଥିଲେ । ସେହିପରି ବାଲେଶ୍ୱର ମେଡିକାଲକୁ ନିଜ ସାଂସଦ ପାଣ୍ଠିରୁ ଏକ ଆଡଭାନ୍ସ ଲାଇଫ୍ ସପୋର୍ଟ ଆମ୍ବୁଲାନ୍ସ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ।

# ରଥଖଳାରୁ ଇଞ୍ଚେ ବି ଗଡ଼ିଲାନି ବ୍ରହ୍ମ ତାଳଧ୍ୱଜ

କେନ୍ଦ୍ରାପଡ଼ା: ତୁଳସୀ କ୍ଷେତ୍ର କୁହାଯାଉଥିବା କେନ୍ଦ୍ରାପଡ଼ାରେ ଗଡ଼ିଲାନି ବ୍ରହ୍ମ ତାଳଧ୍ୱଜ ରଥ। ରଥଖଳାରୁ ଇଞ୍ଚେ ବି ଆଦୌ ଗଡ଼ିଲାନି । ଏଥିପାଇଁ ପ୍ରଶାସନକୁ ଦାୟୀ କରିଛନ୍ତି ସେବାୟତ। ପ୍ରଶାସନର ତାଳମେଳ ଅଭାବରୁ ରଥ ଗଡ଼ିଲାନି ବୋଲି ସେବାୟତଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଆଜି ନୀତିକାନ୍ତି ସହ ପହଣ୍ଡି ବି ସରିଯାଇଥିଲା। ପରମ୍ପରା ଅନୁଯାୟୀ, ଆଜି ଅଳ୍ପ ରଥଟଣା ହୋଇ ପୁଣି ଆସନ୍ତାକାଲି ସମ୍ପୂର୍ଣ୍ଣ ରଥଟଣା ହେବା କଥା। କିନ୍ତୁ ସୂର୍ଯ୍ୟାସ୍ତ ହେବାରୁ ଆଜି

ଆଉ ରଥ ଟଣା ହୋଇପାରିଲାନି ବୋଲି ଦେବୋତ୍ତର ବିଭାଗ କହିଛି। ଏହାକୁ ନେଇ ଭକ୍ତଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ଏନେଇ ପୂଜାପଣ୍ଡା ସେବାୟତ ମହେଶ୍ୱର ପାତ୍ରୀ କହିଛନ୍ତି, ନୀତି ମୁତାବକ ଆଜି ରଥ ଦୁଇ ଦଉଡ଼ି ବାଟ ଟଣାଯିବା କଥା। ରଥ ନିକଟସ୍ଥ ମଠ ଠାରେ ଅଟକିବା କଥା। କିନ୍ତୁ ସେବକ ଓ ପ୍ରଶାସନିକ ତାଳମେଳ ଅଭାବରୁ ରଥଟଣା ହୋଇପାରିନି। ଏଥିସହ ହଜାର ହଜାର ବର୍ଷର ପରମ୍ପରା ଭାଙ୍ଗିଛି। କେନ୍ଦ୍ରାପଡ଼ା ଏସ୍‌ଡିପିଓ ଜୟନ୍ତ ମହାପାତ୍ର କହିଛନ୍ତି ପାଳିଆ ପଣ୍ଡାଙ୍କ ଅସୁବିଧା ଯୋଗୁ ରଥଟଣା ହୋଇପାରିନି। ସେବାୟତଙ୍କ ଭିତରେ ହିଁ ଅସନ୍ତୋଷ ଥିଲା। ତେଣୁ ଆସନ୍ତାକାଲି ରଥ ଟଣାଯିବ। ଦେବୋତ୍ତର କମିଶନର ବଳଭଦ୍ର ପତ୍ରୀ କହିଛନ୍ତି, ଖରାଗରମରୁ ପହଣ୍ଡି ବିଳମ୍ବ ହୋଇଥିଲା। ତେଣୁ ରଥଟଣା ହୋଇପାରିନି। ରାତିରେ ରଥ ଟାଣିଥିଲେ କିଛି ଅଘଟଣ ଘଟିବା ଆଶଙ୍କା ଥିବାରୁ ଆସନ୍ତାକାଲିକୁ ରଥଟଣା ଯିବ। ଏହାଛଡ଼ା ରାତିରେ ରଥଟଣା ଯିବାର ନିୟମ ନାହିଁ।

## ସମ୍ପାଦକୀୟ

### ସଂକ୍ରମଣର ସତ

### ବାଟେଘାଟେ

ବିଜେଡ଼ି ଦଳର ପ୍ରଫୁଲ୍ଲ କହିଲେ
ଏକ ସାଙ୍ଘାତିକ କଥା
ଏକଥା ଶୁଣିଣ ବିଜେଡ଼ି ଦଳର
ବଳେଇ ଗଲାଣି ବ୍ୟଥା
କଥାକୁ ଯେମନ୍ତ ନଥା
ମୁଖିଆ ଅସୁସ୍ଥ ହେତୁରୁ ସର୍ବତ୍ର
ବୁଲୁଛନ୍ତି ମହାରଥା
ବିବୃତ୍ତି ହେଲା କଇଁଥା
ବିଜେପି କଂଗ୍ରେସ ଗଣ୍ଡି କରିଲେଣି
ସୁପର ସିଏମ ଗାଥା ।

-ରାହୀ

# ପିଏମ୍ ଆବାସ: ବର୍ଷକରେ ଘର ନସାରିଲେ ରଦ୍ଦ ହେବ ୱାର୍କ ଅର୍ଡର

ଭୁବନେଶ୍ୱର: ଦୀର୍ଘ ପ୍ରାୟ ଦେଢ଼ବର୍ଷ ଧରି ରାଜ୍ୟରେ ଠପ୍ ହୋଇଯାଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ରେ ପୁଣିଥରେ କାର୍ଯ୍ୟାଦେଶ ବଂଟନ ପ୍ରକ୍ରିୟା ଆରମ୍ଭ ହୋଇଛି । ପ୍ରଥମଥର ପାଇଁ ରାଜ୍ୟରେ ଅନଲାଇନରେ ଏହି ପିଏମ୍ ଆବାସ ଘରର ୱାର୍କ ଅର୍ଡର ଅନଲାଇନରେ ହିତାଧିକାରୀଙ୍କୁ ପ୍ରଦାନ କରାଯାଉଛି । ଗ୍ରାମାଂଚଳ ଓ ବ୍ଲକସ୍ତରରେ ପିଏମ୍ ଆବାସ ଯୋଜନାରେ ୱାର୍କ ଅର୍ଡର ବଂଟନଠୁ ଆରମ୍ଭ କରି ବିଲ୍ ପ୍ରଦାନ ଆଦିସ୍ତରରେ ଦୁର୍ନୀତି ଅଭିଯୋଗ ଆସିବା ତଥା କେନ୍ଦ୍ର ସରକାରଙ୍କ କଡ଼ା ତାଗିଦ୍ ପରେ ରାଜ୍ୟ ସରକାର ହିତାଧିକାରୀଙ୍କୁ ଅନଲାଇନରେ ପିଏମ୍ ଆବାସ ଘର ୱାର୍କ ଅର୍ଡର(କାର୍ଯ୍ୟାଦେଶ) ବଂଟନ ଆରମ୍ଭ କରିଛନ୍ତି । ଗତ ମେ' ୩୦ତାରିଖରେ ରାଜ୍ୟ ପଂଚାୟତିରାଜ ସଚିବ ସୁଶୀଲ କୁମାର ଲୋହାନୀ ସମସ୍ତ ଜିଲ୍ଲାପାଳ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ) ଓ ବିଡିଓଙ୍କୁ ଚିଠି ଲେ

# ମନକଥା ଲେଖିଲେ ଦୂର ହେବ ଅବସାଦ

ମନ କଥା ଲେଖିବା ଅଭ୍ୟାସ ଅବସାଦ ଦୂର କରିବାରେ ସାହାଯ୍ୟ କରିଥାଏ । ଏହାଦ୍ୱାରା ଚ୍ୟାଲେଞ୍ଜପୂର୍ଣ୍ଣ କାମକୁ ଉନ୍ନତ ଢ଼ଙ୍ଗରେ କରିବାକୁ ଶକ୍ତି ମିଳିଥାଏ । ଆମେରିକା ମିଶିଗାନ୍ ୟୁନିଭର୍ସିଟିରେ ହୋଇଥିବା ଏକ ଗବେଷଣାରୁ ଏହି ଦାବି କରାଯାଇଛି । ଗବେଷକଙ୍କ ଅନୁସାରେ, ଯେଉଁ ବ୍ୟକ୍ତି ନିଜ ଭାବନାକୁ ଯେତିକି କୁଶଳତାରେ ବ୍ୟକ୍ତ କରିପାରେ, ସେ ସେତିକି ନିଜ କାମରେ ଆସୁଥିବା ଚ୍ୟାଲେଞ୍ଜ୍‌ର ସାମ୍ନା କରିପାରେ । ଏହି ଲେଖନୀ ଅଭ୍ୟାସ ଅବସାଦକୁ ଦୂର କରିଥାଏ ଏବଂ ଲୋକଙ୍କ ମନକୁ ସମ୍ପୂର୍ଣ୍ଣ ଭାବେ କାମରେ ଲଗାଇଥାଏ । ତେଣୁ ଡାଏରି ଲେଖିବା ସାସ୍ଥ୍ୟ ପାଇଁ ଭଲ ବୋଲି କୁହାଯାଏ । ସୀମାରେ ଥିବା ଯବାନ୍‌ଙ୍କ ଅବସାଦ ଦୂର ପାଇଁ ଏହି ଉପାୟ ସବୁଠୁ ଶ୍ରେୟସ୍କର ବୋଲି ବିବେଚିତ କରାଯାଏ ।

# ବଟର ଫ୍ଲାଏ ଚିକେନ

ଆବଶ୍ୟକ ସାମଗ୍ରୀ: ବୋନଲେସ ଚିକେନ, ଅଦାରସୁଣ ପେଷ୍ଟ, ବଟର, ସୋୟା ସସ୍, କନ୍‌ଫ୍ଲୋର, ମଇଦା, ଲେମ୍ବୁ, ଚିଲି ସସ୍, ଟମାଟୋ ସସ୍, ଆଳୁ, ଲୁଣ, ଲଙ୍କା ପାଉଡର, ଗରମ ମସଲା, କଲ୍‌ର ପାଉଡର, ତେଲ ପ୍ରସ୍ତୁତି ପ୍ରଣାଳୀ: ବଜାରରୁ ବୋନଲେସ ଚିକେନ ଆଣି ତାକୁ ଏକ ପାତ୍ରରେ ରଖନ୍ତୁ । ସେଥିରେ ଅଦାରସୁଣ ପେଷ୍ଟ, ବଟର, ସୋୟା ସସ୍, କନ୍‌ଫ୍ଲୋର, ମଇଦା, ଲେମ୍ବୁ, ଚିଲି ସସ୍, ଟମାଟୋ ସସ୍, ଲଙ୍କା ପାଉଡର, ଗରମ ମସଲା, କଲ୍‌ର ପାଉଡର ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାଇ ଦିଅନ୍ତୁ । ପରେ ମସଲାଟିକୁ ୨ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜରେ ରଖି ଦିଅନ୍ତୁ । ପରେ ଆଳୁକୁ ଚୋପା ଛଡ଼ାଇ ଗୋଲ ଗୋଲ କାଟି ରଖି ରଖନ୍ତୁ ।ଏହା ପରେ କାଠିରେ ଆଳୁ ଓ ଗୋଳାଇ ରଖିଥିବା ଚିକେନକୁ ଫୋଡ଼ି ତେଲରେ ଛାଣନ୍ତୁ । ଏହା ଛାଣି ହୋଇଗଲା ପରେ ବାହାରକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ବଟର ଫ୍ଲାଏ ଚିକେନ ।

# ଆଜିର ରାଶିଫଳ

**ମେଷ** – ବହୁତଦିନର ଆଶା ଆଜି ପୂର୍ଣ୍ଣ ହେବ । ଉଚ୍ଚସମ୍ମାନ ଲାଭ କରିପାରନ୍ତି । ଦେହ ଭଲ ରହିବ । କାର୍ଯ୍ୟରେ ମନୋବଳ ବହୁତ ବଢ଼ିଯିବ । ଦୂରଯାତ୍ରା କରିବାର ସୁଯୋଗ ପାଇବେ । ଶିବପୂଜା କରିବାକୁ ଯାଇପାରନ୍ତି ।ସହକର୍ମୀଙ୍କର ପ୍ରିୟ ହେବେ ।

**ବୃଷ** – ଚାକିରି କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି । ବହୁତଦିନର ଅଶାନ୍ତି ଦୂରୀଭୂତ ହୋଇପାରେ । ଆୟ ଓ ବ୍ୟୟ ସମାନ ରହିବ । ସାସ୍ଥ୍ୟ ଖରାପ ହୋଇପାରେ । ମହିଳାମାନେ ଦୂରଯାତ୍ରା କରିବାକୁ ଯାଇପାରନ୍ତି ଏବଂ ମା'ଲକ୍ଷ୍ମୀଙ୍କ ପୂଜା କରିବାକୁ ଇଚ୍ଛୁକ ହେବେ ।

**ମିଥୁନ** – ବ୍ୟବସାୟରେ ନିଜର ଆୟ ଓ ବ୍ୟୟ ସମାନ ରହିବ । କାର୍ଯ୍ୟରେ ସମ୍ମାନ ପାଇବେ । ଅର୍ଥ ଦେୟ ହେବ । କ୍ରୀଡ଼ା, କଳା ଏବଂ ସାମ୍ବାଦିକତାରେ ସମ୍ମାନିତ ହୋଇପାରନ୍ତି । ବ୍ୟବସାୟରେ ଆଜି ବହୁତ ଲାଭ ପାଇପାରନ୍ତି ।

**କର୍କଟ** – କୌଣସି କ୍ଷେତ୍ରରେ ତରବରିଆ କାମ ଓ ଭାବପ୍ରବଣତା ଓଲଟା ଫଳ ପ୍ରଦାନ କରିବ । ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବାର ଯୋଗ ରହିଛି । କର୍ମକ୍ଷେତ୍ରରେ ସହକର୍ମୀମାନେ ଆବଶ୍ୟକୀୟ ସହାୟତା କରିପାରିବେ । ଦିନଟି ବିଶୃଙ୍ଖଳା ଭିତରେ କାର୍ଯ୍ୟ କରିବେ ।

**ସିଂହ** – ନୂତନ ବନ୍ଧୁମିଳନର ସମ୍ଭାବନା ରହିଛି । କର୍ମକ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି । ଅର୍ଥ ବ୍ୟୟ ହେବ । ମହିଳାମାନେ ଗୃହକାର୍ଯ୍ୟ କରି ବହୁତ ବଡ଼ ଝାମେଲା ତୁଲାଇପାରିବେ । କାର୍ଯ୍ୟ ସଫଳ ହେବ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକ ଆସିଲେ ମଧ୍ୟ ଆପଣଙ୍କ କାର୍ଯ୍ୟ ହାସଲ ହୋଇଯିବ । ଗାଡ଼ି ମୋଟର କ୍ରୟ କରିବା ପାଇଁ ଯୋଜନା କରିବେ । ମହିଳାମାନେ ଅନ୍ୟକୁ ସାହାଯ୍ୟ କରିବେ । ଆପଣ ବହୁତ ବଡ଼ କାମ ହାସଲ କରିବେ । ଚାକିରିରେ ପଦୋନ୍ନତି ହେବ ।

**ତୁଳା** – ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି । ସାସ୍ଥ୍ୟରେ ଆଂଶିକ ଉନ୍ନତି ହେବ । ମହିଳାମାନେ ଗୃହକାର୍ଯ୍ୟରେ ଲାଗିରହିବେ ।

**ବିଛା** – ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିର ପୁନର୍ବିଚାର କଲେ ଭଲ ହେବ । ଅଶାନ୍ତିର ବାତାବରଣ ପୂର୍ବପରି ରହିବ । ମହିଳାମାନେ ଦୂରଯାତ୍ରା କରି ଖୁସି ରହିବେ । ମଘାନକ୍ଷତ୍ର ଅନୁଯାୟୀ ଦୂରଯାତ୍ରା ଓ ବନ୍ଧୁମିଳନ ଘଟିବ ।

**ଧନୁ** – ରବି ଶୁକ୍ରଙ୍କ ପ୍ରଭାବରୁ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରେ । ଶନି ଓ ବୁଧଙ୍କ ସଂଯୋଗଜନିତ ଖଳବ୍ୟକ୍ତିଙ୍କର ପ୍ରବଳ ବିରୋଧର ସମ୍ମୁଖୀନ ହେବେ । ବ୍ୟବସାୟରେ ଅନ୍ୟ ମନସ୍କତା ବର୍ଜନୀୟ ଓ ସତର୍କ କରଣୀୟ ।

**ମକର** – କର୍ମକ୍ଷେତ୍ରରେ ସହମତି ଭିତ୍ତିରେ କାମ କଲେ ଅପେକ୍ଷାକୃତ ଅଧିକ ସଫଳତା ପାଇପାରନ୍ତି । ଉଚ୍ଚସମ୍ମାନିତ ହେବେ । ବନ୍ଧୁଙ୍କ ସହ ଅଯଥା ଅଯଥା ଯୁକ୍ତିତର୍କରୁ ଦୂରେଇ ରହିବା ଭଲ । ଶାରୀରିକ ଅସୁସ୍ଥତା ଭୋଗିବେ । ଲୋଭ ହେତୁ ଅସୁବିଧାରେ ପଡ଼ିପାରନ୍ତି ।

**କୁମ୍ଭ** – ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ସନ୍ତୋଷଜନକ ଫଳ ପାଇ ଖୁସି ହେବେ । ଦୂରଯାତ୍ରା କରିପାରନ୍ତି । କ୍ରୀଡ଼ା, କଳା, ଚଳଚ୍ଚିତ୍ର ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ । ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହୋଇପାରନ୍ତି ।

**ମୀନ** – ଆତ୍ମୀୟମାନେ ସାର୍ଥସାଧନ ମାନସରେ କିଛି ଅଘଟଣ ଘଟାଇବାର ସୂଚନାକୁ ଏଡ଼ାଇ ପାରିବେ ନାହିଁ । କେତେକ ବ୍ୟକ୍ତିବିଶେଷଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି । ପ୍ରଶାସନିକ, ସାମ୍ବାଦିକତା ଓ ପରିବହନରେ ସମସ୍ୟାର ସମାଧାନ ହୋଇଯିବ ।

# ଗଜାନନ ଅଗ୍ରପୂଜ୍ୟ କାହିଁକି ?

ଥରେ ଗଣେଶ ଏବଂ ତାଙ୍କ ବଡ ଭାଇ କାର୍ତ୍ତିକେୟ, ମାତା ପାର୍ବତୀ ଏବଂ ପିତା ଭଗବାନ ଶିବଙ୍କ ନିକଟରେ ପହଞ୍ଚିଲେ । ଶ୍ରୀଗଣେଶ ବୁଦ୍ଧି ଏବଂ କାର୍ତ୍ତିକେୟ ବଳରେ କେହି କାହାକୁ କମ୍ ନଥିଲେ । ଦୁହିଁଙ୍କ, ମଧ୍ୟରେ ଶ୍ରେଷ୍ଠ କିଏ, ତାହାର ପରୀକ୍ଷା କରିବା ଲାଗି ଦୁହେଁ ଅନୁରୋଧ କଲେ । ମହାଦେବ ଏହି କଠିନ ପରୀକ୍ଷାର ଦାୟିତ୍ୱ ନେଲେ । ସେ କହିଲେ ଯେ ଯିଏ ୭ଥର ଧରତ୍ରୀ ପରିକ୍ରମା କରିବ, ସେ ସର୍ବଶ୍ରେଷ୍ଠ ତଥା ଅଗ୍ରପୂଜ୍ୟ ହେବ । ପରୀକ୍ଷା ଆରମ୍ଭ ହେବା ମାତ୍ରେ ଦେବାତାଙ୍କ ସେନାପତି ତଥା ମଙ୍ଗଳ ଗ୍ରହର ସାମୀ କାର୍ତ୍ତିକେୟ ନିଜ ବାହନ ମୟୂର ପିଠିରେ ବସି ଅତିଶୀଘ୍ର ପୃଥିବୀ ପରିକ୍ରମା ନିମନ୍ତୋ ଆଗେଇ ଗଲେ । କିନ୍ତୁ ଗଣେଶ ଚିନ୍ତାରେ ପଡିଗଲେ । ସେ ନିଜ ବାହନ ମୂଷାକୁ ଦେଖି ଭାବେଲେ, ଯଦି ମୁଁ ହାରି ଯାଏ । ତା ହେଲେ କଣ ହେବ ? ଏହି ସମୟରେ ତାଙ୍କର ମନେ ପଡିଲା ଯେ ମାତା, ଧରିତ୍ରୀ ଠାରୁ ବଡ ଏବଂ ପିତା ଆକାଶ ଠାରୁ ଉଚ୍ଚ । ଏଣୁ ଅତିଶୀଘ୍ର ସେ ମାତାପିତାଙ୍କ ପରିକ୍ରମା ଆରମ୍ଭ କରିଦେଲେ । ଏହି ପରିବୁଦ୍ଧିର ଦେବତା ଶ୍ରୀଗଣେଶ ଏହି ବାଜି ଜିତିଗଲେ । ବିଘ୍ନରୁ ମୁକ୍ତି ମିଳିଲା । କାର୍ତ୍ତିକେୟ ଆସିବା ପରେ ଯେତେବେଳେ ଗଣେଶଙ୍କ ବୁଦ୍ଧିମତା ସମ୍ପନ୍ନ କାର୍ଯ୍ୟ ବିଷୟରେ ଶୁଣିଲେ, ଯୁକ୍ତି ନିମନ୍ତେ ତାଙ୍କ ପାଖରେ ଆଉ କୌଣସି ତର୍କ ନଥିଲା। କୁହାଯାଏ, ମାତା ପିତାଙ୍କ ଉପରେ ରାଗି ସେ ଦକ୍ଷିଣ ଦିଗକୁ ଚାଲିଯାଇଥିଲେ ।

# କୋଇଲା ବ୍ୟବହୃତ ପ୍ରସ୍ତୁତ ଭୋଜନ ହାନିକାରକ

ଭୋଜନ ପ୍ରସ୍ତୁତ ନିମନ୍ତେ ଦୀର୍ଘ ସମୟ ପର୍ଯ୍ୟନ୍ତ କୋଇଲାର ବ୍ୟବହାର ଯୋଗୁ ହୃଦ୍‌ରୋଗ ସମ୍ବନ୍ଧୀୟ ସମସ୍ୟାରେ ମୃତ୍ୟୁ ଆଶଙ୍କା ବଢ଼ିଥାଏ । ଏକ ନୂତନ ଗବେଷଣାରୁ ଏହା ଜଣାପଡ଼ିଛି । ବ୍ରିଟେନ୍‌ର ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଡିରେକ୍ ବେନେଟ୍‌ଙ୍କ ମତରେ, ଗବେଷଣାରୁ ପରାମର୍ଶ ଦିଆଯାଇଛି ଯେ, ଯେଉଁ ଲୋକମାନେ ଖାଦ୍ୟ ପ୍ରସ୍ତୁତି ପାଇଁ କୋଇଲାର ବ୍ୟବହାର କରୁଛନ୍ତି, ସେମାନେ ତୁରନ୍ତ ଗ୍ୟାସ୍‌ର ଉପଯୋଗ କରନ୍ତୁ । ହୃତ୍‌ପିଣ୍ଡ କିମ୍ବା ରକ୍ତ ବାହିକା ସହ ଜଡ଼ିତ ରୋଗ ଏବେ ପୂରା ଦୁନିଆରେ ଅକାଳ ମୃତ୍ୟୁର ଏକ ପ୍ରମୁଖ କାରଣ ସାଜିଛି । କାରଣ କୋଇଲା ବ୍ୟବହାରରେ ପ୍ରସ୍ତୁତ ଖାଦ୍ୟ ଯୋଗୁ ବାୟୁ ପ୍ରଦୂଷଣ ବୃଦ୍ଧି ପାଇଥାଏ । ୨୦୦୪ ରୁ ୨୦୦୮ ପର୍ଯ୍ୟନ୍ତ ଚୀନ୍‌ର ଦଶଟି ଇଲାକାରୁ ହୃଦ୍‌ରୋଗରେ ପୀଡ଼ିତ ୩୦ ରୁ ୭୯ ବର୍ଷ ବୟସର ପ୍ରାୟ ୩,୪୧,୭୩୦ ଲୋକଙ୍କୁ ସାମିଲ କରାଯାଇଥିଲା । ସେମାନଙ୍କୁ ଗବେଷଣାରେ ଖାଦ୍ୟ ପ୍ରସ୍ତୁତିର ମାଧ୍ୟମ ସମ୍ପର୍କରେ ପ୍ରଶ୍ନ କରାଯାଇଥିଲା । ଉତ୍ତର ଥିଲା କୋଇଲା । ପରୀକ୍ଷଣରୁ ଜଣାପଡ଼ିଥିଲା, କୋଇଲାରୁ ଉତ୍ପନ୍ନ ବାୟୁ ପ୍ରଦୂଷଣ ଯୋଗୁ ସେମାନଙ୍କଠାରେ ହୃଦ୍‌ରୋଗ ଆଶଙ୍କା ବଢ଼ିଥିଲା ।

# ଆନ୍ତର୍ଜାତିକ ଯୋଗ ଦିବସ

'ଯୋଗ ହିଁ ଜୀବନ' ଏହିପରି କିଛି ବାର୍ତ୍ତା ନେଇ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ବିଶ୍ୱସ୍ତରରରେ ଯୋଗର ମାହାତ୍ମ୍ୟକୁ ପ୍ରତିପାଦନ କରିବା ଉଦ୍ଦେଶ୍ୟ ନେଇ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରିବା ପାଇଁ ମିଳିତ ଜାତିସଂଘକୁ ଏକ ପ୍ରସ୍ତାବ ଦେଇଥିଲେ । ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ୨୭ ସେପ୍ଟେମ୍ବର ୨୦୧୪ ମିଳିତ ଜାତିସଂଘର ମହାସଭାରେ ଯୋଗର ମାହାତ୍ମ୍ୟକୁ ପ୍ରକାଶ କରିବାପରେ ୧୧ ଡିସେମ୍ବର ୨୦୨୪ରେ ୧୭୭ ସଦସ୍ୟଙ୍କ ସମର୍ଥନରେ ମିଳିତ ଜାତିସଂଘ ପ୍ରତିବର୍ଷ ଜୁନ୍ ୨୧ରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରିବା ପାଇଁ ଘୋଷଣା କରିଥିଲା । ନରେନ୍ଦ୍ର ମୋଦିଙ୍କର ୯୦ ଦିନ ଭିତରେ ଏହି ପ୍ରସ୍ତାବକୁ ପୂର୍ଣ୍ଣ ବହୁତମ ମିଳିଥିଲା । ଏହାପରେ କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ପ୍ରଥମ ଆନ୍ତର୍ଜାତିକ ଯୋଗ ଦିଗସକୁ ୨୧ ଜୁନ୍ ୨୦୧୫ରେ ନୂଆଦିଲ୍ଲୀର ରାଜପଥରେ ସଫଳତା ପୂର୍ବକ ଆୟୋଜନ କରିଥିଲେ । ଏଥିରେ ୩୫,୯୮୫ ଜଣ ଲୋକ ଭାଗ ନେଇଥିଲେ , ଯାହା ଏକ ବିଶ୍ୱ ରେକର୍ଡ ଥିଲା । ସେହିପରି ଗୋଟିଏ ଅଭ୍ୟାସ ଅଧିବେଶନରେ ୮୪ଟି ଦେଶର ନାଗରିକ ଭାଗ ନେଇଥିଲେ ।




## ଫିଲ୍ମ ଟକ୍

# ଲୁଚି ଲୁଚି ବାହା ହେଲେ ଗେହନା ବଶିଷ୍ଟ

ବେହନ' ଏବଂ 'ଗନ୍ଦି ବାତ୍' ଭଳି ଶୋ'ରେ ନଜର ଆସିଥିବା ଅଭିନେତ୍ରୀ ଗେହନା ବଶିଷ୍ଠ । ଏକ ନିକାହ ସମାରୋହରେ ସେ ବିବାହ କରିଛନ୍ତ । ଗେହନା ଅଭିନେତା-ପ୍ରେମିକା ଫୈଜାନ୍ ଅନସାରୀଙ୍କ ସହ ନିକାହ କରି ଇସଲାମ ଧର୍ମ ଗ୍ରହଣ କରିଛନ୍ତି । ଏଥି ସହିତ ସୋସିଆଲ ମିଡିଆରେ ନବ ବିବାହିତ ଦମ୍ପତିଙ୍କ ଫଟୋ ଭାଇରାଲ ହେବାରେ ଲାଗିଛି । ରାଜ କୁନ୍ଦ୍ରାଙ୍କ ସହ ଜଡିତ ଏକ ଅଶ୍ଳୀଳ ମାମଲାରେ ଗିରଫ ହେବା ପରେ ୨୦୨୧ ମସିହାରେ ଗେହନା ଲୋକଲୋଚନକୁ ଆସିଥିଲେ । ପରେ ଏହି ମାମଲାରେ ସେ ଜାମିନ ପାଇଥିଲେ । ସୋସିଆଲ ମିଡିଆରେ ଗେହନାଙ୍କ ବିବାହର ଫଟୋ ଭାଇରାଲ ହେବାରେ ଲାଗିଛି । ତାଙ୍କ ବିବାହ ପାଇଁ ଗେହନା ଏକ ନାଲି ପୋଷାକ ପିନ୍ଧିଥିବାବେଳେ ତାଙ୍କ ସାମୀ ଫୈଜାନ୍ ଏକ କଳା ଶେରୱାନି ପିନ୍ଧିଛନ୍ତି । ଅନ୍ୟପକ୍ଷରେ, ହିନ୍ଦୁସ୍ତାନଙ୍କ ରିପୋର୍ଟ ଅନୁଯାୟୀ, ଅଭିନେତ୍ରୀଙ୍କ ନିକଟ ସୂତ୍ର କହିଛି ଯେ ଗେହନା ଏବଂ ଫୈଜାନ୍ ପରସ୍ପରକୁ ବହୁତ ଭଲ ପାଆନ୍ତି । ଏକ ସୋରର୍ସରୁ ଜଣାପଡିଛି ଯେ ଗେହନା ବିବାହ ପାଇଁ ଧର୍ମ ପରିବର୍ତ୍ତନ କରିନାହାଁନ୍ତି । କିନ୍ତୁ ଏହା ତାଙ୍କର ନିଜର ବ୍ୟକ୍ତିଗତ ପସନ୍ଦ ।ଗେହନାଙ୍କ ସ୍ୱାମୀ ଫୈଜାନ ଅନସାରୀ ଜଣେ ସୋସିଆଲ୍ ମିଡିଆ ଇନଫ୍ଲୁଏନ୍ସର ଏବଂ ଆମାଜନ ମିନିଟିଭିଟିଆଲିଟି ସୋ ଡେଟବାଜୀରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳିଥିଲା । ଗେହନା ଜଣେ ଅଭିନେତ୍ରୀ-ମଡେଲ ଏବଂ ହିନ୍ଦୀ ଏବଂ ତେଲୁଗୁ ଚଳଚ୍ଚିତ୍ରରେ ଆଇଟମ୍ ଡ୍ୟାନ୍ସ କରିଛନ୍ତି ।'

# କଏଦୀଙ୍କ ଆସ୍ଥାର ପ୍ରତୀକ ହାତକଡ଼ି ମନ୍ଦିର

ଏ କଥା ସମସ୍ତଙ୍କୁ ଜଣା ଯେ, ଭଗବାନଙ୍କ ଦୁଆରକୁ ଭକ୍ତ ନିଜ ମନସ୍କାମନା ପୂର୍ଣ୍ଣ ଲାଗି ପ୍ରାର୍ଥନା କରିବାକୁ ଆସିଥାଏ । ତାହା ପୂର୍ଣ୍ଣ ହେଲେ ନିଜ ଇଚ୍ଛାନୁସାରେ ଭେଟି ଚଢ଼ାଇଥାଏ । କିନ୍ତୁ ଏ ଖବର ଆପଣଙ୍କୁ ଆଶ୍ଚର୍ଯ୍ୟରେ ପକାଇପାରେ । କାରଣ ଏହା ସାଧାରଣ ମଣିଷଙ୍କ ପାଇଁ ନୁହେଁ ବରଂ ଜେଲ୍‌ରେ ବନ୍ଦୀଥିବା କଏଦୀଙ୍କ ସହ ଜଡ଼ିତ । ମଧ୍ୟପ୍ରଦେଶର ନୀମଚ ଜିଲ୍ଲା ମୁଖ୍ୟାଳୟଠାରୁ ୩୦ କିମି ଦୂରରେ ଅବସ୍ଥିତ ଖାଖର୍ ଦେବ ମନ୍ଦିର ନିଜର ନିଆରା ଶ୍ରଦ୍ଧା ପାଇଁ ପ୍ରସିଦ୍ଧ । ଏଠାରେ ସାଧାରଣ ଭକ୍ତଙ୍କ ବ୍ୟତୀତ ଅପରାଧୀ ଏବଂ କଏଦୀ ମଧ୍ୟ ପୂଜା କରିବାକୁ ଆସିଥାନ୍ତି । କୁହାଯାଏ, ଅପରାଧୀ ଜେଲ୍‌ରୁ ମୁକୁଳିବାକୁ ଏହି ମନ୍ଦିରକୁ ପ୍ରାର୍ଥନା କରିବାକୁ ଆସିଥାନ୍ତି । ସବୁଠୁ ବଡ଼ ଆଶ୍ଚର୍ଯ୍ୟର କଥା, ଏଠାକୁ ଅନେକ କଏଦୀ ଜେଲ୍‌ରୁ ଫେରାର୍ ହେବାକୁ ମଧ୍ୟ ପ୍ରାର୍ଥନା କରିବାକୁ ଆସନ୍ତି । ମନସ୍କାମନା ପୂର୍ଣ୍ଣ ହେଲେ ହାତକଡ଼ି ଚଢ଼ାଇଥାନ୍ତି ମନ୍ଦିରରେ । ତେଣୁ ଏହାକୁ ଅନେକ ହାତକଡ଼ି ମନ୍ଦିର ବୋଲି ମଧ୍ୟ କହନ୍ତି । ଗତ ୫୦ବର୍ଷର ଊର୍ଦ୍ଧ୍ୱ ସମୟ ହେବ ମନ୍ଦିରରେ ହାତକଡ଼ି ଚଢ଼ାଯାଉଛି ।

# ପ୍ରଥମ ନନ୍ ମେଲ୍‌ଟିଂ ଆଇସ୍‌କ୍ରୀମ୍

ଗରମ ଦାଉରୁ ରକ୍ଷା ପାଇବାକୁ ଯଦି ହାତରେ ଗୋଟିଏ ଆଇସ୍‌କ୍ରୀମ୍ ଧରାଇ ଦିଆଯାଏ, ତେବେ ମନକୁ ଟିକିଏ ଶାନ୍ତି ମିଳିଯାଏ । କିନ୍ତୁ ଚିନ୍ତା କେବଳ ଏତିକି ଥାଏ, ଆଇସ୍‌କ୍ରୀମ୍ ଖୁବ୍ ଶୀଘ୍ର ତରଳିଯାଏ । ଯଦ୍ୱାରା ବେଶୀ ସମୟ ଏହାର ମଜା ଉଠାଇବା ଅସମ୍ଭବ ହୋଇପଡ଼େ । ଏହାକୁ ନେଇ ଆଇସ୍‌କ୍ରୀମ୍‌ପ୍ରେମୀଙ୍କ ମନ ଉଣା ହୋଇଯାଏ । ଏହି ସମସ୍ୟାର ସମାଧାନ କରିବାକୁ ଲଣ୍ଡନ୍‌ର ଫୁଡ୍ ଷ୍ଟୁଡିଓ ଏଭଳି ଆଇସ୍‌କ୍ରୀମ୍ ତିଆରି କରିଛି, ଯାହା ପ୍ରାୟ ୧ ଘଣ୍ଟା ପର୍ଯ୍ୟନ୍ତ ତରଳିବାର ନାଁ ନେବନାହିଁ । ଏହି ଖାସ୍ କିସମର ଆଇସ୍‌କ୍ରୀମ୍ ତିଆରି ପାଇଁ କମ୍ପାନୀ କୌଣସି ପ୍ରକାରେ ଆଧୁନିକ କୌଶଳର ଉପଯୋଗ କରିନାହିଁ । ଏଥିପାଇଁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର କୌଶଳ ଆପଣାଯାଇଛି । ସେତେବେଳେ ଦୀର୍ଘ ସମୟ ପର୍ଯ୍ୟନ୍ତ ଜମି ରହୁଥିବା ବରଫ ଏବଂ ଫ୍ରୋଜେନ୍ ଫୁଡ୍‌ରୁ ଏହି ଉପାୟ ବାହାର କରିଛି କମ୍ପାନୀ । ଏହି କୌଶଳ ଅନୁସାରେ ଲୋକେ ଆଇସ୍‌କ୍ରୀମ୍‌ର ସ୍ୱାଦ ଘଣ୍ଟାଏ ପର୍ଯ୍ୟନ୍ତ ଉଠାଇପାରିବେ । ଏହି କୌଶଳରେ ପ୍ରସ୍ତୁତ ଆଇସ୍‌କ୍ରୀମ୍‌କୁ ଦୁନିଆର ପ୍ରଥମ ନନ୍ ମେଲ୍‌ଟିଂ ଆଇସ୍‌କ୍ରୀମ୍ ନାମରେ ନାମିତ କରାଯାଇଛି ।

# କାହାର ସ୍ଥାନ ନେବାକୁ ଚାହୁଁନାହିଁ: ମୋଦୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକାକୁ ଗସ୍ତରେ ଯାଇଛନ୍ତି । ଏହା ହେଉଛି ପ୍ରଧାନମନ୍ତ୍ରୀ ମୋଦିଙ୍କର ସ୍ୱତନ୍ତ୍ର ଗସ୍ତ, ଯେଉଁଥି ପାଇଁ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ଏବଂ ଫାଷ୍ଟ ଲେଡି ଜିଲ ବାଇଡେନ ତାଙ୍କୁ ନିମନ୍ତ୍ରଣ କରିଥିଲେ । ଏହି ଐତିହାସିକ ଗସ୍ତ ପୂର୍ବରୁ ମୋଦୀ ଆମେରିକାର ଅଗ୍ରଣୀ ଖବରକାଗଜ ଓ୍ୱାଲ ଷ୍ଟ୍ରିଟ ଜର୍ଣ୍ଣାଲକୁ ଏକ ସ୍ୱତନ୍ତ୍ର ସାକ୍ଷାତକାର ଦେଇଛନ୍ତି । ଏହି ସାକ୍ଷାତକାରରେ ପ୍ରଧାନମନ୍ତ୍ରୀ ବିଶ୍ୱ ରାଜନୀତିରେ ଭାରତର ଭୂମିକା, ମିଳିତ ଜାତିସଂଘ ସୁରକ୍ଷା ପରିଷଦର ସମ୍ପ୍ରସାରଣ ଏବଂ ଚାଇନା ସହିତ ସମ୍ପର୍କ ବିଷୟରେ କହିଥିଲେ । ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଆମେରିକା ଏବଂ ଭାରତର ନେତାଙ୍କ ମଧ୍ୟରେ ଅଦ୍ଭୁତ ବିଶ୍ୱାସ ରହିଛି । ବିଶ୍ୱ ରାଜନୀତିରେ ଭାରତର ଭୂମିକା ବିଷୟରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଭାରତ ଏକ ଉଚ୍ଚ, ଗଭୀର ଏବଂ ବ୍ୟାପକ ପ୍ରୋଫାଇଲ ଏବଂ ଏକ ଭୂମିକା ପାଇବାକୁ ଯୋଗ୍ୟ । ଭାରତ କୌଣସି ଦେଶର ସ୍ଥାନ ନେବାକୁ ଚେଷ୍ଟା କରୁନାହିଁ । ଏହି ପ୍ରକ୍ରିୟାକୁ ଭାରତ ବିଶ୍ୱରେ ନିଜର ଉପଯୁକ୍ତ ସ୍ଥାନ ପାଇବା ଭଳି ଦେଖାଯିବା ଉଚିତ । ସେ କହିଛନ୍ତି, ଆଜି ବିଶ୍ୱ ଅଧିକ ପରସ୍ପର ସହ ଜଡିତ ଏବଂ ପରସ୍ପର ଉପରେ ନିର୍ଭରଶୀଳ । ବିଶ୍ୱକୁ ସ୍ଥିର କରିବା ପାଇଁ ଯୋଗାଣ ଶୃଙ୍ଖଳା ଅଧିକ ବିବିଧ ହେବା ଆବଶ୍ୟକ ।

ଅନ୍ୟ ପକ୍ଷରେ ଏହି ଗସ୍ତ ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ବାଣ୍ଟି ବୈଦେଶିକ ସଚିବ ବିନୟ ମୋହନ କ୍ୱାତ୍ରା କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦିଙ୍କ ଏହି ଗସ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବୈଦେଶିକ ସଚିବ କହିଛନ୍ତି , ଜୁନ ୨୨ରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ହ୍ୱାଇଟ ହାଉସରେ ସ୍ୱାଗତ କରାଯିବ । ଏହା ପରେ ଦୁଇ ନେତାଙ୍କ ମଧ୍ୟରେ ଏକ ପ୍ରତିନିଧୀ ସ୍ତରୀୟ ଦ୍ୱିପାକ୍ଷିକ ବୈଠକ ହେବ । ଏହା ପରେ ପ୍ରଧାନମନ୍ତ୍ରୀ ମୋଦି ଆମେରିକା କଂଗ୍ରେସକୁ ସମ୍ବୋଧିତ କରିବେ । ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦିଙ୍କ ପାଇଁ ରାତ୍ରୀ ଭୋଜନର ଆୟୋଜନ କରିବେ । ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ ମୋଦି ଅନେକ ବଡ ବଡ କମ୍ପାନୀର ଅଧିକାରୀଙ୍କୁ ମଧ୍ୟ ଭେଟିବେ । ବୈଦେଶିକ ସଚିବ କହିଛନ୍ତି, ଏହି ଗସ୍ତ ଆମେରିକା ଏବଂ ଭାରତ ମଧ୍ୟରେ ସମ୍ପର୍କର ଏକ ମାଇଲଖୁଣ୍ଟ ବୋଲି ପ୍ରମାଣିତ ହେବ ।

## ନକଲି ଔଷଧ ଉପରେ ସରକାରଙ୍କ ଶୂନ୍ୟ ସହନଶୀଳ ନୀତି

ନୂଆଦିଲ୍ଲୀ : କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି ଭାରତରେ ନକଲି ଔଷଧ ଉପରେ ଶୂନ୍ୟ ସହନଶୀଳ ନୀତି ଅନୁସରଣ କରାଯାଇଛି । ଭାରତରେ ଅପମିଶ୍ରିତ କଫ ସିରପ ଯୋଗୁଁ ମୃତ୍ୟୁକୁ ନେଇ ଚିନ୍ତା ବଢ଼ିବା ପରେ ୭୧ ଟି କମ୍ପାନୀକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ଏବଂ ସେମାନଙ୍କ ମଧ୍ୟରୁ ୧୮ କମ୍ପାନୀ ବନ୍ଦ କରିବାକୁ କୁହାଯାଇଛି । ଏକ ସ୍ୱତନ୍ତ୍ର ସାକ୍ଷାତକାରରେ କେନ୍ଦ୍ର ମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଦେଶରେ ଗୁଣାତ୍ମକ ଔଷଧ ଉତ୍ପାଦନକୁ ସୁନିଶ୍ଚିତ କରିବା ପାଇଁ ନିରନ୍ତର ବିଶ୍ଳେଷଣ କରାଯାଇଥାଏ । ଏଥିସହ ସରକାର ଏବଂ ନିୟାମକମାନେ ସର୍ବଦା ସଜାଗ ରହିଥାନ୍ତି । ଭାରତ ବିଶ୍ୱସ୍ତରୀୟ ଫାର୍ମାସି ଏବଂ ସମସ୍ତଙ୍କୁ ନିଶ୍ଚିତ କରିବାକୁ ଚାହୁଁଛୁ ଆମେ ଗୁଣବତ୍ତା ଔଷଧ ପ୍ରସ୍ତୁତ କରିଥାଉ । ୨୦୨୨-୨୩ରେ ଭାରତ ୧୭.୬ ବିଲିୟନ ଡ଼ଲାରର କଫ ସିରପ ରପ୍ତାନି କରୁଥିବାବେଳେ ୨୦୨୧-୨୨ ରେ ଏହା ୧୭ ବିଲିୟନ ଡ଼ଲାର ଥିଲା । ମୋଟ ଉପରେ, ଭାରତ ବିଶ୍ୱ ସ୍ତରରେ ଜେନେରିକ ଔଷଧ ଯୋଗାଣକାରୀ, ବିଭିନ୍ନ ଟିକା ପାଇଁ ୫୦ ପ୍ରତିଶତରୁ ଅଧିକ ରପ୍ତାନୀ କରିଥାଏ । ଅପରପକ୍ଷରେ ଆମେରିକା ପ୍ରାୟ ୪୦ ପ୍ରତିଶତ ଜେନେରିକ ଔଷଧ ଏବଂ ବ୍ରିଟେନ ପ୍ରାୟ ୨୫ ପ୍ରତିଶତ ଔଷଧ ରପ୍ତାନୀ କରିଥାଏ । ମାଣ୍ଡବ୍ୟ କହିଛନ୍ତି, ଯେତେବେଳେ ଭାରତୀୟ ଔଷଧ ବିଷୟରେ କିଛି ପ୍ରଶ୍ନ ଉଠିଥାଏ, ସେତେବେଳେ ଆମେ ତଥ୍ୟର ତଳ ସ୍ତରକୁ ଯାଇଥାଉ ।

# ଉପା ତୁଳନାରେ ମୋଦୀ ସରକାର ନିଯୁକ୍ତି ଦେବାରେ ଆଗୁଆ: ଡ. ଜିତେନ୍ଦ୍ର ସିଂହ

ନୂଆଦିଲ୍ଲୀ : ମୋଦୀ ସରକାର ୯ ବର୍ଷର ଶାସନକାଳ ୨୦୧୪ରୁ ୨୦୨୩ ମଧ୍ୟରେ ପ୍ରାୟ ୯ ଲକ୍ଷ ସରକାରୀ ଚାକିରି ଯୋଗାଇ ଦେଇଛନ୍ତି, ଯେତେବେଳେ କି ୨୦୦୪ରୁ ୨୦୧୩ ପର୍ଯ୍ୟନ୍ତ ଉପା ସରକାରଙ୍କ ଶାସନର ୯ ବର୍ଷ ମଧ୍ୟରେ ପ୍ରାୟ ୬ ଲକ୍ଷ ସରକାରୀ ନିଯୁକ୍ତି ପ୍ରଦାନ କରାଯାଇଥିଲା । ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗର ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ), ପରମାଣୁ ଶକ୍ତି ବିଭାଗ ଏବଂ ମହାକାଶ ବିଭାଗ ତଥା କାର୍ମିକ, ଜନ ଅଭିଯୋଗ ଏବଂ ପେନସନ୍ ବିଭାଗ ରାଷ୍ଟ୍ରମନ୍ତ୍ରୀ ଡ ଜିତେନ୍ଦ୍ର ସିଂହ ଆଜି ଏହା କହିଛନ୍ତି । ମୋଦୀ ସରକାରଙ୍କ ନଅ ବର୍ଷ ମଧ୍ୟରେ ନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ଯଥେଷ୍ଟ ବୃଦ୍ଧି ଘଟିଥିବା ମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ୬ଟି ରୋଜଗାର ମେଳାରେ ବହୁ ନିଯୁକ୍ତି ଦିଆଯାଇଛି, ପ୍ରତ୍ୟେକ ଅଭିଯାନରେ ୭୦,୦୦୦ରୁ ଅଧିକ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି । ସବିଶେଷ ତଥ୍ୟ ପ୍ରଦାନ କରି ଡ ସିଂହ କହିଛନ୍ତି ଯେ ଉପାର ପ୍ରଥମ ନଅ ବର୍ଷରେ ପ୍ରଦାନ କରାଯାଇଥିବା ୬,୦୨,୦୪୫ ସରକାରୀ ନିଯୁକ୍ତି ତୁଳନାରେ ଗତ ନଅବର୍ଷରେ ୮,୮୨,୧୯୧ କେନ୍ଦ୍ର ସରକାରୀ ପଦବୀ ପୂରଣ ହୋଇଛି । ତେବେ ପ୍ରଧାନମନ୍ତ୍ରୀ ମୋଦୀ ଯୁବକମାନଙ୍କୁ କେବଳ ସରକାରୀ ଚାକିରି ଉପରେ ନିର୍ଭରଶୀଳ ନ ହୋଇ ବରଂ ଚାକିରି ସୃଷ୍ଟି କରିବାକୁ ମଧ୍ୟ ଜାଗ୍ରତ କରିଛନ୍ତି । ପୂର୍ବରୁ ଅତି କମ୍ ସଂଖ୍ୟକ ଅର୍ଥାତ୍ ୩୫୦ ଷ୍ଟାର୍ଟଅପ୍ ଥିବାବେଳେ ବର୍ତ୍ତମାନ ୧ ଲକ୍ଷ ଷ୍ଟାର୍ଟଅପ୍ ଅଛି । ପ୍ରଧାନମନ୍ତ୍ରୀ ଆମକୁ ଭିଜନ ୨୦୪୭ ପାଇଁ ପ୍ରସ୍ତୁତ କରୁଛନ୍ତି ଯାହାକି ବାକି ବିଶ୍ୱକୁ ଆଗେଇ ନେବ ବୋଲି ସେ କହିଛନ୍ତି ।

## ଉତ୍ତରାଖଣ୍ଡରେ ୟୁନିଫର୍ମ ସିଭିଲ କୋଡରେ କଡା ନିୟମ

ଡେରାଡୁନ : ଆସନ୍ତା ୨୦୨୪ରେ ହୋବାକୁ ଥିବା ଲୋକ ସଭା ନିର୍ବାଚନ ପୂର୍ବରୁ ୟୁନିଫର୍ମ ସିଭିଲ କୋଡ(ୟୁସିସି) ବିଷୟରେ ଆଲୋଚନା ତୀବ୍ର ହୋଇଛି । ଭାଜପା ଶାସିତ ରାଜ୍ୟମାନଙ୍କରେ ଏ ବିଷୟରେ ଅନେକ ଆଲୋଚନା ହେଉଛ । ଏହି ସମୟରେ ଉତ୍ତରାଖଣ୍ଡ ଦେଶର ପ୍ରଥମ ରାଜ୍ୟ ହେବାକୁ ଯାଉଛି ଯେଉଁଠାରେ ୟୁନିଫର୍ମ ସିଭିଲ କୋଡ ଲାଗୁ ହେବ । ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଏହା ଘୋଷଣା କରିଛନ୍ତି । ବର୍ତ୍ତମାନ ଉତ୍ତରାଖଣ୍ଡରେ କାର୍ଯ୍ୟକାରୀ ହେବାକୁ ଥିବା ୟୁନିଫର୍ମ ସିଭିଲ କୋଡ ବିଷୟରେ କିଛି ଜିନିଷ ସାମ୍ନାକୁ ଆସିଛି ଯେଉଁଥିରେ କୁହାଯାଇଛି ଯେ ଏହି ଆଇନ ଅନୁଯାୟୀ କ'ଣ ଘଟିବ ଏବଂ ଉଲ୍ଲଂଘନ ପାଇଁ କେଉଁ ଅଧିକାର ଛଡ଼ାଯିବ । ଏହି ନିୟମ ଅନୁଯାୟୀ ବାହାରକୁ ଆସିଥିବା ବ୍ୟବସ୍ଥା ବହୁତ କଠୋର ଅଟେ । ଏହି ବିଲ ଅନୁଯାୟୀ, ଯେଉଁମାନେ ଦୁଇ ପିଲାଙ୍କ ନିୟମ ଉଲ୍ଲଂଘନ କରୁଛନ୍ତି ସେମାନଙ୍କୁ ଭୋଟ ଦେବାର ଅଧିକାର ଦିଆଯିବ ନାହିଁ । ଏହା ବ୍ୟତୀତ ସରକାରୀ ସୁବିଧା ଅଧିକାର ମଧ୍ୟ ଛଡ଼ାଇ ନିଆଯାଇପାରେ ।

## ଟାଇଟାନିକର ଧ୍ୱଂସାବଶେଷ ଦେଖିବାକୁ ଯାଇଥିବା ପର୍ଯ୍ୟଟନ ବୁଡ଼ାଜାହାଜ ନିଖୋଜ



ୱାଶିଂଟନ: ଆଟଲାଣ୍ଟିକ ମହାସାଗରରେ ଟାଇଟାନିକର ଧ୍ୱଂସାବଶେଷ ଦେଖିବାକୁ ଯାଇଥିବା ଏକ ପର୍ଯ୍ୟଟନ ବୁଡ଼ାଜାହାଜ ନିଖୋଜ ହୋଇଯାଇଥିଲା । କୁହାଯାଉଛି ଯେ ଏହି ବୁଡ଼ାଜାହାଜରେ ଜଣେ ପାଇଲଟ ଏବଂ ଚାରିଜଣ ପର୍ଯ୍ୟଟକ ଥିଲେ । ଏହି ଲୋକମାନଙ୍କ ମଧ୍ୟରେ ବ୍ରିଟିଶ ବିଲିୟନେୟାର ହମିଶ ହାର୍ଡିଂ ମଧ୍ୟ ଅନ୍ତର୍ଭୁକ୍ତ । ଏଠାରେ, ବୁଡ଼ାଜାହାଜ ବୁଡ଼ିଯିବା ଖବର ପ୍ରସାରିତ ହେବା ମାତ୍ରେ ଆମେରିକା ଏବଂ କାନାଡା ଏକ ସର୍ଚ୍ଚ ଅପରେଶନ ଆରମ୍ଭ କରିଛନ୍ତି । ସୂଚନା ଅନୁଯାୟୀ, ପର୍ଯ୍ୟଟନ ବୁଡ଼ାଜାହାଜ ରବିବାର ଆଟଲାଣ୍ଟିକ ମହାସାଗରରେ ଯାତ୍ରା ଆରମ୍ଭ କରିଥିଲା । ପାଣିରେ ଯାତ୍ରା କରିବାର ପ୍ରାୟ ଅଢ଼େଇ ଘଣ୍ଟା ପରେ ଜାହାଜ ସହିତ ଯୋଗାଯୋଗ ସମ୍ପର୍କ ବିଚ୍ଛିନ୍ନ ହୋଇଥିଲା । ଏହା ନିଖୋଜ ହୋଇଯାଇଥିଲେ । ଏହି ବୁଡ଼ାଜାହାଜ ଖୋଜିବା ପାଇଁ ବହୁତ କମ ସମୟ ଅଛି, କାରଣ ଏଥିରେ କେବଳ ୯୬ ଘଣ୍ଟା ପାଇଁ ଅମ୍ଳଜାନ ମହଜୁଦ ଅଛି ।

## ସୀମିତ ଇଣ୍ଟରନେଟ ସେବା ଯୋଗାଇବାକୁ ମଣିପୁର ସରକାରଙ୍କୁ ନିର୍ଦ୍ଦେଶ

ଇମ୍ଫାଲ : ବିଭିନ୍ନ ବ୍ୟକ୍ତିଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅନୁରୋଧ ପରେ ମଣିପୁର ହାଇକୋର୍ଟ ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶରେ ମଙ୍ଗଳବାର ରାଜ୍ୟ କର୍ତ୍ତୃପକ୍ଷଙ୍କୁ ସେମାନଙ୍କ ନିୟନ୍ତ୍ରଣରେ ଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଜନସାଧାରଣଙ୍କୁ ସୀମିତ ଇଣ୍ଟରନେଟ ସେବା ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜୁନ ୨୩ରେ ହାଇକୋର୍ଟ ଏହି ମାମଲାର ଶୁଣାଣି କରିବେ । ବିଶେଷକରି ଛାତ୍ରୀଛାତ୍ରଙ୍କ ଆଡମିଶନ ପ୍ରକ୍ରିୟାକୁ ନେଇ ଜନସାଧାରଣ ସମ୍ମୁଖୀନ ହେଉଥିବା କଷ୍ଟକୁ ହାଇକୋର୍ଟ ଧ୍ୟାନ ଦେଇଥିଲେ ଏବଂ ଜନସାଧାରଣଙ୍କୁ ସେମାନଙ୍କର ତୁରନ୍ତ ତଥା ଅତ୍ୟାବଶ୍ୟକ ସେବା ପୂରଣ କରିବା ଉପରେ ବିଚାର କରିଛନ୍ତି ।

# ଚୀନ ଉପରେ ନଜର ରଖିବାକୁ ଭିଏତନାମକୁ ଭାରତ ଦେବ ଆଇଏନଏସ୍ କୃପାଣ

ନୂଆଦିଲ୍ଲୀ: ଚୀନ୍ ସହ ଚାଲିଥିବା ଉତ୍ତେଜନା ମଧ୍ୟରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛି । ଭାରତୀୟ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଭିଏତନାମର ପ୍ରତିରକ୍ଷା ମନ୍ତ୍ରୀ ଜେନେରାଲ ଫାନ ଓ୍ୱାନ ଜିଆଙ୍ଗଙ୍କ ସହ ଆଲୋଚନା କରି ଘୋଷଣା କରିଛନ୍ତି ଯେ ଭିଏତନାମର ନୌସେନାକୁ ଭାରତ ସ୍ୱଦେଶୀ ନିର୍ମିତ କ୍ଷେପଣାସ୍ତ୍ର ଯୁଦ୍ଧ ଜାହାଜ ଆଇଏନଏସ କୃପାଣ ଉପହାର ଦେବ । ଜିଆଙ୍ଗ ଦୁଇ ଦିନିଆ ଭାରତ ଗସ୍ତରେ ଆସିଥିବାବେଳେ ପ୍ରତିରକ୍ଷା ମନ୍ତ୍ରୀ ଏହି ଘୋଷଣା କରିଛନ୍ତି । ବାସ୍ତବରେ ଚୀନ୍ର ବଢୁଥିବା ପ୍ରଭାବ ମଧ୍ୟରେ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ମଜବୁତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି । ବାସ୍ତବରେ ଦକ୍ଷିଣ ଚୀନ୍ ସାଗରରେ ଚୀନ୍ର ପ୍ରଭାବ କ୍ରମାଗତ ଭାବେ ବୃଦ୍ଧି ପାଉଛି । ଏହାକୁ ଦୃଷ୍ଟିରେ ରଖି ଭାରତର ଏହି ପଦକ୍ଷେପକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି ଯେ ଭିଏତନାମର ନୌସେନାର ଦକ୍ଷତା ବୃଦ୍ଧି ଦିଗରେ ସ୍ୱଦେଶୀ ନିର୍ମିତ କ୍ଷେପଣାସ୍ତ୍ର ଯୁଦ୍ଧ ଜାହାଜ ଆଇଏନଏସ କୃପାଣ ଏକ ମାଇଲଖୁଣ୍ଟ ହେବ । ଏହି ଅବସରରେ ପ୍ରତିରକ୍ଷା ମୁଖ୍ୟ (ସିଡିଏସ୍) ଜେନେରାଲ ଅନିଲ ଚୌହାନ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟର ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ । ଜେନେରାଲ ଜିଆଙ୍ଗ ଦୁଇ ଦିନିଆ ଗସ୍ତରେ ୧୮ ଜୁନରେ ଭାରତ ଆସିଥିଲେ । ଉଲ୍ଲେଖ ଥାଉ କି ଆଇଏନଏସ କୃପାଣର ଓଜନ ୧୩୫୦ ଟନ ହୋଇଥିବାବେଳେ ଏହା ସମୁଦ୍ରରେ ଘଣ୍ଟା ପ୍ରତି ୪୬ କିଲୋମିଟର ବେଗରେ ଯାତ୍ରା କରିପାରିବ । ଏଥିରେ ୩୦ ଏମଏମ କ୍ଲୋଜ ରେଞ୍ଜ ବନ୍ଧୁକ ସହ କ୍ଷେପଣାସ୍ତ୍ର ମଧ୍ୟ ରହିଛି । ୧୯୯୧ ମସିହାରେ ଏହାକୁ ଭାରତୀୟ ନୌସେନାରେ ସାମିଲ କରାଯାଇଥିଲା ।

## ବିବାହ ପରେ ଶାରୀରିକ ସମ୍ପର୍କ ନ ରଖିବା କ୍ରୁରତା ନୁହେଁ: କର୍ଣ୍ଣାଟକ ହାଇକୋର୍ଟ

ବେଙ୍ଗାଲୁରୁ: ବିବାହ ପରେ ଶାରୀରିକ ସମ୍ପର୍କ ନ ରଖିବା କ୍ରୁରତା ନୁହେଁ । ଏକ ମାମଲାର ଶୁଣାଣି କରି କର୍ଣ୍ଣାଟକ ହାଇକୋର୍ଟ ଏହା କହିଛନ୍ତି । କର୍ଣ୍ଣାଟକ ହାଇକୋର୍ଟ କହିଛନ୍ତି ଯେ ବିବାହ ପରେ ସ୍ୱାମୀ ଶାରୀରିକ ସମ୍ପର୍କ ରଖିବାକୁ ମନା କରିବା

ଆଇପିସିର ଧାରା ୪୯୮ଏ ଅନୁଯାୟୀ କ୍ରୁରତା ନୁହେଁ । କର୍ଣ୍ଣାଟକ ହାଇକୋର୍ଟ କହିଛନ୍ତି ଯେ ହିନ୍ଦୁ ବିବାହ ଆଇନ-୧୯୯୫ ଅନୁଯାୟୀ ଏହା ନିଷ୍ଠୁରତା । ଏହା ସହିତ ହାଇକୋର୍ଟ ୨୦୨୦ ମସିହାରେ ଜଣେ ବ୍ୟକ୍ତି ଏବଂ ତାଙ୍କ ପିତାମାତାଙ୍କ ବିରୋଧରେ ବ୍ୟକ୍ତିଙ୍କ ପତ୍ନୀ ଦାଖଲ କରିଥିବା ଏକ ଅପରାଧିକ ମାମଲାକୁ ଖାରଜ କରିଦେଇଥିଲେ । ପରିବାର ବିରୋଧରେ ଦାଖଲ ହୋଇଥିବା ଚାର୍ଜସିଟକୁ କର୍ଣ୍ଣାଟକ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା । ଏହି ମାମଲାର ଶୁଣାଣି କରି ଜଷ୍ଟିସ୍ ଏମ ନାଗପ୍ରସନ୍ନା କହିଛନ୍ତି ଯେ ଆବେଦନକାରୀଙ୍କ ବିରୋଧରେ ଏକମାତ୍ର ଅଭିଯୋଗ ହେଉଛି ଯେ ସେ ଆଧ୍ୟାତ୍ମିକ ଚିନ୍ତାଧାରାର ଅନୁଗାମୀ ହୋଇଥିବାରୁ ବିଶ୍ୱାସ କରନ୍ତି ଯେ ପ୍ରେମ କଦାପି ଶାରୀରିକ ସମ୍ପର୍କ ଉପରେ ଆଧାରିତ ନୁହେଁ, ପ୍ରେମ କେବଳ ଦୁଇଟି ଆତ୍ମାର ମିଳନ ହୋଇଥାଏ । ଜଷ୍ଟିସ୍ ଏମ ନାଗପ୍ରସନ୍ନା କହିଛନ୍ତି, 'ସେ (ସ୍ୱାମୀ) ନିଜ ପତ୍ନୀଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ କେବେ ଇଚ୍ଛା କରିନଥିଲେ । ଯାହା ନିଶ୍ଚିତ ଭାବରେ ହିନ୍ଦୁ ବିବାହ ଆଇନର ଧାରା ୧୨ (୧) ଅନୁଯାୟୀ କ୍ରୁରତା କିନ୍ତୁ ଏହା ଆଇପିସିର ଧାରା ୪୯୮ଏ ଅନୁଯାୟୀ ବ୍ୟାଖ୍ୟା କରାଯାଇଥିବା ନିଷ୍ଠୁରତା ନୁହେଁ । ହାଇକୋର୍ଟ ଏହା ମଧ୍ୟ କହିଛନ୍ତି ଯେ ଛାଡପତ୍ର ପାଇଁ ପରିବାର କୋର୍ଟ ଶାରୀରିକ ସମ୍ପର୍କକୁ ନିଷ୍ଠୁରତା ବୋଲି ବିବେଚନା କରନ୍ତି । ଏହି ଆଧାରରେ ଅପରାଧିକ ପ୍ରକ୍ରିୟା ଜାରି ରଖିବାକୁ ଅନୁମତି ଦେବା ଆଇନର ଅପବ୍ୟବହାରର ପରିମାଣ ହେବ ।

## ରାଜସ୍ଥାନ ପାଇଁ ରଣନୀତି ପ୍ରସ୍ତୁତ କରୁଛି ଭାଜପା

ଜୟପୁର : ଚଳିତ ବର୍ଷ ଶେଷ ସୁଦ୍ଧା ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ, ତେଲଙ୍ଗାନା ଏବଂ ମଣିପୁରରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ । ନିର୍ବାଚନକୁ ଦୃଷ୍ଟିରେ ରଖି ଭାଜପା ନେତୃତ୍ୱ ଏକ ରଣନୀତି ପ୍ରସ୍ତୁତ କରିଛନ୍ତି । ଭାଜପା ରଣନୀତିରେ ଦୁଇଟି ଜିନିଷ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ଏଥିରେ ପ୍ରଥମ କଥା ହେଉଛି ଏହି ପାଞ୍ଚଟି ରାଜ୍ୟରେ ନିର୍ବାଚନ ସାମୂହିକ ନେତୃତ୍ୱରେ ଲଢେଇ ହେବ । କୌଣସି ନେତାଙ୍କୁ ମୁଖ୍ୟମନ୍ତ୍ରୀ ପଦର ଚେହେରା କରାଯିବନାହିଁ । ନିର୍ବାଚନ ସମୟରେ ସ୍ଥାନୀୟ ପ୍ରସଙ୍ଗ ଉପରେ ଧ୍ୟାନ ଦିଆଯିବ । ରାଜ୍ୟରେ ନେତା ଓ ପ୍ରସଙ୍ଗଗୁଡ଼ିକୁ ଆଗରେ ରଖାଯିବ । ଏହା ସହିତ ଭାଜପା ନିଷ୍ପତ୍ତି ନେଇଛି ଯେ ରାଜସ୍ଥାନରେ ଦଳିତ, ପଛୁଆ ଏବଂ ମହିଳାମାନଙ୍କୁ ରାଜସ୍ଥାନରେ ନିର୍ବାଚନ ପ୍ରସଙ୍ଗ କରିବ । ଭାଜପାର ଜଣେ ବରିଷ୍ଠ ନେତା କହିଛନ୍ତି ଯେ ଛତିଶଗଡ, ରାଜସ୍ଥାନ ଏବଂ ତେଲଙ୍ଗାନାରେ ମୁଖ୍ୟମନ୍ତ୍ରୀ ପ୍ରୋଜେକ୍ଟ କରାଯିବନାହିଁ । ମଧ୍ୟପ୍ରଦେଶ ଏବଂ ମଣିପୁରରେ ଭାଜପା ସରକାର ଅଛି, ତେଣୁ ସେଠାରେ ମୁଖ୍ୟମନ୍ତ୍ରୀଙ୍କ ଚେହେରା ପ୍ରୋଜେକ୍ଟ କରିବାର କୌଣସି ଆବଶ୍ୟକତା ନାହିଁ । ମଧ୍ୟପ୍ରଦେଶରେ ଶିବରାଜ ସିଂ ଚୌହାନଙ୍କ ନେତୃତ୍ୱରେ ନିର୍ବାଚନ ହେବ କି ? ଏହି ପ୍ରଶ୍ନର ଉତ୍ତରରେ ଭାଜପା ନେତା କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ , ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ସମସ୍ତ ବଡ ନେତା ସାମୂହିକ ନେତୃତ୍ୱରେ ଅଛନ୍ତି । ସରଳ ଭାବରେ କହିବାକୁ ଗଲେ ଏହା ହେଉଛି ଭାଜପା ବନାମ କଂଗ୍ରେସ ଲଢେଇ ।

## ଶିଖ ଗୁରୁଦ୍ୱାର ବିଲ୍ ୨୦୨୩ ପାରିତ

ଚଣ୍ଡିଗଡ଼ : ଶିଖ ଗୁରୁଦ୍ୱାର (ସଂଶୋଧନ) ବିଲ ୨୦୨୩ ପଞ୍ଜାବ ବିଧାନସଭାରେ ସର୍ବସମ୍ମତିରେ ପାରିତ ହୋଇଛି । ତେବେ ଅକାଳୀ ଦଳର ସଦସ୍ୟମାନେ ଏହାକୁ ବିରୋଧ କରିଥିଲେ । ଏଥି ସହିତ ଆରଡିଏଫର ବକେୟା ଦେୟ ନ ଦେଇଥିବା କେନ୍ଦ୍ର ସରକାରଙ୍କ ବିରୋଧରେ ଏକ ସଂକଳ୍ପ ପାରିତ ହୋଇଛି । ଆସନ୍ତା ସପ୍ତାହ ସୁଦ୍ଧା ଯଦି ବକେୟା ପରିଶୋଧ ନ ହୁଏ ତେବେ ଜୁଲାଇ ୧ ତାରିଖରୁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ମୁଖ୍ୟମନ୍ତ୍ରୀ ଭାଗୱନ୍ତ ମାନ ଚେତାବନୀ ଦେଇଛନ

# ଶୁଭଦ୍ରା ବା ଅଶ୍ୱସ୍ଥ କ୍ଷେତ୍ରରେ ପ୍ରଭୁ କୁଞ୍ଜବିହାରୀଙ୍କ ରଥଯାତ୍ରା

କୁଜଙ୍ଗ, (ପିପିଏସ) : ଶ୍ରୀକୁଞ୍ଜବିହାରୀଙ୍କ ବାସି ରଥଯାତ୍ରା ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି । ଶ୍ରୀଗୁଣ୍ଡିଚା ତିଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥ ବଡ ଠାକୁର ବଡଭାଇ ବଳଭଦ୍ର ଓ ଭଉଣୀ ମା ଶୁଭଦ୍ରାଙ୍କର ବିଶ୍ୱବ୍ୟାପି ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶ୍ରୀ କୁଞ୍ଜବିହାରୀ ହେଉଛନ୍ତି ମହାପ୍ରଭୁଜଗନ୍ନାଥ ପୁରୀରେ ତିନିରଥରେ ତିନିଦିଅଁ ବିଜେ କରୁଥିବା ବେଳେ ଏଠାରେ ଗୋଟିଏ ରଥରେ ଦିଅଁମାନେ ବିଜେ କରିଥାନ୍ତି । ଗଡକୁଜଙ୍ଗଠାରେ ମହାପ୍ରଭୁ କୁଞ୍ଜବିହାରୀଙ୍କର ରଥଯାତ୍ରା ଶ୍ରୀଗୁଣ୍ଡିଚାଦିନ ନହୋଇ ତା ପରଦିନ ଅନୁଷ୍ଠିତ ହୁଏ । ଏଥିପାଇଁ ଶ୍ରୀଗୁଣ୍ଡିଚାଦିନ ତିନି ଦିଅଁ ରଥାରୁଢ ହୁଅନ୍ତି । ମାତ୍ର ସେହିଦିନ ରଥଟଣା ହୁଏନାହିଁ । ଗୁଣ୍ଡିଚା ପରଦିନ ପାରାଦ୍ୱୀପ ବିଧାୟକ ରଥରେ ଠାକୁର ରାଜାହୋଇ ଛେରାପହଁରା କରନ୍ତି । ଏଥିପାଇଁ ଏକ ସ୍ୱତନ୍ତ୍ର ବିଧିବିଧାନ ରହିଛି । ୧୯୬୮ ମସିହା ରୁ ୧୮୭୫ ମସିହା ପର୍ଯ୍ୟନ୍ତ ୭ବର୍ଷ ଏହି ଦିବ୍ୟ ସମୟ ପ୍ରଭୁ ଜଗନ୍ନାଥ ବଡଭାଇ ବଳଭଦ୍ର ଓ ମା ଶୁଭଦ୍ରା ଗଡକୁଜଙ୍ଗରେ ରହି ସେମାନଙ୍କ ଲିଳାଖେଳା କରିଥିଲେ । କଳାପାହାଡ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଶୁଭଦ୍ରାଙ୍କୁ ନେଇଯାଇ ପବିତ୍ର ଗଙ୍ଗାନଦୀ କୂଳରେ ନିଆଁଳଗାଇ ଦେଲା । କଳାପାହାଡ ଭାବିଲା ନିଆଁ ଲଗାଇଦେଲେ ତିନି ଦିଅଁ ଗଙ୍ଗାନଦୀ କୂଳରେ ଜଳିପାଉଁଶ ହୋଇଯିବେ । ପୁରୀରୁ ଶ୍ରୀ ଜଗନ୍ନାଥ ସଂସ୍କୃତି ଲୋପପାଇଯିବ । ତିନି ଦିଅଁଙ୍କ ଠି ଅଗ୍ନି ସଂଯୋଗ ହେବାକ୍ଷଣି ସେହି ସ୍ଥାନରେ କଳାପାହଡ ଓ ତାର ସୈନିକମାନେ ଆଉ କେହି ରହି ପାରିଲେ ନାହିଁ । ବାଧ୍ୟହୋଇ କଳାପାହଡ ଗଙ୍ଗାନଦୀରେ ଅର୍ଦ୍ଧଦଗ୍ଧ ବ୍ରହ୍ମକୁ ଫୋପାଡିଦେଲା । ଏହି ସମୟରେ ମୃଦଙ୍ଗ ବଜାଇ ପାଗଳ ଭଳି ଜଗନ୍ନାଥଙ୍କ ପଛରେ ଯାଇଥିବା କୁଜଙ୍ଗ ରାଜାଙ୍କ ଛାମୁକରଣ ଭକ୍ତ ବିଶର ମହାନ୍ତି ଗଙ୍ଗାନଦୀ କୂଳରେ ପହଁଚି ତିନି ଦିଅଙ୍କ ବ୍ରହ୍ମକୁ ଉଦ୍ଧାର କରି ମୃଦଙ୍ଗଭିତରେ ପୁରାଇ ଆଡୁଆଳରେ ସମୁଦ୍ର ତଟରେ ଚାଲି ଚାଲି ଗଡକୁଜଙ୍ଗରେ ପହଁଚିଲେ । ଘଂଚ ଜଙ୍ଗଲ ଭିତରେ ତିନି ଦିଅଙ୍କୁ ଲୁକାୟିତ ଅବସ୍ଥାରେ ନିଜ ପାଖରେ ରଖି ପୂଜାପାଠ ଆରମ୍ଭକଲେ । ଏହି ଖବର କୁଜଙ୍ଗ ରାଜାଙ୍କ ନିକଟରେ ପହଁଚିବାରୁ ଦିଅଁମାନଙ୍କ ପୂଜା ପାଠ ପାଇଁ ରାଜା ମନଯୋଗ ଦେଲେ । ତିନି ଦିଅଁଙ୍କୁ କଳାପାହଡ ନେଇଯାଇଥିବା ଖବର ସମଗ୍ର ଉତ୍କଳ ପ୍ରଦେଶରେ ପ୍ରଚାରିତ ହୋଇଗଲା । ଗଜପତି ରାଜା ଏଥିରେ ବିବ୍ରତ ହୋଇପଡିଲେ । କେତକ ଗୁପ୍ତଚର ଖବର ଦେଲେ ଯେ ତିନି ଦିଅଁଙ୍କ ବ୍ରହ୍ମ ଗଡକୁଜଙ୍ଗଠାରେ ରଖାଯାଇ ପୁଜା ଚାଲିଛି । ଏହା ଭିତରେ ୭ବର୍ଷ ପାଖା ପାଖି ବିତିଯାଇଥିଲା । ପୁରୀରୁ ସ୍ୱତନ୍ତ୍ର ସେବକ ଗଜପତିଙ୍କ ନିକଟରୁ ଆସି କୁଜଙ୍ଗ ରାଜାଙ୍କୁ ଭେଟି ଦିଅମାନଙ୍କୁ ପୁରୀ ଫେରାଇ ନେବାପାଇଁ କହିଲେ । ଗଜପତିଙ୍କ ନିର୍ଦ୍ଦେଶକୁ କୁଜଙ୍ଗରାଜା ମାନିଲେ ସତ ହେଲେ ତିନି ଦିଅଁ ଚାଲିଯିବା ଖବରରେ ବିବ୍ରତ ହୋଇପଡିଥିଲେ । ସେହିଦିନ ରାତିରେ କୁଜଙ୍ଗ ରାଜାଙ୍କୁ ସ୍ୱପ୍ନାଗତ ହେଲା ଯେ ଗଡକୁଜଙ୍ଗ ଅଶ୍ୱସ୍ଥ କ୍ଷେତ୍ର ବା ଶୁଭଦ୍ରା କ୍ଷେତ୍ର ହୋଇ ରହିବ । ତିନିବ୍ରହ୍ମଙ୍କ ସହିତ ଭକ୍ତ ବିଶର ମହାନ୍ତି ମଧ୍ୟ ଏଠାରୁ ପୁରୀ ଚାଲିଗଲେ ସତ ହେଲେ ଏହି କ୍ଷେତ୍ରର ନାଁ ଶୁଭଦ୍ରା କ୍ଷେତ୍ର ହୋଇ ରହିଲା । ତିନି ଦିଅଁଙ୍କର ହେଉଥିବା ରଥଯାତ୍ରା ଗୁଣ୍ଡିଚା ଦିନ ନହୋଇ ତିନିଦିଅଁ ରଥକୁ ବିଜେ କଲେ ମଧ୍ୟ ଏହାର ପରଦିନ ରଥଟଣା ହୁଏ । ଯିଏ ଜଗନ୍ନାଥ ସେ ଶ୍ରୀକୁଞ୍ଜବିହାରୀଭାବେ ଏଠାରେ ପୂଜା ପାଆନ୍ତି । ସ୍ଥାନୀୟ ଲୋକେ ଏହି ରଥଯାତ୍ରାକୁ ବହୁ ସଂଖ୍ୟାରେ ଆସି ରଥଟାଣି ପ୍ରଭୁଙ୍କ ନିକଟରେ ଆତ୍ମନିବେଦନ କରିଥାନ୍ତି । ଏବେ ମନ୍ଦିର ଚତୁର୍ପାର୍ଶ୍ୱରେ ଶ୍ରୀ ଲକ୍ଷ୍ମୀ, ଶ୍ରୀ ବିମଳା ପ୍ରଭୁ ମହାବୀର ଏବଂ ଅନ୍ୟାନ୍ୟ ଦେବାଦେବୀଙ୍କର ମନ୍ଦିର ଗଢି ଉଠିଛି । ପ୍ରଭୁଙ୍କର ମାଉସିମା ମନ୍ଦିର ଏବଂ ଗୁଣ୍ଡିଚା ମନ୍ଦିର ଏଠାରେ ମଧ୍ୟ ନିର୍ମିତ ହୋଇ ସାରିଲାଣି । ଆଜି ବୁଧବାର ଅପରାହ୍ନରେ ଏହି ବାସି ରଥଯାତ୍ରା ମହାସମାରୋହରେ ଅନୁଷ୍ଠିତ ହେବ ।

## ବିଦ୍ୟୁତ୍ ଆଘାତରେ ମହିଳା ମୃତ

ହିଞ୍ଜିଳିକାଟୁ, (ପିପିଏସ) : ହିଞ୍ଜିଳିକାଟୁ ପୌରପରିଷଦ ଅନ୍ତର୍ଗତ ଥାନା ସାହି ମଙ୍ଗଳବାର ସକାଳୁ ଏକ ଅଭାବନୀୟ ଘଟଣା ଘଟିଯାଇଛି । ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି ।ମୃତକ ଜଣକ ହେଲେ ରାମ ସାହୁଙ୍କ ପତ୍ନୀ ମାଣିକଲତା ସାହୁ ୩୬ ।ପ୍ରକାଶ ଥାଉକି ମୃତ ମାଣିକଲତା । ସକାଳୁ ଗାଧୋଇ ସାରି ଘର ଟେବୁଲ ପଞ୍ଚା ସୁଇଚ୍ ଅନ କରିଥିବା ବେଳେ ଫ୍ୟାନ ଟିକୁ ଛୁଆଇ ସେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯାଇଥିଲେ ।ଅନ୍ୟ ଘରେ ପରିବାର ଲୋକେ ଆସି ସୁଇଚ ଅଫ କରି ମାଣିକ ଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ କାର୍ଯ୍ୟରତ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ ଓ ହିଞ୍ଜିଳି ଥାନାରେ ଖବର ଦେଇଥିଲେ । ଖବର ପାଇ ହିଞ୍ଜିଳି ପୋଲିସ ହିଞ୍ଜିଳିକାଟୁ ମେଡିକାଲ ରେ ପହଞ୍ଚି ୧୦।୨୩ ରେ ଅପମୃତ୍ୟୁ ମାମଲା ରୁଜୁ କରି ଶବକୁ ଜବତ କରିବା ସହ ଶ୍ୱାଚ୍ଛେଦ ନିମନ୍ତେ ବ୍ରହ୍ମପୁର ପଠାଇ ଘଟଣାର ତଦନ୍ତ ଚଳାଇଥିବା ହିଞ୍ଜିଳି ଥାନା ଅଧିକାରୀ ଅଭିମନ୍ୟୁ ଦାସ ସୂଚନା ପ୍ରଦାନ କରିଛନ୍ତି ।

## ଗୋଛା ମାଳ ଜଙ୍ଗଲ ଅଞ୍ଚଳ ରେ ଆଦିବାସୀ ମେଳି
# ଜଙ୍ଗଲ ଯାତ ଓ ପ୍ରକୃତିଦତ୍ତ ଅଧିକାରରୁ ଆଦିବାସୀଙ୍କୁ ବଞ୍ଚିତ

ନୟାଗଡ, (ପିପିଏସ) : ଆଦିବାସୀ ଅଧିକାର ମଞ୍ଚର ଆହ୍ୱାନରେ ଓଡଗାଁ ବ୍ଲକ ଗୋଛା ମାଳରେ ଆଦିବାସୀ ନେତା ଦୁତିକୃଷ୍ଣ ପ୍ରଧାନଙ୍କ ସଭାପତିତ୍ୱରେ ମେଳି ସଭା ଅନୁଷ୍ଠିତ ହୋଇଯାଇଛି ତା ୧୯.୦୬.୨୦୨୩ରେ ! ଆଦିବାସୀ ଅଧିକାର ସଂଗ୍ରାମର ନେତୃତ୍ୱ ନେଉଥିବା ବରିଷ୍ଠ ବାମପନ୍ଥୀ ନେତା ବିଶ୍ୱନାଥ ମହାପାତ୍ର ଏହି ସଭାରେ କ୍ଷୋଭ ପ୍ରକାଶକରି କହିଥିଲେ ଯେ ବିକାଶ ଯୋଜନା ଆଳରେ ଆଦିବାସୀମାନଂକୁ ସେମାନଙ୍କ ପ୍ରକୃତିଦତ୍ତ ଅଧିକାର ଉପରେ ଆଘାତ ପୂର୍ବକ ବଞ୍ଚିତ କରାଯାଉଛି !ବନ ଉନ୍ନୟନ ନିଗମ ଓଡଗାଁ ବ୍ଲକର ସହସ୍ରାଧିକ ହେକଟର ପତିତ ଅନାବାଦୀ ଜମି ଆଦିବାସୀମାନଙ୍କ ଭୋଗ ଦଖଲରୁ ଛଡାଇଆଣି କାଜୁ ରୋପଣ କରିଛନ୍ତି ଏବଂ ଗ୍ରାମବାସୀଙ୍କ ଅଗୋଚରରେ କାଜୁ ମାଫିଆ ମାନଙ୍କୁ ଶାଗମାଛ ଦରରେ ଟେକିଦେଇ ପ୍ରଚୁର କିଳାପୋତେଇ ଅର୍ଜନ କରୁଛନ୍ତି ବୋଲି ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି !କୌଣସି ପରିସ୍ଥିତିରେ ବି ବାହାର କାଜୁ ମାଫିଆମାନଙ୍କୁ ଆଦିବାସୀ ମାଳରେ ଲୁଣ୍ଠନ କରିବାର ସୁଯୋଗ ଦିଆଯିବନାହିଁ ବୋଲି ସଭାରେ ଦୃଢ ନିଷ୍ପତ୍ତି ନିଆଯାଇଛି ! ଘରଡ଼ିହ ପଟା ଓ ଚାଷଜମି ନଥିବା ଆଦିବାସୀ ମାନଙ୍କ ଭୂମି ସମସ୍ୟା ସମାଧାନ ପାଇଁ ଅଧିକାର ମଞ୍ଚ ବିହିତ ପଦକ୍ଷେପ ନେବାପାଇଁ ସ୍ଥିର କରା ଯାଇଛି ! କୃଷକନେତା ପବିତ୍ର ଇନ୍ଦ୍ରଜିତ ଆନ୍ଦୋଳନ ସହିତ ସଂଗଠନର ଖସଡ଼ା ଉପସ୍ଥାପନ କରିଥିଲାବେଳେ ଆଦିବାସୀ ନେତା ଜଗବନ୍ଧୁ ଜାନି,ସୁରେନ୍ଦ୍ର ପ୍ରଧାନ, ପଞ୍ଚାନନ ଜେନା, ଟୁନା ପ୍ରଧାନ, ଶାନ୍ତି ପ୍ରଧାନ ଭାଗ ।

## ହାତୀ ଆକ୍ରମଣରେ ଦ୍ୱିତୀୟ ମୃତ୍ୟୁ

ଅନୁଗୋଳ, (ପିପିଏସ) : ଅନୁଗୁଳ ଜିଲ୍ଲାରେ ହାତୀ ଆକ୍ରମଣରେ ଆଜିଦ୍ୱିତୀୟ ମୃତ୍ୟୁ ହୋଇଛି । ତାହାବି ଅନୁଗୁଳ ବନଖଣ୍ଡ ବନ୍ତଳା ରେଞ୍ଜରେ । ସୂଚନା ମୁତାବକ ବନ୍ତଳା ବନଅଞ୍ଚଳ ଗଡ଼ତରାସ ପଞ୍ଚାୟତ ଅରାଡିହ ଗ୍ରାମର ଅରୁଣ ପ୍ରଧାନଙ୍କୁ ଆଜି ହାତୀ ଆକ୍ରମଣ କରିମାରିଥିଲା । ସେହିପରି ବଡ଼ କନ୍ତକୂଳ ପଂଚାୟତର ସାନକନ୍ତକୂଳ ଗ୍ରାମର ଶ୍ରୀନିବାସ ସାହୁ (୭୦) ଆଜି ଘର ନିକଟକୁ କୌଣସି କାମରେ ଯାଇଥିବା ସମୟରେ ହାତୀ ହାବୁଡରେ ପଡି ଯାଇଥିଲେ । ଫଳରେ ହାତୀ ତାଙ୍କୁ ଦଳି ଦେଇଥିଲା । ଏହା ଜଣା ପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖା ଦେଇଛି ।

## ଟ୍ରକରେ ଏସି ଲାଗିବାକୁ ନେଇ ଉତ୍ସାହିତ ଟ୍ରକ ଚାଳକ

ଅନୁଗୋଳ, (ପିପିଏସ) : ଅସହ୍ୟ ତାତିରେ ସିଝୁଛି ସାରା ଓଡିଶା ।ଅସହ୍ୟ ତାତି ସାଙ୍ଗକୁ ଗୁଳୁଗୁଳି ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି ।ଟ୍ରକ ଚାଳକ ମାନେ ଟ୍ରକ ରେ ପରିବହନ କରିବା ପାଇଁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପାଖାପାଖି ୧୦ ରୁ ୧୨ ଘଣ୍ଟା ଯାତ୍ରା କରିଥାନ୍ତି ।ଏତେ ସମୟ ବିନା ଏସି କେବିନ ରେ ଯାତ୍ରା କରିବା କାଷ୍ଟ ଦାୟକ । ସେପଟେ ପରିବହନ ମନ୍ତ୍ରଣାଳୟ ପ୍ରତେକ ଟ୍ରକ ଗୁଡିକରେ ୨୦୨୫ ସୁଧା ଏସି କେବିନ କରାଯିବ ବୋଲି ସଡକ ପରିବହନ ମନ୍ତ୍ରୀ ନିତିନ ଗଡ଼କାରୀ କହିଛନ୍ତି ।ଏନେଇ ଏକ ପ୍ରସ୍ତାବ ପାରିତ ହେବ ।ସମସ୍ତେ ଏସି କେବିନ କରିବାକୁ ବାଧ୍ୟତାମୂଳକ ହେବ ବୋଲି ନିଷ୍ପତି ନିଆଯାଇଛି ।ଏହାଦ୍ୱାରା ସମସ୍ତ ଗାଡି ଚାଳକ ଉପକୃତ ହେବେ । ଏ ନେଇ ଟ୍ରକ ଚାଳକ ମାନଙ୍କ ସହ କଥା ହେବାରୁ ସେମାନେ ମାତ୍ରାଧିକ ଖୁସି ଥିବା କହିଛନ୍ତି । ଆରାମରେ ଓ ଅଧିକ ସମୟ ସେମାନେ ଏହାଦ୍ୱାରା ଟ୍ରକ ଚଲେଇ ପାରିବେ ଯଦ୍ୱାରା ଟ୍ରକ ମାଲିକ ମାନେ ଉପକୃତ ହେବା ସହ କିସ୍ତି ସୁଝିବାରେ ସେମାନଙ୍କ ସାମର୍ଥ୍ୟ ବଢିବ ବୋଲି କହୁଛନ୍ତି ଅନୁଗୁଳ ଜିଲ୍ଲା ଟ୍ରକ୍ ଚାଳକ ମାନେ ।

## ଚୋରା କରତ କଳ ଉପରେ ଚଢ଼ଉ

ଜୟପୁର, (ହି.ସ.) : ଜୟପୁର ବନାଚଂଳ ତରଫରୁ ସହର ନିକଟ ଫୁଲବାଡ ଗ୍ରାମରେ ଦୁଇଟି ସ୍ଥାନରେ ଚାଲିଥିବା ଚୋରା କରତ କଳ ଉପରେ ଚଢଉ କରାଯାଇଛି । ଗ୍ରାମରେ ଚୋରା କରତ କଳ ଚାଲିଥିବା ବେଳେ ଲକ୍ଷାଧିକ ଟଙ୍କାର କାଠ, ଯନ୍ତ୍ରପାତି, କାଠ କାଟିବା ସରଞ୍ଜାମ, କାଠ ବୋଝେଇ ଡାଲା ଅଟୋ, ମୋଟର, ପଟା, ଶାଳ କାଠ ଓ ବାଇକକୁ ଜବତ କରିଛି । ଏହି ମାମଲାରେ କାହାକୁ ଗିରଫ କରାଯାଇନାହିଁ । ଏକ ଘରେ ଏହି ସବୁ ଜିନିଷ ଥିବା ବେଳେ ଏହି ସବୁ ଜିନିଷର ମାଲିକାନା କେହି ନାହାଁନ୍ତି । ଏହି ଚଢଉରେ ବନାଚଂଳ ଅଧିକାରି ସଚିଦା ନନ୍ଦ ପରିଡା, ଫରେଷ୍ଟର ରଞ୍ଜିତା ନାୟକ, ସୁଶିଳ ମହାନ୍ତି, ଅରୁଣ ଜେନା, ଫରେଷ୍ଟ ଗାର୍ଡ ଅନିଲ ଦାସ, ଗୌତମ ସ୍ୱାଇଁ, ସିଏଚ କାଲୋ, କଳ୍ପନା ନାୟକଙ୍କ ସହ ପାରା ଷ୍ଟାଫ ସାମିଲ ଥିଲେ ।

## ଦେଶି ମଦ ଚାଲାଣ ବେଳେ ଚଢ଼ଉ, ଜଣେ ଗିରଫ

ଜୟପୁର, (ହି.ସ.) : ଦେଶି ମଦ ଚାଲାଣ ବେଳେ ଜୟପୁର ସଦର ପୋଲିସ ଚଢଉ କରି ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ପାଣ୍ଡୁଗୁଡାର ତ୍ରିନାଥ ହରିଜନ । ପୋଲିସ ସୂଚନା ଅନୁଯାୟୀ, ଜୟପୁର ସଦର ପୋଲିସ ପେଟ୍ରୋଲିଂ କରୁଥିବା ବେଳେ ପାଣ୍ଡୁଗୁଡାର ତ୍ରିନାଥ ହରିଜନ ଦେଶି ମଦ ଧରି ଗ୍ରାମକୁ ଆସୁଥିବା ବେଳେ ପୋଲିସ ଚଢ଼ଉ କରି ତା ନିକଟରୁ ୧୫ ଲିଟର ଦେଶି ମଦ ଜବତ କରିବା ସହ ଅଭିଯୁକ୍ତକୁ କୋର୍ଟଚାଲାଣ କରିଥିବା ସଦର ପୋଲିସ ତରଫରୁ ସୂଚନା ଦିଆଯାଇଛି ।

# ବିନୋଦ ବିହାରୀ ରାଉତଙ୍କ ସ୍ମୃତିସଭା

କଟକ : ବିଶିଷ୍ଟ ସମାଜସେବୀ ଇଞ୍ଜିନିୟର ବିନୋଦବିହାରୀ ରାଉତଙ୍କ ୧୭ତମ ସ୍ମୃତିସଭା କଟକ ଅନ୍ଦରପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ତ୍ରିଲୋଚନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ନେହେରୁ ସରକାରୀ ଉଚ୍ଚବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଗଙ୍ଗାଧର ସାହୁ, ଭାଗ୍ୟଧର ବ୍ରହ୍ମା, ପୂର୍ବତନ କର୍ପୋରେଟର ରେଣୁବାଳା ରାଉତ ପ୍ରମୁଖ ଅଂଶ ଗ୍ରହଣ କରି ବିନୋଦ ବିହାରୀଙ୍କ କୃତି ଓ କୀର୍ତ୍ତି ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା । ରାଉରକେଲ ନିଟ୍‌ର ମେଧାବୀ ଛାତ୍ର ବିଶ୍ୱରଞ୍ଜନ ଖଟୁଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସବ୍ରତ ରାଉତ ଅତିଥି ପରିଚୟ ଦେଇଥିବାବେଳେ ଲୀନା ମହାପାତ୍ର ଧନ୍ୟବାଦ ଦେଇଥିଲେ । ଉମେଶ ଭୋଳ ମଞ୍ଚ ପରିଚାଳନା କରିଥିଲେ ।

## ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ରଥଯାତ୍ରା

ଗଞ୍ଜାମ, (ପିପିଏସ) : ଗଞ୍ଜାମ ଜିଲାର ସମସ୍ତ ପୁରପଲ୍ଲୀ ଓ ସହରରେ ଥିବା ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଶାନ୍ତି ଶୃଙ୍ଖଳାର ସହ ବ୍ରହ୍ମପୁର ଗୋଷାଇଁ ନୂଆଁଗାଁ, ଖାସପାସାହି, ଉତ୍କଳଆଶ୍ରମ ରୋଡ, କୋର୍ଟପେଟା, ବିଜିପୁର, ବଡ ବଜାର, ସାନବଜାର, ଚିକିଟି, ସୁରଂଗି, ଜରଡା, ଧରାକୋଟ, ପିତଳ, ଶେରଗଡ, ଅଲାରିଗଡ, ହିଂଜିଳିକାଟୁ ଓ ଆସିକା ଅଂଚଳରେ ପାରଂପାରିକ ରୀତିରେ ରଥଯାତ୍ରା ଆନନ୍ଦଉଲ୍ଲାସରେ ଅନୁଷ୍ଠିତ ହୋଇଯାଇଛି । ସଂନ୍ଧ୍ୟା ସୁଦ୍ଧା ରଥ ଗୁଡିକ ଆଡପମଣ୍ଡପରେ ପହଂଚିଯାଇଛି । ପୁଲିସ ଓ ପ୍ରଶାସନ ପକ୍ଷରୁ ରଥଯାତ୍ରାରେ ଶାନ୍ତିଶୃଙ୍ଖଳା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ।

# ଭୁବନ ତିନି ରଥ ଲକ୍ଷ୍ମୀ ମଣ୍ଡପ ସମ୍ମୁଖରେ ପହଂଚିଲା, ମହିଳା ଟାଣିଲେ ସୁଭଦ୍ରାଙ୍କ ରଥ

ଭୁବନ, (ହି.ସ.) : ଢ଼େଙ୍କାନାଳ ଜିଲ୍ଲା ଭୁବନ ର ତୃତୀୟା ଜୀଉ ଙ୍କ ଘୋଷ ଯାତ୍ରା ଆଜି ଅତ୍ୟନ୍ତ ଶ୍ରଦ୍ଧା ଭକ୍ତି ଓ ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ସଂକୀର୍ତ୍ତନ ମଣ୍ଡଳୀ, ଘଂଟୁଆ ଓ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଯୋଗଦେଇ ରଥ ଟାଣିଥିଲେ । ସକାଳ ୭ ଘଟିକା ସମୟରେ ଦେଉଳ ଫିଟା, ଦ୍ୱାରପାଳ ପୂଜା, ମଙ୍ଗଳ ଆଳତି,୮ଘଟିକାରେ ପାଟବସ୍ତ୍ର ଆନୟନ,୧୦ ଘଟିକାରେ ଆଜ୍ଞାମାଳ ବିଜେ,୧୧ ଘଟିକାରେ ମହାପ୍ରସାଦ ନୀତି ,୧୨ ଘଟିକାରେ ରଥ ପ୍ରତିଷ୍ଠା ପରେ ୧ ଘଟିକାରେ ସେବାୟତମାନେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପହଣ୍ଡି କରି ରଥାରୂଢ଼ କରିଥିଲେ । ୨ ଘଟିକାରେ ମହାପ୍ରଭୁଙ୍କ ଆଦ୍ୟ ସେବକ ରାମଚନ୍ଦ୍ର ରାଉତ ଛେରା ପହଁରା କରିଥିଲେ ଓ ଅପରାହ୍ନ ୪ ଘଟିକା ସମୟରେ ରଥଟଣା ଆରମ୍ଭ ହୋଇଥିଲା । ସନ୍ଧ୍ୟା ୭ ଘଟିକା ସୁଦ୍ଧା ନୂଆ ବଜାର ଲକ୍ଷ୍ମୀ ମଣ୍ଡପ ସମ୍ମୁଖରେ ତିନି ରଥ ପହଂଚିଥିଲା । ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଦେବୀ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥିଲେ । ନୂଆ ବଜାର ବଣିକ ସଂଘ ତରଫରୁ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେଉଛି । ମନ୍ଦିର ପରିଚାଳନା କମିଟି ସଭାପତି ଙ୍କ ସମେତ ସମସ୍ତ କର୍ମକର୍ତ୍ତା,ସେବାୟତ,ମାତୃ ମଣ୍ଡଳୀ, ସଙ୍କୀର୍ତନ ମଣ୍ଡଳୀ,ଆରକ୍ଷୀ ବାହିନୀ ଏହି ପବିତ୍ର ରଥ ଯାତ୍ରା ରେ ସାମିଲ ହୋଇ କର୍ତବ୍ୟ ସମ୍ପାଦନ କରିଥିଲେ । ପ୍ରଥମ ଥର ପାଇଁ ଡ଼ାଜଲିଙ୍ଗ କ୍ଲବ୍ (୨୦୧୧ ମାଟ୍ରିକ ବ୍ୟାଚ୍) ଦ୍ୱାରା ସହସ୍ରାଧିକ ଭକ୍ତ ଉପରେ ପାଣି ସ୍ପ୍ରେ କରାଯିବା ସହ ଥଣ୍ଡା ସରବତ ଓ ପ୍ରସାଦ ସେବନ/ବଣ୍ଟନ ବ୍ୟବସ୍ଥା କରାଯାଇଥିଲା । ଆସନ୍ତା କାଲି ଅପରାହ୍ନ ରେ ପୁନର୍ବାର ରଥଟଣା ହୋଇ ବଡ଼ହାଟ ସ୍ଥିତ ମାଉସୀ ମା ମନ୍ଦିର କୁ ନିଆଯିବ । ଅନୁରୂପ ଭାବେ ଭୁବନ ବ୍ଲକ ଅନ୍ତର୍ଗତ ନିଳକଣ୍ଠପୁର ଗ୍ରାମରେ ଆନନ୍ଦ ଉଲ୍ଲାସ ମଧ୍ୟରେ ରଥ ଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

# ବିଭିନ୍ନ ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ, ଘଂଟ ଘଂଟା କାହାଳୀରେ ପ୍ରକମ୍ପିତ

ଖୋର୍ଦ୍ଧା, (ହି.ସ) : ସୂର୍ଯ୍ୟବଂଶୀ ରାଜା ପ୍ରତାପ ଦେବଙ୍କ ଶାସନ କାଳରୁ ଭୋଇ ବଂଶର ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କ ପର୍ଯ୍ୟନ୍ତ ୧୫୦୯ ମସିହା ଠାରୁ ୧୭୩୫ମସିହା ମଧ୍ୟରେ ଅର୍ଥାତ୍ ୨୨୬ ବର୍ଷ ମଧ୍ୟରେ ଶ୍ରୀ ବିଗ୍ରହମାନେ ଶ୍ରୀକ୍ଷେତ୍ରରୁ ୧୪ ଥର ସ୍ଥାନାନ୍ତରିତ ହୋଇ ଗୁପ୍ତ ଭାବରେ ବିଭିନ୍ନ ଗୁପ୍ତ କ୍ଷେତ୍ରରେ ଆଶ୍ରୟ ନେଇଛନ୍ତି । ସେଥି ମଧ୍ୟରୁ ୧୨ଥର କେବଳ ଚିଲିକା ବକ୍ଷରେ ନୌଯାତ୍ରା କରି ତାହାର ନିକଟବର୍ତ୍ତୀ ଓ ତଟବର୍ତ୍ତି ଅଂଚଳରେ ଆତ୍ମ ଗୋପନ କରିଛନ୍ତି । ସେହିପରି ପ୍ରାଚୀନ ଐତିହାସିକ ସ୍ମୃତି ପୀଠ ରୂପେ ଚିଲିକା ମହିଷା ବ୍ରହ୍ମପୁର, ଗୁରୁବାଇ, ବରୁଣ ନାଶି, ଗବପଦର, ଦୀପ ମୁଣ୍ଡିଆ, କଳି ଯୁଗେଶ୍ୱର ପାହାଡ଼, ନଇରି ସନ୍ନିକଟ କାଙ୍କଣ ଶିଖରୀ, ବାଣପୁର ଚରଣ ଚକାଦେବ ମନ୍ଦିର ନୀଳାଦ୍ରି ପ୍ରସାଦ ବଙ୍କାଡ ଗଡ଼ ପ୍ରଭୃତି ସ୍ଥାନରେ ଶ୍ରୀ ଜଗନ୍ନାଥଙ୍କ ଆତ୍ମ ଗୋପନର ଲୀଳା ଭୂମି ବୋଲି ଧରାଯାଇ ଅଦ୍ୟାବଧି ଶ୍ରୀ ଜଗନ୍ନାଥଙ୍କ ର ବିଗ୍ରହ ପୂଜା କରାଯାଉଛି ।ଏତଦ୍ ବ୍ୟତୀତ ଏଠାରେ ଆହୁରି କ

# ବିପର୍ଯ୍ୟୟ ପରିଚାଳନା ନେଇ ପ୍ରାକ ପ୍ରସ୍ତୁତି ବୈଠକ

ମାଲକାନଗିରି (ହି.ସ): ଚଳିତବର୍ଷ ମାଲକାନଗିରି ଜିଲ୍ଲାରେ ସମସ୍ତ ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ପ୍ରାକ ପ୍ରସ୍ତୁତି ବିଷୟରେ ସର୍ବସାଧାରଣଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ବେ ?ଠକରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଜାଗ୍ରତ ହୋଇ ରହିବା ସହ ଲୋକଙ୍କ ସହଭାଗିତା ଆବଶ୍ୟତକା ରହିଛି । ବିପର୍ଯ୍ୟୟ ସମୟରେ ଜିଲ୍ଲା, ବ୍ଲକ, ସହରରେ କିଭଳି ପ୍ରସ୍ତୁତି କରାଯିବ, ପରିଚାଳନା ?ବେଳେ କଣ ସମସ୍ୟା ଉପୁଜିବ ଓ ତାହାର ପ୍ରତିକାର ବ୍ୟବସ୍ଥା କରାଯିବ ?ସେ? ନେଇ ବେ ?ଠକରେ ଆଲୋଚନା କରାଯାଇଛି । ଏଥିସହ ରାଜ୍ୟ ସରକାର ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜିରୋ କାଜୁଆଲ୍ଟି ଲକ୍ଷ୍ୟ ରଖିଛନ୍ତି । ଏଥିସହ ସମସ୍ତ ବିଭାଗର କର୍ମଚାରୀ ମାନେ ? ସମନ୍ୱୟ ରକ୍ଷା କରି କାମ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସୂଚନ ଅନୁଯାୟୀ, ଭାରତୀୟ ପାଣିପାଗ କେନ୍ଦ୍ରଙ୍କ ସୂଚନା ଅନୁସାରେ ଆସନ୍ତା ଦିନରେ ଏକ ଘୁର୍ଣ୍ଣିଝଡ କେନ୍ଦ୍ରୀଭୂତ ହେବାର ଆଶଙ୍କା ରହିଛି । ଏହାର ପ୍ରଭାବରେ ଜିଲ୍ଲାରେ ପବନ ସହିତ ଭୀଷଣ ବର୍ଷା ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାରେ ପ୍ରସ୍ତୁତି କେମିତି ରହିବ, ତା' ଉପରେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ନିଜ ନିଜର ପ୍ରସ୍ତୁତି ଉପସ୍ଥାପନ କରିଥିଲେ । ବିପର୍ଯ୍ୟୟ ପରିଚାଳନା ପାଇଁ ୩ଟି ପର୍ଯ୍ୟାୟରେ ପ୍ରସ୍ତୁତି (ପୂର୍ବରୁ, ସେହି ସମୟରେ ଓ ପରେ) କଣ ରହିବ ସେ ନେଇ ଆଲୋଚନା କରାଯାଇଛି । ମାଲକାନଗିରି, ବାଲିମେଳା ଏନଏସି, ମାଥିଲି, ଖଇରପୁଟ, ପଡ଼ିଆ, ଖଇରପୁଟ, କୋରୁକୋଣ୍ଡା, ଚିତ୍ରକୋଣ୍ଡା, କାଲିମେଳା ଓ ମାଲକାନଗିରି ପୌରପରିଷଦରେ ଆସନ୍ତକାଲି ମକଡ୍ରିଲ ଆୟୋଜନ କରାଯିବ । ଭୁବନେଶ୍ୱରରୁ ବିପର୍ଯ୍ୟୟ ପରିଚାଳନା ତାଲିମ କେନ୍ଦ୍ରର ସେକ୍? ସରଫରାଜ ଅହମଦ ଏହାର ପର୍ଯ୍ୟବେକ୍ଷଣ ନିମନ୍ତେ ଜିଲ୍ଲା ଗସ୍ତ କରିଛନ୍ତି । ଏହି ମକ୍ ଡ୍ରିଲରେ ଲୋକଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବା, ଫସିଥିବା ଲୋକଙ୍କୁ ଉଦ୍ଧାର କରିବା, ପ୍ରାଥମିକ ଚିକିତ୍ସା ଓ ରିଲିଫ ବଣ୍ଟନ ଏବଂ ବିପର୍ଯ୍ୟୟ ପ୍ରସ୍ତୁତି ଉପରେ ଆଧାରିତ ରହିବ । ଏହି ମକଡ୍ରିଲରେ ଓଡ୍ରାଫ କୋରାପୁଟର ଏକ ଦଳ ପଡିଆ ବ୍ଲକର ସେବାଶ୍ରମ ସ୍କୁଲ ଠାରେ ତାଙ୍କର କୌଶଳ ପ୍ରଦର୍ଶନ କରି ଲୋକ ମାନଙ୍କୁ ସଚେତନ ଓ ତାଲିମ ପ୍ରଦାନ କରିବେ । ଅଗ୍ନିଶମ ସେବା ବିଭାଗ ସବୁ ଆଶ୍ରୟସ୍ଥଳୀରେ ନିଜର ଦକ୍ଷତା ପ୍ରଦର୍ଶନ କରିବେ ଓ ଲୋକ ମାନଙ୍କୁ ସଚେତନ କରିବେ ବୋଲି ବୈଠକରେ ଆଲୋଚନା ହୋଇଥିଲା । ସେହିପରି ବିପଦକୁ ଏଡ଼ାଇବା ନିମନ୍ତେ ପୂର୍ବରୁ ଜଙ୍ଗଲ ବିଭାଗର ଅନୁମତି ନେଇ ବିପଦଜନକ ସ୍ଥାନରେ ଥିବା ଗଛ କାଟି ପାରିବେ ବୋଲି ବୈଠକରେ ସୂଚନା ମିଳିଛି । ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବଳଭଦ୍ର ଦୀପ, ଡେପୁଟି କଲେକ୍ଟର ଉମାପ୍ରସାଦ ଦାସଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ ସାମୂହିକ ଅଭ୍ୟାସ

ଭୁବନ, (ହି.ସ.): ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କମିଟି ନିର୍ଦ୍ଦେଶ କ୍ରମେ ଭୁବନ ବ୍ଲକ ଅନ୍ତର୍ଗତ ଭୂଷଳ ପଂଚାୟତର ଆସୁରବନ୍ଧ ବାତ୍ୟା ଆଶ୍ରୟ ସ୍ଥଳୀରେ(ମକ ଡ୍ରୀଲ) ସାମୁହିକ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଡ଼ିଓ କଲ୍ୟାଣ ସୌରଭ ଦାଶ ଓ ଅଗ୍ନିଶମ ଅଧିକାରୀ ମନୋରଞ୍ଜନ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେରେ ଏବିଇଓ, ଜିପିଇଓ, ସରପଂଚ, ପଂଚାୟତ ନିର୍ବାହୀ ଅଧକାରୀ, ଅଙ୍ଗନବାଡ଼ି କର୍ମୀ, ସୁପର ଭାଇଜର, ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା, ବିଦ୍ୟାଳୟ ଛାତ୍ର ଛାତ୍ରୀ ଓ ଗ୍ରାମବାସୀ ମାନଙ୍କ ଉପସ୍ଥିତିରେ ସାମୁହିକ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ତାରିଣୀଙ୍କ ହୁଣ୍ଡିରୁ ମିଳିଲା ୫୮.୨୨୦ ଗ୍ରାମ ସୁନା

ଘଟଗାଁ (ହି.ସ): ଆଜି ମା' ତାରିଣୀ ମନ୍ଦିର ହୁଣ୍ଡି ଗଣତି କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି । ହୁଣ୍ଡିରୁ ୨୬ ଲକ୍ଷ ୮ ହଜାର ୫୯୦ ଟଙ୍କା, ୫୮ ଗ୍ରାମ ୨୨୦ ମିଲିଗ୍ରାମ ସୁନା ଏବଂ ୯୭୨ ଗ୍ରାମ ୨୯୦ ମିଲିଗ୍ରାମ ରୁପା ମିଳିଛି । ସମ୍ବଲପୁର ଡିଭିଜିନାଲ ଇନ୍ ?ସପେକ୍ଟର ଦକ୍ଷିଣ କୁମାର ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାୟକ, ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ସଂଜୀବ କୁମାର ମହାପାତ୍ର, ପୁଲିସ କର୍ମଚାରୀ ମଦନ ମୋହନ ପୂର୍ତ୍ତିଙ୍କ ଉପସ୍ଥିତରେ ମନ୍ଦିର ବେଢା ଭିତର ଓ ବାହାରେ ମୋଟ ୧୩ ଟି ହୁଣ୍ଡି ଖୋଲାଯାଇ ଗଣତି କରାଯାଇଥିଲା । ଗଣତି କାର୍ଯ୍ୟରେ ମନ୍ଦିର ଅବନୀ କୁମାର ଜେନା, ତରଣୀସେନ ରାଉତ, ଶରତ କୁମାର ବେହେରା, ହରେକୃଷ୍ଣ ପଲେଇ, ମହେଶ୍ୱର ସାହୁ ଶ୍ରୀକାନ୍ତ ଦେହୁରୀ, ଅରୁଣ କୁମାର ନାଏକ, ନବୀନ ମହାନ୍ତ, ବାଲ୍ମୀକି ବଳ, ପ୍ରଦୀପ କୁମାର ନାଏକ, ନାରାୟଣ ମୁଖି, ଚନ୍ଦ୍ରା ମୁଖି, ହରିହର ମହାନ୍ତ, ନକୁଳ ବେଜ, ବାବୁଲି ଶା ପୁଲିସ କର୍ମଚାରୀ ଓ ଷ୍ଟେଟ ବ୍ୟାଙ୍କ ବ୍ୟାଙ୍କ କର୍ମଚାରୀ ପାୟଲ ମଲ୍ଲିକ ଓ ସିପୁନ ସାହୁଙ୍କ ପ୍ରମୁଖ ଉପସ୍ଥିତ ରହି ଗଣତି କରିଥିଲେ ।

## ଆନ୍ତର୍ଜାତୀୟ ମଞ୍ଚରେ ଶୁଭଦର୍ଶନୀ

ଟିଟିଲାଗଡ଼, (ପିପିଏସ୍): ଟିଟିଲାଗଡ ସହରର ନିଲଚକ୍ରନଗର ନିବାସୀ ଶୁଭଦର୍ଶନୀ ମିଶ୍ର ଏକ ବିରଳ ପ୍ରତିଭାର ଅଧିକାରୀ । ନୃତ୍ୟକଳାରେ ଇଣ୍ଡିଆ ବୁକ ଅଫ ରେକର୍ଡରେ ସ୍ଥାନିତ ହେବା ସହ ଅନେକ ସମ୍ମାନ, ପୁରସ୍କାର ଲାଭ କରି ନିଜ ଜନ୍ମମାଟି ପାଇଁ ଗୌରବ ଆଣିଛନ୍ତି । ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଡ୍ୟାନ୍ସିଙ୍ଗ ଷ୍ଟାର ଏକାଡେମିର ଛାତ୍ରଛାତ୍ରୀ ସୁନାମ ଅର୍ଜନ କରଆସିଛନ୍ତି । ରଜ ଅବସରରେ ପରିଚୟ ପକ୍ଷରୁ ରାଉରକେଲା ଠାରେ ଅନୁଷ୍ଠିତ ଆନ୍ତର୍ଜାତୀୟ ନୃତ୍ୟସଂଗୀତ କାର୍ଯ୍ୟକ୍ରମରେ ଶୁଭଦର୍ଶନୀ ଏବଂ ତାଙ୍କ ଅନୁଷ୍ଠାନର ଛାତ୍ରଛାତ୍ରୀ ଲୋକ ନୃତ୍ୟ ପରିବେଷଣ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ଶୁଭଦର୍ଶନୀଙ୍କ ସହ ଛାତ୍ରୀ ନେହା ପାଣିଗ୍ରାହୀ, ସ୍ୱିକୃତି ପାଣିଗ୍ରାହୀ, ପ୍ରତ୍ୟୁଷ ସ୍ୱାଇଁ, ଅଂଶିକା ସାହୁ, ସୋନାକ୍ଷୀ ନାଥ, ଶ୍ରେୟା ବେହେରା, ତନୁଷ୍ମା ମୁଣ୍ଡା ପ୍ରମୁଖ ଏଥିରେ ଭାଗ ନେଇଥିଲେ । କାର୍ଯ୍ୟକ୍ରମରେ ଭାଗ ନେଇ ଫେରିବା ପରେ ଅଞ୍ଚଳର ବହୁ ସଂଗଠନ ପ୍ରତିଯୋଗୀ ମାନଙ୍କୁ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇଥିଲେ ।

## ବନ୍ଧ କାମରେ ଚଞ୍ଚକତା

# ଶ୍ରମିକ ବଦଳରେ କାମ କରୁଛି ମେସିନ

କଣ୍ଢାବାଞ୍ଜି (ପିପିଏସ୍): ବଲାଙ୍ଗୀର ଜିଲ୍ଲା ତୁରକେଲା ବ୍ଲକ ବଡ଼ବାକି ଗ୍ରାମ ପଂଚାୟତ ଜୁନାମୁଡା ବନ୍ଧକାମରେ ଚଞ୍ଚକତା । ଶ୍ରମିକ ବଦଳରେ କାମ କରୁଛି ମେସିନ । ମାଟି ବୁହାରେ ଲାଗିଛି ଟ୍ରାକ୍ଟର, କର୍ମ ନିଯୁକ୍ତି ଯୋଜନା ଅନର୍ଗତ ମାଟି ଉନ୍ନତି କରଣ ୨୦୨୩-୨୪ ରେ ଅଟକଳ ମୂଲ୍ୟ ୯ ଲକ୍ଷ ୫୧ ହଜାର ଉଲ୍ଲେଖ ରହିଥିବା ସୂଚନା ଫଳକ ଲାଗିଛି କିନ୍ତୁ କାମ କରୁଛି ମେସିନ । ଚଞ୍ଚକତା ଦର୍ଶାଇ ବନ୍ଧକାମରେ ଲାଗିଛି ଆଉ ଗୋଟିଏ ସୂଚନା ଫଳକ ରେ ୧୫ ସି ଏଫ ସି ଫଣ୍ଡ ୨୦୨୨-୨୩ ୩ ଲକ୍ଷ ଟଙ୍କା କାମ ଦର୍ଶାଇ ଉନ୍ନତିକରଣ ନାଁରେ ଟଙ୍କା ହଡପ ନୀତି କାର୍ଯ୍ୟକାରୀ ବୋଲି ଅଭିଯୋଗ ହେଉଛି । ଦାଦନ ପ୍ରବଳ ଅଞ୍ଚଳରେ କର୍ମ ନିଯୁକ୍ତି ଯୋଜନା ମାଧ୍ୟମରେ ରାଜ୍ୟ ସରକାରଙ୍କ ୨୦୦ ଦିନ କାମ ଯୋଗାଇବାକୁ ନିୟମ ରହିଛି । ଯୋଜନା ଉପରେ ଯୋଜନା ରହିଛି କିନ୍ତୁ ପଂଚାୟତ ସ୍ତରରେ ଷଡ଼ଯନ୍ତ୍ରର ଶିକାର ହେଉଛନ୍ତି ଶ୍ରମିକ ବର୍ଗ । ଫଳରେ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି ଶ୍ରମିକ ବର୍ଗ । ଗୋଟିଏ ବନ୍ଧରେ ଏନ ଆର ଜି ଏସ କାମ ଚାଲୁଥିବା ବେଳେ ସି ଏଫ ସି ଫଣ୍ଡ ସୂଚନା ଫଳକ ଦର୍ଶାଇ ମେସିନ ସାହାଯ୍ୟର କାମ ଚାଲୁଛି, ଏନ ଆର ଜି ଏସ କାମ ଶେଷ ନ ହୁ୍ୱା ପର୍ଯ୍ୟନ୍ତ ଅନ୍ୟ କାମ କିପରି ଆରମ୍ଭ ହେଲା ଏହା ଗୋଟିଏ ବଡ଼ ପ୍ରଶ୍ନ ୱାର୍କ ଅର୍ଡର ବିଷୟ ସନ୍ଦେହରେ । ଗୋଟିଏ ବନ୍ଧରେ ଦୁଇଟା କାମ ଚାଲୁଥିବାବେଳେ କେଉଁକାମ କେଉଁଠି ? ଅନେକ ପ୍ରଶ୍ନରେ ଘେରରେ ରହିଛି ବଡ଼ବାକି ପଂଚାୟତସ୍ତରୀୟ ଉନ୍ନତି କରଣ ଯୋଜନା । ସତ୍ୟତା ବିଷୟରେ ବଡ଼ବାକି ସରପଞ୍ଚ ଧୂଳଧର ବାଗକୁ ପଚାରିଲେ ଭୁଆଁ ବୁଲାଇବା ଭଳି କଥା କହି ଅଧାରେ ଫୋନ କାଟିଦେଲେ, ପୁଣି ଏହି ବିଷୟରେ ବି ଡ଼ି ଓ ଦେବାଶିଷ ସାମଲଙ୍କୁ ପଚାରିବାରୁ କହିଲେ ତଦନ୍ତ କରି କହିବି । ଉନ୍ନତିକରଣ ନାଁରେ ଚଞ୍ଚକତା ଦର୍ଶାଇ ବନ୍ଧକାମରେ ଲୁଟ ନୀତି ଅଭିଯୋଗ ହେଉଛି । ଉଚ୍ଚସ୍ତରୀୟ ଜାଞ୍ଚ ଦାବି ଜୋର ଧରିଛି ।

## ବିଦ୍ୟୁତ୍ ଆଘାତରେ ଗୋଡ଼ ଛିଣ୍ଡିଥିବା ନାବାଳକ ମୃତ

ପଣ୍ଡାପଡ଼ା (ହି.ସ): ପଣ୍ଡାପଡ଼ା ଥାନା ବସନ୍ତପୁର ପଞ୍ଚାୟତ ଅନ୍ତର୍ଗତ ଉକୁଚାବେଡା ମୁଣ୍ଡା ସାହିରେ ଜାମୁକୋଳି ତୋଳିବାକୁ ଗଛକୁ ଚଢ଼ି ବିଦ୍ୟୁତ ତାରରେ ବାଜି ଜଣେ ନାବାଳକର ଡାହାଣ ଗୋଡ଼ଟି ଆଣ୍ଠୁ ତଳରୁ ଛିଣ୍ଡି ପଡ଼ିଥିଲା । ଆହତ ବାଳକ ସ୍ୱର୍ଗତ ବିଜୟ ମୁଣ୍ଡାଙ୍କ ପୁଅ ବିକାଶ (୧୦)କୁ କଟକ ବଡ଼ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠା ଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ଅପରାହ୍ନ ପ୍ରାୟ ୨ଟା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା । ନାବାଳକର ମୃତ୍ୟୁରେ ଅସହାୟ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

## ଝଡ଼ରେ ଉଡ଼ିଗଲା ଛାତ୍ରାବାସ ଆଜବେଷ୍ଟସ

ଘୂର୍ଣ୍ଣିଝଡ଼ରେ ଛାତ୍ରାବାସର ଦୁଇ ବଖରାର ଛପର ଉଡ଼ିଗଲା । ଦୁଇଦିନ ପରେ ଆସନ୍ତା ୨୧ ତାରିଖରେ ସ୍କୁଲ ଖୋଲିବା ସହ ହଷ୍ଟେଲ ମଧ୍ୟ ଖୋଲିବ । ଆସନ୍ତା କାଲି ସୁଦ୍ଧା ଛାତ୍ରାବାସ ଗୃହର ମରାମତି କରା ନଗଲେ ହଷ୍ଟେଲରେ ଛାତ୍ରଛାତ୍ରୀ ରହି ପାରିବେ ନାହିଁ । ଏହି ହଷ୍ଟେଲଟି ଆଇଟିଡିଏ ଦ୍ୱାରା ପରିଚାଳିତ ହେଉଛି । ସ୍କୁଲ ଖୋଲିବା ପୂର୍ବରୁ ହଷ୍ଟେଲ ଗୃହ ମରାମତି ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି ।

ହରିଚନ୍ଦନପୁର (ହି.ସ): ହରିଚନ୍ଦନପୁର ବ୍ଲକ ଠାକୁରପଡ଼ା ପାଞ୍ଚାୟତ ଗଣ୍ଡଡ଼ିହା ଉପ୍ରା ସ୍କୁଲ ଛାତ୍ରାବାସର ଆଜବେଷ୍ଟସ ଛପର ଗତକାଲି ସନ୍ଧ୍ୟାରେ ଘୂର୍ଣ୍ଣିଝଡ଼ରେ ଉଡ଼ିଯାଇଛି । ଏହି ସ୍କୁଲରେ ୪୦ ଶଯ୍ୟା ବିଶିଷ୍ଟ ଏକ ଛାତ୍ରାବାସ ରହିଛି । ଏହି

## ହାଣ୍ଡିଆ ପାଇଁ ମାଆକୁ ପିଟି ପିଟି ହତ୍ୟାକଲା ପୁଅ

ଆନନ୍ଦପୁର, (ହି.ସ.): ହାଣ୍ଡିଆ ପାଇଁ ଜଣେ ପୁଅ ନିଜ ମାଆକୁ ପିଟି ପିଟି ହତ୍ୟା କରିଛି । ଘଟଣାରେ ରାମଚନ୍ଦ୍ରପୁର ଥାନା ପୋଲିସ ଗତକାଲି ଅଭିଯୁକ୍ତକୁ ଗିରଫ କରିଥିବା ବେଳେ ଆଜି ତାକୁ କୋର୍ଟଚାଲାଣ କରିଛି । ସୂଚନାରୁ ଜଣାଯାଏ, କେନ୍ଦୁଝର ଜିଲ୍ଲା ସାଇଁକୁଜ ଥାନା ନିକଟରେ ଥିବା ନାଇକ ସାହିର ମନ୍ଦିରା ନାଇକ (୫୫) କୁ ନିଜ ପୁଅ ଗୋଲକ ନାଇକ ଏକ ହାଣ୍ଡିଆ ବୋତଲ ରଖିବାକୁ ଦେଇଥିଲେ ହେଲେ ମା ମନ୍ଦିରା ଏହି ହାଣ୍ଡିଆ ବୋତଲକୁ ଅନ୍ୟ ଜଣକୁ ଦେଇଦେଇଥିଲେ । କିଛି ସମୟ ପରେ ଗୋଲକ ମାଆକୁ ରଖିବାକୁ ଦେଇଥିବା ହାଣ୍ଡିଆ ବୋତଲ ମାଗିଥିଲା ହେଲେ ମା ପାଖରେ ହାଣ୍ଡିଆ ବୋତଲକୁ ନପାଇ ଖୁବ୍ ରାଗିଯାଇଥିଲା । ଏଥିପାଇଁ ମାଆକୁ ଗାଳିଗୁଳଜ କରିବା ସହିତ ଉତକ୍ଷିପ୍ତ ହୋଇ ନିର୍ଦ୍ଦୟ ଭାବରେ ଏକ ଠେଙ୍ଗାରେ ପିଟି ପିଟି ହତ୍ୟା କରିଥିଲା । ଫଳରେ ମନ୍ଦିରାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଖବର ପାଇ ରାମଚନ୍ଦ୍ରପୁର ପୋଲିସ ଅଭିଯୁକ୍ତ ଗୋଲକକୁ ଗିରଫ କରି ଥାନା କେଶ ନଂ ୧୪୦ । ୨୦୨୩ରେ କୋର୍ଟଚାଲାଣ କରିଥିବା ଜଣାପଡିଛି ।

## ଖଡ଼ିଆଳ ଏନ୍‌ଏସିରେ ନୂତନ ୧୮ ହିତାଧିକାରୀଙ୍କୁ ଭତ୍ତା ବାଣ୍ଟିଲେ ଅଧକ୍ଷ

ନୂଆପଡ଼ା, (ହି.ସ.): ଖଡ଼ିଆଳ ବିଜ୍ଞାପିତ ଅଂଚଳ ପରିଷଦ ପକ୍ଷରୁ ନୂତନ ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ, ଅବିବାହିତା ମହିଳା ଓ ସ୍ୱାମୀ ପରିତ୍ୟକ୍ତାଙ୍କୁ ଭତା ବଂଟନ କରାଯାଇଛି । ଆଜି ଖଡିଆଳ ଏନଏସିର ୧୮ ଜଣ ହିତାଧିକାରୀଙ୍କୁ ଭତା ଯୋଜନାରେ ସାମିଲ କରି ମାସିକ ୫୦୦/ ୭୦୦ ଟଙ୍କା ଭତା ପ୍ରଦାନ କରାଯାଇଛି । ଏନଏସି ଅଧକ୍ଷ ଉଜ୍ଜଳ ଗୁପ୍ତା ଯୋଗଦେଇ ଭତା ବଂଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ, ଗୋଷ୍ଠୀ ଆୟୋଜିକା ଉର୍ବଶୀ ପାଣିଗ୍ରାହୀ ଏବଂ ଯୋଜନା ସହକାରୀ କର୍ମୀ ଗଣେଶ ରାମ ଭୋଇ, ରାଜ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଭତା ବଂଟନରେ ସହାୟତା କରିଥିଲେ ।

## ସହଯୋଗ ଫାଉଣ୍ଡେସନ ପକ୍ଷରୁ ନିଆରା କାର୍ଯ୍ୟକ୍ରମ ଅନ୍ନପୂର୍ଣ୍ଣା

ବଲାଙ୍ଗିର, (ହି.ସ): ପ୍ରତି ରବିବାର ଦିନ ସହଯୋଗ ଫାଉଣ୍ଡେସନ ତରଫରୁ ଦିନବେଳେ ରୋଗୀ ଏବଂ ତାଙ୍କ ସହାୟକ ପାଇଁ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଓ ହସପିଟାଲରେ ଅନ୍ନପୂର୍ଣ୍ଣା ମାଧ୍ୟମରେ ଭାତ ଡାଲମା, ଖଟା ଆଜକୁ ଦିର୍ଘ ୮ ମାସ ହେଲା ଦେଇ ଆସୁଛି । ଦୀର୍ଘ ମିଆଦି ଯୋଜନା କରିବା ଓ ତାର ସଫଳ ରୂପାୟନ କରିବା ସାଧାରଣ କଥା ନୁହେଁ , କିନ୍ତୁ ସହଯୋଗ ଫାଉଣ୍ଡେସନ ନିଆରା କାର୍ଯ୍ୟକ୍ରମ ସଫଳତା ସହିତ କାର୍ଯ୍ୟ ନିର୍ବାହ କରିଛି । ମୁଖ୍ୟ ଅତିଥି ଭାବରେ ସାମ୍ବାଦିକ ବଳରାମ ମିଶ୍ର, ସମ୍ମାନିତ ଅତିଥି ଭାବରେ ସମାଜସେବୀ ଅଙ୍କୁଶ ପାଣ୍ଡିଆ ଯୋଗ ଦେଇ ସହଯୋଗ ଫାଉଣ୍ଡେସନ ଅନ୍ନପୂର୍ଣ୍ଣା ର ନିଆରା କାର୍ଯ୍ୟକ୍ରମକୁ ଭୁୟସି ପ୍ରଶଂସା କରିଥିଲେ । ରୋଗୀ ଓ ତାଙ୍କ ସହାୟକମାନଙ୍କୁ ପ୍ରତି ରବିବାର ୫୦୦ ଜଣରୁ ଉର୍ଦ୍ଧ୍ୱଙ୍କୁ ଖାଇବାକୁ ଦିଆଯାଉଛି । ଏହି କାର୍ଯ୍ୟକ୍ରମ ଯେତେ ଦିର୍ଘସ୍ଥାୟୀ ହେବ ସେତେ ସମାଜ ପାଇଁ ମଙ୍ଗଳ ହେବ ବୋଲି ଅତିଥି ଗଣ ମତବ୍ୟକ୍ତ କରିଥିଲେ । ତୁଷୁରା ଜାଗୃତି ଶାଖାର ସଭ୍ୟା, ମନସା କେଡିଆ, ମୀରା କେଡିଆ, ସଞ୍ଜୁ ଜୈନ ଆଜିର କାର୍ଯ୍ୟକ୍ରମରେ ସହଯୋଗର ହାତ ବଢାଇଥିଲେ । ଏହି ଅବସରରେ ଅନ୍ତର୍ଜାତୀୟ ଯୋଗ ଦିବସ ଆସନ୍ତା ୨୧ ତାରିଖ ଗାନ୍ଧୀ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବ । ତେଣୁ ସର୍ବସାଧାରଣ ଆସି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ସହଯୋଗ ଫାଉଣ୍ଡେସନର ସଭ୍ୟ ସଭ୍ୟାମାନେ ମତ ରଖିଥିଲେ । କାର୍ଯ୍ୟକ୍ରମରେ ତୁଫାନ ପାତ୍ର, ଦିପକ ଜୈନ, ନାନକି ଅଗ୍ରୱାଲା, ପବନ ଅଗ୍ରୱାଲା, ପିଙ୍କି ଅଗ୍ରୱାଲା, ଡ. ପଂଚାନନ ପ୍ରଧାନ, ଅନିଲ ମୋଦି, କେଦାର ଅଗ୍ରୱାଲା, ଦୁର୍ଗା ପ୍ରସାଦ ଆଚାର୍ଯ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ । କାର୍ଯ୍ୟକ୍ରମକୁ ଆର୍ତ୍ତତ୍ରାଣ ପାଢୀ ପରିଚାଳନା କରିଥିବା ବେଳେ ରାମ ନାରାୟଣ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## କୁଡୁମୁଲୁଗୁମ୍ଫା ବିଏସ୍‌ଏଫ୍ କ୍ୟାମ୍ପରେ ଯୋଗ ଦିବସ ପାଇଁ ପ୍ରସ୍ତୁତି ଶିବିର

ମାଲକାନଗିରି, (ହି.ସ.): କୁଡୁମୁଲୁଗୁମ୍ଫା ସ୍ଥିତ ୧୫୫ ବାଟାଲିୟନ ବିଏସଏଫ କ୍ୟାମ୍ପ ପରିସରରେ ଆଗାମୀ ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ପାଳନକୁ ଧ୍ୟାନରେ ରଖି ଏକ ପ୍ରସ୍ତୁତି ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କୁଡୁମୁଲୁଗୁମ୍ଫା ୧୫୫ ବିଏସଏଫ (ଡେଲ୍ଲା କୋୟ ) ର କ୍ୟାମ୍ପ କମାଣ୍ଡର ଇନ୍ସପେକ୍ଟର ଏସ୍.ଆର. ମୀନା କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲା ବେଳେ କୁଡୁମୁଲୁଗୁମ୍ଫା ସରପଂଚ ମଙ୍ଗଳା ମାଢୀ, ଲ୍ୟାମ୍ପ ସଭାପତି ଗୋପୀ ପାଙ୍ଗୀ, ଯୋଗ ଶିକ୍ଷକ ଭଗବାନ ସାହୁ, ସମାଜସେବୀ ଶ୍ରୀଧର ଆଦବାରୀ, ରାଜେନ୍ଦ୍ର ପାତ୍ର ଓ ଧରମନାଥ ପାଣ୍ଡେ ପ୍ରମୁଖ ଯୋଗ ଦେଇଥିଲେ । ଏଥିରେ ବିଏସଏଫର ଶାରିରୀକ ପ୍ରଶିକ୍ଷକ ସମସ୍ତଙ୍କୁ ୱାର୍ମଅପ୍ କରାଇବା ସହ ଜଗିଙ୍ଗ୍, ବିଭିନ୍ନ ଏକ୍

*ସମାଜର ସବୁଠାରୁ ବଡ଼ ବିପଦ ହେଉଛି ବ୍ୟକ୍ତିଗତ ବା ଦଳଗତ ସ୍ୱାର୍ଥ ପାଇଁ ଦେଶର ସମୂହ ସ୍ୱାର୍ଥକୁ ବଳିଦେବା । ଏହି ବିପଦ ଭାରତୀୟ ସମାଜରେ ସ୍ୱରାଜ୍ୟ ପରେ ଯେପରି ଦେଖାଦେଇଛି, ଏପରି ପୂର୍ବେ ନଥିଲା ।*

(ଗାଁ ମଜଲିସ୍, ୭ମ ଖଣ୍ଡ, ପୃଷ୍ଠା-୪୩)

**-ଡକ୍ଟର ହରେକୃଷ୍ଣ ମହତାବ**

ପ୍ରଜାତନ୍ତ୍ର

ତା ୨୧।୦୬।୨୦୨୩ ବୁଧବାର

# ସଂକ୍ରମଣର ସତ

କରୋନା ଏବେ ବି ରହସ୍ୟ ହୋଇ ରହିଛି । ବୈଜ୍ଞାନିକମାନେ ଲଗାତାର ତାର ରହସ୍ୟକୁ ବୁଝିବା ଲାଗି ଉଦ୍ୟମରେ ଲାଗିଛନ୍ତି । ଆମେରିକାର ବୈଜ୍ଞାନିକମାନେ ମିଳିତଭାବେ ଏବେ ଏକ ଗବେଷଣା କରିଛନ୍ତି, ଯାହା ଅନୁସାରେ ବୁଝିବାକୁ ଉଦ୍ୟମ ହୋଇଛି ଯେ କରୋନା ବ୍ୟାପିବାରେ ସଂକ୍ରମିତ ଲୋକଙ୍କ ବା ରୋଗୀଙ୍କର କ'ଣ ଭୂମିକା ଥିଲା ? ଏହି ବୈଜ୍ଞାନିକ ଅଧ୍ୟୟନରେ ଡାକ୍ତରମାନେ ୩୪ ସୁସ୍ଥ ଯୁବାଙ୍କୁ କରୋନା ଭାଇରସ୍ ଦ୍ୱାରା ସଂକ୍ରମିତ କରାଇଥିଲେ । ସମାନମାତ୍ରାରେ ସେମାନଙ୍କ ନାକ ପାଖରେ ଭାଇରସ୍ ଉପଲବ୍ଧ କରାଯାଇଥିଲା । ୩୪ ଜଣଙ୍କ ମଧ୍ୟରୁ ୧୮ ଜଣ କରୋନା ସଂକ୍ରମିତ ହେଲେ ଓ ତାଙ୍କ ମଧ୍ୟରୁ ମାତ୍ର ଦୁଇଜଣ ଥିଲେ ଯାହାଙ୍କ ଠାରେ ମହାସଂକ୍ରାମକ ଲକ୍ଷଣ ଥିଲା । ଲକ୍ଷ୍ୟ କରିବାର କଥା ଏହି ଯେ ଏହି ଦୁଇଜଣ ରୋଗୀଙ୍କ ଦେହରେ କରୋନା ଲକ୍ଷଣ ଖୁବ୍ ସାଧାରଣ ଥିଲା । ଅର୍ଥାତ୍ ଯେଉଁ ଲୋକେ ଗୁରୁତର ଭାବେ କରୋନା ଦ୍ୱାରା ଆକ୍ରାନ୍ତ ହୋଇଥିଲେ । ସେମାନେ ଅପେକ୍ଷାକୃତ କମ୍ ଭାଇରସ୍ ଉତ୍ସର୍ଜିତ କରୁଥିଲେ ।

ଏବେ ବୈଜ୍ଞାନିକଙ୍କ ପାଖରେ ଏ ତଥ୍ୟ ରହିଛି ଯେ ପ୍ରତ୍ୟେକ ସଂକ୍ରମିତ ବ୍ୟକ୍ତି ସମାନ ଭାବେ ବିପଦଜନକ ନୁହନ୍ତି । ଏବେ ଆହୁରି ଆଗକୁ ଜାଣିବାକୁ ହେବ, ଏପରି ସଂକ୍ରମଣ ବା ଭାଇରସ୍ ଜନିତ ମହାମାରୀରେ କେଉଁ ଲୋକମାନେ ଅନ୍ୟମାନଙ୍କ ଲାଗି ଅଧିକ ବିପଦଜନକ ହୋଇ ପାରନ୍ତି । ଯଦି ମହାସଂକ୍ରାମକ ଲୋକଙ୍କୁ ଚିହ୍ନଟ କରାଯାଇ ପାରିବ ତେବେ ତାହା ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଏକ ବଡ଼ ସଫଳତା ହେବ । ଗବେଷଣାରୁ ଏକଥା ମଧ୍ୟ ସ୍ପଷ୍ଟ ହୋଇଛି ଯେ ଅଧିକ ଉତ୍ସର୍ଜନ ବାୟୁମଣ୍ଡଳରେ ଥାଏ । କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ, ସ୍ୟାନ୍‌ଫାନ୍‌ସିସ୍‌କୋରେ ସଂକ୍ରାମକ ରୋଗ ଚିକିତ୍ସକ ମୌନିକା ଗାନ୍ଧି କହିଛନ୍ତି- ମହାମାରୀର ଚରମ କାଳରେ ଭାଇରସ୍କୁ ନିୟନ୍ତ୍ରିତ କରିବା କଷ୍ଟକର ହୋଇ ଯାଇଥିଲା । ତାଙ୍କ କହିବାର ଅର୍ଥ ହେଉଛି ଅଧିକ ଭାଇରସ୍ ବ୍ୟାପୁଥିବା ଲୋକଙ୍କୁ ଯଦି ଚିହ୍ନଟ କରାଯାଇପାରେ ତେବେ ମହାମାରୀକୁ ଘାତକ ହେବାରୁ ରୋକାଯାଇ ପାରିବ । ଲାନ୍‌ସେଟ୍ ମାଇକିବରେ ଜୁନ୍ ୯ ତାରିଖରେ ପ୍ରକାଶିତ ଗବେଷଣା ମୂଳକ ପ୍ରବନ୍ଧରେ ଦର୍ଶାଯାଇଛି ଯେ କୋଭିଡ୍-୧୯ର କିଛି ବିସଙ୍ଗତି ଲାଗି ଭାଇରସ୍ କମ୍ ଓ ମାନବ ଶରୀର ବିଜ୍ଞାନର ଅଧିକ ଭୂମିକା ଅଛି । ପ୍ରତ୍ୟେକ ବ୍ୟକ୍ତିର ଶରୀରରେ ଅଲଗା ଅଲଗା ପ୍ରଭାବ ଓ ରୋଗ ପ୍ରତିରୋଧକ କ୍ଷମତା ରହିଥାଏ । ଗବେଷଣା ଅନୁସାରେ ୧୮ ଜଣ ସଂକ୍ରମିତ ଲୋକଙ୍କୁ ଅତିକମ୍‌ରେ ୧୪ ଦିନ ଡାକ୍ତରଖାନାରେ ରଖାଗଲା । ପ୍ରତ୍ୟେକ ଦିନ ସେମାନଙ୍କର ନାକ ଗଳା ନିଶ୍ୱାସ ହାତ ଓ କୋଠରୀରେ ଥିବା ଭାଇରସ୍ର ମାତ୍ରାକୁ ଅଧ୍ୟୟନ କରାଗଲା । ଏତେ ବିସ୍ତୃତ ଅଧ୍ୟୟନ ସତ୍ତ୍ୱେବି ମାତ୍ର ଦୁଇ ଜଣ ଅଧ୍ୟବକ ବିପଜ୍ଜନକ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରିଛନ୍ତି ଏବଂ ତାର ଏବେ ବିବେଚନା ଜାରି ରହିଛି ।

ମୋନିକା ଗାନ୍ଧି ଏହି ପୂରା ଅଧ୍ୟୟନକୁ ବହୁତ ସାହସିକ ବୋଲି କହିଛନ୍ତି । କିନ୍ତୁ ଏହି ଅଧ୍ୟୟନକୁ ଅନୈତିକ ବୋଲି ଦର୍ଶାଇବା ଲୋକ କିଛି କମ୍ ନାହାନ୍ତି । ଅନେକଙ୍କ ମତରେ କିଛି ସୁସ୍ଥ ମଣିଷଙ୍କୁ ରୋଗୀ କରାଇ ଅଧ୍ୟୟନ କରିବା ଏବଂ ସେମାନଙ୍କ ଜୀବନକୁ ବିପଦାପନ୍ନ କରିବା ଆଦୌ ଉଚିତ ନୁହେଁ । ତେବେ ବୈଜ୍ଞାନିକମାନଙ୍କ କହିବା କଥା ହେଉଛି ସଂକ୍ରମଣ ପୂରାମାତ୍ରାରେ ତାଙ୍କ ନିୟନ୍ତ୍ରଣରେ ଥିଲା ଓ ଯେପରି ତାର ଲକ୍ଷଣ ଦେଖିବା ଆରମ୍ଭ ହେଲା, ସାଙ୍ଗେ ସାଙ୍ଗେ ରୋଗୀଙ୍କର ଉପଚାର ଆରମ୍ଭ ହୋଇ ଯାଇଥିଲା । ଆଉ ଏକ ବିଶେଷ କଥା ହେଉଛି ସମୟ ଅନୁସାରେ ଚିକିତ୍ସା ଓ ଉପଚାର ଆରମ୍ଭ ହେବା ବି ଲାଭଜନକ ହେଲା । ଏ କଥା ମଧ୍ୟ ସ୍ୱୀକାର କରିବାକୁ ହେବ ଯେ ଅନେକ ବ୍ୟକ୍ତି କରୋନା ଆକ୍ରାନ୍ତ ହୋଇ ଉପଚାର କରିବାରେ ବିଳମ୍ବ କରିଥିବେ ଓ ଏଥି ସକାଶେ କରୋନା ମହାମାରୀ ଘାତକ ହେବାକୁ ସୁଯୋଗ ପାଇଲା, ଯାହାକି ହେଉ କୋରାନା ଏବେ ନିୟନ୍ତ୍ରଣକୁ ଆସିବାକୁ ଲାଗିଛି । ବିଶ୍ୱସାରା ଏବେ ରୋଗୀଙ୍କ ସଂଖ୍ୟା ଦୁଇ କୋଟି ହେବ ଏବଂ ପ୍ରତିଦିନ ଏହା ହ୍ରାସପାଇ ୪୦ ହଜାରରେ ପହଞ୍ଚିଲାଣି । ଭାରତରେ ମଧ୍ୟ ଅତିବେଶୀରେ ଦୁଇ ହଜାର ସକ୍ରିୟ ମାମଲା ମିଳିବ । ଲୋକେ ଅବଶ୍ୟ ଆଶାକରି ବସିଛନ୍ତି, କରୋନା ଭାଇରସ୍ ସମ୍ପୂର୍ଣ୍ଣଭାବେ ନଷ୍ଟ ହେଇଯାଉ ଓ ସେ ସଂକ୍ରାନ୍ତରେ ପ୍ରକୃତ ସତ୍ୟ ଲୋକଲୋଚନକୁ ଆସୁ ।❑❑

**-ଭର୍ତ୍ତୃହରି ମହତାବ**

# ମହାକାବ୍ୟ ରାମାୟଣ

ରାମାୟଣ ଏକ ପାରିବାରିକ ମହାକାବ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ । ଏଥିରେ ପାରିବାରିକ ଚିତ୍ର ପ୍ରତି ଛତ୍ରିରେ ବର୍ଣ୍ଣିତ । ଯୁଗେ ଯୁଗେ ଦମ୍ପତିଙ୍କ ମଧ୍ୟରେ ସାମାନ୍ୟ ବୁଝାମଣା ଅଭାବରୁ କଳହ, ଗୃହତ୍ୟାଗ, ମାନ, ଅଭିମାନ ତଥା ଶାରୀରିକ ଦଣ୍ଡବିଧାନ ରହିଆସିଛି । ଆଜିର ସମାଜରେ ଯେତେବେଳେ ପ୍ରତି ପରିବାରରେ ଏଭଳି କଳହର ସୂତ୍ରପାତ ହେଉଛି ସେଭଳି କଳହ ଯେ ସାରଳାଙ୍କ ଯୁଗରେ ନଥିଲା - ଏକଥା କୁହାଯାଇ ପାରେନା । ସାରଳା ଦାସ ଏପରି ଏକ ସାମାନ୍ୟ ବଚସାକୁ କଳହ ସୂତ୍ରପାତ ମାଧ୍ୟମରେ ରାମ ସୀତାଙ୍କ ମଧ୍ୟରେ ରାବଣ ବଧ ଜନିତ ଆଲୋଚନା ପ୍ରସଙ୍ଗରେ କରାଇଛନ୍ତି । ବିଲଙ୍କା ରାବଣର ଅତ୍ୟାଚାର ଦେବତାଙ୍କର ବିଷ୍ଣୁପ୍ରତି ତଥା ରାମଙ୍କର ସୀତାଙ୍କ ନିକଟରେ ପ୍ରତିଜ୍ଞା ଫଳରେ ବିଲଙ୍କା ରାବଣର ବଧ ହୋଇଛି ।

କବି ସାରଳା ଦାସ ମୂଳ ରାମାୟଣରୁ ବିଷୟବସ୍ତୁ ଗ୍ରହଣ କରିଥିଲେ ମଧ୍ୟ ସ୍ୱୀୟ ମୌଳିକତା ରକ୍ଷା କରିବା ସଙ୍ଗେ ସଙ୍ଗେ ରାମ ସାହିତ୍ୟ ବିକାଶ କ୍ଷେତ୍ରରେ ଏକ ପଦକ୍ଷେପ ନେଇଛନ୍ତି । ମୂଳ ରାମାୟଣର ନାମ ଓ ବିଷୟବସ୍ତୁକୁ ଅତୀତ ଘଟଣା ରୂପେ ଗ୍ରହଣ କରି ସେ ଆଗାମୀ ଏକ କଳ୍ପିତ ବିଷୟବସ୍ତୁର ସଂଯୋଗ ପାଇଁ ଏଥିରେ ବୈଚିତ୍ର୍ୟ ପ୍ରଦାନ କରିଛନ୍ତି । ମୂଳରାମାୟଣ ଗ୍ରନ୍ଥରେ ରାମ ହିଁ ଶ୍ରେଷ୍ଠବୀର ତଥା ପୁରୁଷୋତ୍ତମ ଭାବରେ ବର୍ଣ୍ଣିତ ହେବା ସଙ୍ଗେ ସଙ୍ଗେ ସମଗ୍ର କାବ୍ୟରେ ତାଙ୍କୁ ପ୍ରଧାନ ଚରିତ୍ର ରୂପେ ଗ୍ରହଣ କରାଯାଇଛି । ନାୟିକା ସୀତା ଚରିତ୍ରରେ ବିଶେଷ ମହନୀୟତା ଦୃଷ୍ଟିଗୋଚର ହୁଏନାହିଁ । ଏପରି ଦୁର୍ବଳତାକୁ ଯାଇ ସାରଳା ଦାସ ଏଠାରେ ବ୍ୟତିକ୍ରମ ଆଣିଛନ୍ତି । ବିଲଙ୍କା ରାମାୟଣରେ ସମଗ୍ର ପରିବେଶ ମଧ୍ୟରେ ସୀତାଙ୍କ ପ୍ରାଧାନ୍ୟ ସ୍ୱୀକୃତ ହୋଇଛି । ରାମଚନ୍ଦ୍ର ନିଜର ବୀରତ୍ୱ ପାଇଁ ମହାମାୟା ସୀତାଙ୍କୁ ଅବଜ୍ଞା କରିବାରୁ ସମଗ୍ର ନାରୀ ଜାତିର ଅବମାନନା ରୂପେ ତାଙ୍କୁ ଗ୍ରହଣ କରି ସୀତା ସହସ୍ରଶିରା ରାବଣକୁ ମାରିବାକୁ ଅନୁରୋଧ କରିଛନ୍ତି । ଏହି ଅନୁରୋଧ ଏବଂ ନିଜ ଶକ୍ତି ଉପରେ ଅଖଣ୍ଡ ବିଶ୍ୱାସ ରଖି ରାମଚନ୍ଦ୍ର ଯୁଦ୍ଧରେ ବ୍ୟାପୃତ ହୋଇଛନ୍ତି । ସେଠାରେ ତାଙ୍କର ସମସ୍ତ ପ୍ରକାର ଅହଙ୍କାର ନିଷ୍ପ୍ରଭ ହୋଇଛି ଓ ସେ ସୀତାଙ୍କ ସାହାଯ୍ୟ ଚାହିଁଛନ୍ତି । ସୀତାଙ୍କ ସାହତର୍ଯ୍ୟରେ ସେ ରାକ୍ଷସକୁ ବଧ କରିବାକୁ ସମର୍ଥ ହୋଇଛନ୍ତି ।

ମୂଳରେ ଯେଉଁ ବିଷୟବସ୍ତୁ ଆରମ୍ଭ ହୋଇଛି ବୈଚିତ୍ର୍ୟରେ ତାହାର ଅଗ୍ରଗତି ଏବଂ ଗର୍ବଗଂଜନରେ ଏହାର ପରିସମାପ୍ତି । ଏହା ହିଁ ଯଥାର୍ଥ କଳା ଗୌରବ । ରାମ ସାହିତ୍ୟ କ୍ଷେତ୍ରରେ ଏ ପ୍ରକାର ଉଦ୍ୟମ ପ୍ରଥମ ଗୌରବ ରକ୍ଷାକରି ଓଡ଼ିଆ ସାହିତ୍ୟରେ ରାମସାହିତ୍ୟର ପ୍ରଥମ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ସାରଳାଦାସ ।

ସମାଲୋଚକ ସଚ୍ଚିଦାନନ୍ଦ ମିଶ୍ରଙ୍କ ମତରେ ସାରଳାଦାସଙ୍କ ରାମାୟଣ କହିଲେ ବିଲଙ୍କା ରାମାୟଣ ନୁହେଁ, ବିଚିତ୍ର ରାମାୟଣକୁ ହିଁ ବୁଝାଏ । କାରଣ ବିଲଙ୍କା ରାମାୟଣର ପ୍ରାଚୀନ ପାଣ୍ଡୁଲିପି ଗୁଡ଼ିକର ସାରଳାଦାସଙ୍କ ନାମ ପରିବର୍ତ୍ତେ ସିଦ୍ଧେଶ୍ୱର ଦାସ ବୋଲି ଭଣିତା ଅଛି । ଯାହାକି ସାରଳା ଦାସଙ୍କ ଦୀକ୍ଷା ଗ୍ରହଣ ପୂର୍ବବର୍ତ୍ତୀ ନାମ ବିଚିତ୍ର ରାମାୟଣରେ ବାଲ୍ମୀକିଙ୍କ କଥାର ହବୁଳତା ପରି ସାରଳା ଦାସଙ୍କ ମହାଭାରତରେ ମଧ୍ୟ ରାମକଥାର ବହୁ ବିଚିତ୍ର ରୂପ ପରିଦୃଷ୍ଟ ହୁଏ । ବର୍ତ୍ତମାନ ଓଡ଼ିଶାରୁ ମିଳୁଥିବା ସାରଳା ଦାସଙ୍କ ରାମାୟଣକୁ ଆଲୋଚନା କଲେ ଜଣାପଡ଼େ ଯେ ଏହା ବିଲଙ୍କା ରାମାୟଣ ନ ହୋଇ ବିଚିତ୍ର ରାମାୟଣ ହେବା ଯୁକ୍ତି ସଂଗତ ।

**ଡାକ୍ତର ଦିଲ୍ଲୀପ କୁମାର ମହାରଣା**
**ମୋ : ୮୨୮୦୯୬୩୨୮୩**

# ପ୍ଲାଷ୍ଟିକ ପ୍ରଦୂଷଣ ଜୈବ ବିବିଧତା ପାଇଁ ବିପଦ

**ଅସିତ ମହାନ୍ତି**

ପ୍ରକୃତି ଏବଂ ଏହାର ସୁରକ୍ଷା ପ୍ରତି ଉତ୍ସର୍ଗୀକୃତ ପ୍ରଦର୍ଶନ ପାଇଁ ପ୍ରତିବର୍ଷ ୫ ଜୁନ୍ ରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଏ । ପ୍ରଶାସନ ସହିତ ଏହି ଦିନରେ କାର୍ଯ୍ୟକ୍ରମ ମଧ୍ୟ ପୃଥକ ଭାବରେ ଆୟୋଜିତ ହୋଇଥାଏ । ଆମ ଚାରିପାଖରେ ନଦୀ, ପୋଖରୀ, ଜଙ୍ଗଲ, ପର୍ବତ, ପ୍ରାଣୀ, ପକ୍ଷୀ, ମୃତ୍ତିକା ଇତ୍ୟାଦି ସଂରକ୍ଷଣ କରିବା, ବିଶ୍ୱ ତାପମାତ୍ରା ଏବଂ ଜଳବାୟୁ ପରିବର୍ତ୍ତନ ବିଷୟରେ ଲୋକଙ୍କୁ ଅବଗତ କରାଇବା ଏବଂ ପ୍ରଦୂଷଣକୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରିବା ଏବଂ ଏଥିରେ ଲୋକଙ୍କୁ ଜଡିତ କରିବା ପରିବେଶ ସୁରକ୍ଷା କାର୍ଯ୍ୟ ଭାବରେ ବିବେଚନା କରାଯାଏ । ୧୯୭୨ ମସିହାରେ, ମିଳିତ ଜାତିସଂଘ ଷ୍ଟକହୋମରେ ପ୍ରଥମ ଗ୍ଲୋବାଲ୍ ପରିବେଶ ସମ୍ମିଳନୀ ଆୟୋଜନ କରିଥିଲା । ୧୧୯ ଦେଶ ଏଥିରେ ଭାଗ ନେଇଥିଲେ । ଏହି ସମ୍ମିଳନୀର ମୁଖ୍ୟ ବିଷୟବସ୍ତୁ ପରିବେଶ ପ୍ରଦୂଷଣ ବୃଦ୍ଧି ଥିଲା ।

ଭାରତୀୟ ପକ୍ଷରୁ ଇନ୍ଦିରା ଗାନ୍ଧୀ ଏହି ଆଲୋଚନାଚକ୍ରର ନେତୃତ୍ୱ ନେଇଥିଲେ । ଏହି ସମ୍ମିଳନୀରେ ମିଳିତ ଜାତିସଂଘର ପରିବେଶ କାର୍ଯ୍ୟକ୍ରମ (ୟୁଏନଇପି) ମଧ୍ୟ ଗଠନ କରାଯାଇଥିଲା ଏବଂ ପ୍ରତିବର୍ଷ ଜୁନ୍ ୫ ତାରିଖରେ ବିଶ୍ୱ ପରିବେଶ ଦିବସ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଭାରତରୁ ନେତୃତ୍ୱ ନେଉଥିବା ଇନ୍ଦିରା ଗାନ୍ଧୀ ମଧ୍ୟ ପରିବେଶର ଅବସ୍ଥା ଖରାପ ଏବଂ ଭବିଷ୍ୟତରେ ଏହାର ପ୍ରଭାବ ଉପରେ ଏକ ବକ୍ତୃତା ପ୍ରଦାନ କରିଥିଲେ । ପ୍ରତିବର୍ଷ ବିଶ୍ୱ ପରିବେଶ ଦିବସ ପାଇଁ ଏକ ଥିମ୍ ସ୍ଥିର କରାଯାଇଥାଏ ଯାହା ଅନୁଯାୟୀ ଏହାକୁ ପାଳନ କରାଯାଏ । ୨୦୧୯ ରେ ବିଷୟବସ୍ତୁ ଥିଲା ବାୟୁ ପ୍ରଦୂଷଣ', ୨୦୨୦ ରେ 'ଜୈବ ବିବିଧତା', ୨୦୨୧ ରେ 'ଇକୋସିଷ୍ଟମ୍ ସଂରକ୍ଷଣ' ଏବଂ ଏହି ବର୍ଷ ୨୦୨୨ ରେ 'କେବଳ ଗୋଟିଏ ପୃଥିବୀ' । ୨୦୨୩ ଥିମ ହେଉଛି -ପ୍ଲାଷ୍ଟିକ୍ ପ୍ରଦୂଷଣକୁ ପରାସ୍ତ କରନ୍ତୁ (beat the plastic pollution ) । ଏହି ବର୍ଷ ବିଶ୍ୱ ପରିବେଶ ଦିବସର ୫୧ ତମ ବାର୍ଷିକୀ ପାଳନ କରାଯାଉଛି, ଯାହା ହ୍ୟାସଟ୍ୟାଗ ଏବଂ ସ୍ଲୋଗାନ, #Beat Plastic Pollution ଉପଯୋଗ କରି , ପ୍ଲାଷ୍ଟିକ ପ୍ରଦୂଷଣର ସମାଧାନ ଉପରେ ଧ୍ୟାନ କେନ୍ଦ୍ରିତ କରିବ । ପ୍ରତିବର୍ଷ ସାରା ବିଶ୍ୱରେ ୪୩୦ ନିୟୁତ ଟନରୁ ଅଧିକ ପ୍ଲାଷ୍ଟିକ ଉତ୍ପାଦିତ ହୁଏ, ଯାହାର ଅଧା କେବଳ ଥରେ ବ୍ୟବହାର ପାଇଁ ଡିଜାଇନ୍ ହୋଇଛି । ଏଥିମଧ୍ୟରୁ ୧୦% ରୁ କମ୍ ପୁନଃ ବ୍ୟବହାର କରାଯାଏ । ଆନୁମାନିକ ୧୯ –୨୩ ନିୟୁତ ଟନ୍ ହ୍ରଦ, ନଦୀ ଏବଂ ମହାସାଗରରେ ଶେଷ ହୁଏ । ମାଇକ୍ରୋପ୍ଲାଷ୍ଟିକ୍ - ୫ ମିଲିମିଟରେ ବ୍ୟାସାର୍ଦ୍ଧ କ୍ଷୁଦ୍ର ପ୍ଲାଷ୍ଟିକ୍ କଣିକା - ଖାଦ୍ୟ, ଜଳ ଏବଂ ବାୟୁରେ ପ୍ରବେଶ କରେ । ଏହା ଅନୁମାନ କରାଯାଏ ଯେ ପୃଥିବୀର ପ୍ରତ୍ୟେକ ବ୍ୟକ୍ତି ବର୍ଷକୁ ୫୦,୦୦୦ରୁ ଅଧିକ ପ୍ଲାଷ୍ଟିକ କଣିକା ଖାଇଥାନ୍ତି- ଏବଂ ଯଦି ଶ୍ୱାସକ୍ରିୟା ର କଥା କୁହାଯାଏ ଏହା ଅତ୍ୟଧିକ । ପରିତ୍ୟକ୍ତ କିମ୍ବା ପ୍ରଜ୍ୱଳିତ ଏକକ ବ୍ୟବହାର ପ୍ଲାଷ୍ଟିକ ମାନବ ସ୍ୱାସ୍ଥ୍ୟ ଏବଂ ଜୈବ ବିବିଧତାକୁ କ୍ଷତି ପହଞ୍ଚାଏ ଏବଂ ପର୍ବତ ଉପରୁ ସମୁଦ୍ର ଚଟାଣ ପର୍ଯ୍ୟନ୍ତ ପ୍ରତ୍ୟେକ ଇକୋସିଷ୍ଟମକୁ ପ୍ରଦୂଷିତ କରେ । ସମସ୍ୟାର ମୁକାବିଲା ପାଇଁ ଉପଲବ୍ଧ ବିଜ୍ଞାନ ଏବଂ ସମାଧାନ ସହିତ, ସରକାର, କମ୍ପାନୀ ଏବଂ ଅନ୍ୟାନ୍ୟ ହିତାଧିକାରୀମାନେ ଏହି ବିପଦର ସମାଧାନ ପାଇଁ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଆବଶ୍ୟକ । ପୃଥିବୀର ପ୍ରତ୍ୟେକ କୋଣରୁ ପରିବର୍ତ୍ତନଶୀଳ କାର୍ଯ୍ୟ ସଂଗ୍ରହ କରିବାରେ ଏହି ବିଶ୍ୱ ପରିବେଶ ଦିବସର ଗୁରୁତ୍ୱକୁ ଏହା ସୂଚିତ କରେ । ମିଳିତ ଜାତିସଂଘର ପରିବେଶ ସଭାରେ ୨୦୨୨ ମସିହାରେ ପ୍ଲାଷ୍ଟିକ୍ ପ୍ରଦୂଷଣ ଉପରେ ସାମୁଦ୍ରିକ ପରିବେଶ ସମେତ ଏକ ଆଇନଗତ ବାଧ୍ୟତାମୂଳକ ଉପକରଣ ବିକଶିତ କରିବା ପାଇଁ ୨୦୨୪ ଶେଷ ସୁଦ୍ଧା ବୁଝାମଣା ସମାପ୍ତ କରିବାକୁ ଏକ ସଂକଳ୍ପ ଗ୍ରହଣ କରାଯାଇଥିଲା । ଅନ୍ତଃ ସରକାରୀ ବୁଝାମଣା କମିଟି (INC-2) ର ଦ୍ୱିତୀୟ ବୈଠକ ମେ ୨୦୨୩ ଶେଷରେ ପ୍ୟାରିସରେ ଅନୁଷ୍ଠିତ ହେବ । ସାଧନ ହେଉଛି ଏକ ବିସ୍ତୃତ ଆଭିମୁଖ୍ୟ ଉପରେ ଆଧାରିତ ଯାହା ପ୍ଲାଷ୍ଟିକର ସମ୍ପୂର୍ଣ୍ଣ ଜୀବନଚକ୍ରକୁ ସମ୍ବୋଧିତ କରେ । ଜେନେଭାର ଅନେକ କାର୍ଯ୍ୟକର୍ତ୍ତା ଉଭୟ ବିଶ୍ୱ ତଥା ସ୍ଥାନୀୟ ଭାବରେ ପ୍ଲାଷ୍ଟିକ୍ ସଙ୍କଟର ମୁକାବିଲା ପାଇଁ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି । ପରିବେଶ ଏବଂ ସ୍ୱାସ୍ଥ୍ୟ ଶାସନର ଏକ କେନ୍ଦ୍ର ଭାବରେ ପ୍ଲାଷ୍ଟିକ୍ ପ୍ରଦୂଷଣକୁ ଦୂର କରିବା ପାଇଁ ଜେନେଭା ବହୁପକ୍ଷୀୟ ପ୍ରକ୍ରିୟାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଜେନେଭା ପରିବେଶ ନେଟୱାର୍କ ପ୍ଲାଷ୍ଟିକ୍ ଏବଂ ପରିବେଶ ସିରିଜ୍, ପ୍ଲାଷ୍ଟିକ୍ ସଙ୍କଟ ଉପରେ ଅନଲାଇନ୍ ଉତ୍ସ, ଏହାର ଲୋକ ତଥା ପରିବେଶ ଉପରେ ଏହାର ପ୍ରଭାବ ତଥା ଏହି ବିଶ୍ ଶକ୍ତକ୍ଷ- ଭବକ୍ଷ ସ୍ତରୀୟ ସମସ୍ୟାର ସମାଧାନ ପାଇଁ ଆନ୍ତର୍ଜାତୀୟ ସହଯୋଗର ବିକାଶ କରିଛି ଏବଂ ୨୦୨୦ ରେ ଜେନେଭାରେ ବିଟ୍ ପ୍ଲାଷ୍ଟିକ୍ ପ୍ରଦୂଷଣ ମଧ୍ୟ ଆରମ୍ଭ କରିଛି । ସଂଳାପ, ଅଭିନେତା, ଆନ୍ତଃ ସରକାରୀ ସଂଗଠନ ମଧ୍ୟରେ ସମନ୍ୱୟ ସୃଷ୍ଟି ଏବଂ ନିର୍ମାଣ ଏବଂ ସରକାର, ବ୍ୟବସାୟ, ବୈଜ୍ଞାନିକ ସମ୍ପ୍ରଦାୟ, ନାଗରିକ ସମାଜ ଏବଂ ବ୍ୟକ୍ତିବିଶେଷଙ୍କ ଦ୍ୱାରା କରାଯାଇଥିବା ପ୍ରୟାସକୁ ଆଲୋକିତ କରିବାକୁ ଲକ୍ଷ୍ୟ ରଖାଯାଇଛି । ସାମ୍ପ୍ରତିକ ବୁଝାମଣାର ଫଳାଫଳ ଏବଂ ଜେନେଭା ବିଟ୍ ପ୍ଲାଷ୍ଟିକ୍ ପ୍ରଦୂଷଣ ସଂଳାପ ଏହି ବୃହତ ସଙ୍କଟର ସମାଧାନ ପାଇଁ ବହୁପକ୍ଷୀୟ ଜେନେଭା କିପରି କାର୍ଯ୍ୟ କରୁଛି ତାହାର କିଛି ଠୋସ୍ ଉଦାହରଣ ପ୍ରଦାନ କରିଛି । ଯେଉଁଥିରେ ଅନ୍ତର୍ଭୁକ୍ତ ଅଛି : ବେସେଲ୍, ରୋଟେରଡାମ୍ ଏବଂ ଷ୍ଟକହୋମ ସମ୍ମିଳନୀ । ବାସେଲ କନଭେନସନ୍(COP-14, ୨୦୧୯) ର ପାର୍ଟିର କନଫରେନ୍ସର ଚତୁର୍ଦ୍ଦଶ ବୈଠକ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁର ସୀମାକୁ ସ୍ପଷ୍ଟ କରିବା ଏବଂ ନିୟନ୍ତ୍ରଣକୁ ବଢାଇବା ଉଦ୍ଦେଶ୍ୟରେ ଅନୁବନ୍ଧ II, VIII ଏବଂ IX ରେ ସଂଶୋଧନ ଗ୍ରହଣ କଲା । ଏକ ସମ୍ମିଳନୀ ଭାବରେ ଏହା ଏହିପରି ବର୍ଜ୍ୟବସ୍ତୁ ପାଇଁ ପ୍ରଯୁଜ୍ୟ । ଷ୍ଟକହୋମ ସମ୍ମିଳନୀର ପକ୍ଷମାନେ ତିନୋଟି ରାସାୟନିକ ପଦାର୍ଥକୁ ସ୍ଥାୟୀ ଭାବରେ ନିଷିଦ୍ଧ କରିବାକୁ ରାଜି ହୋଇଥିଲେ- ପ୍ଲାଷ୍ଟିକରେ ବ୍ୟବହୃତ ଟଠ ଫିଲ୍ଟର ଟଠ-୩୨୮ ର ଉତ୍ପାଦନ ଏବଂ ବ୍ୟବହାରକୁ ପର୍ଯ୍ୟାୟଭୁକ୍ତ କରିବାକୁ ରାଜି ହେଲା । ବିଶ୍ୱ ବାଣିଜ୍ୟ ସଂଗଠନ । ପ୍ଲାଷ୍ଟିକ ପ୍ରଦୂଷଣ ଏବଂ ପରିବେଶ ନିରନ୍ତର ପ୍ଲାଷ୍ଟିକ ବାଣିଜ୍ୟ (ଓଉଚ) ଉପରେ ଅନୌପଚାରିକ କଥାବାର୍ତ୍ତା ବାଣିଜ୍ୟ ଏବଂ ପରିବେଶ କମିଟି (CTE) ଏବଂ ଅନ୍ୟାନ୍ୟ ଫୋରାରେ ଆଲୋଚନାକୁ ପରିପୂର୍ଣ୍ଣ କରିବାକୁ ଚେଷ୍ଟା କରେ । ଏପ୍ରିଲ୍ ୨୦୨୩ ରେ,ଡଞ୍ଚଡ ୭୬ ସଦସ୍ୟ ରାଷ୍ଟ୍ର ଭାଗ ନେଇଥିଲେ । ଡିସେମ୍ବର ୨୦୨୧ ରେ, ସଦସ୍ୟମାନେ ପ୍ଲାଷ୍ଟିକ ପ୍ରଦୂଷଣ ଉପରେ ମନ୍ତ୍ରାସ୍ତରୀୟ ବିବୃତି ପ୍ରଦାନ କରିଥିଲେ । ଦ୍ୱାଦଶ ମନ୍ତ୍ରୀ ସମ୍ମିଳନୀ IDPର ଷ୍ଟକ୍ ନେବାକୁ ଏକ ନୂତନ ମନ୍ତ୍ରାସ୍ତରୀୟ ବିବୃତି ଜାରି କରିଛି । ବିଶ୍ୱ ସ୍ୱାସ୍ଥ୍ୟ ସଭା ।

ବିଶ୍ୱ ସ୍ୱାସ୍ଥ୍ୟ ସଭାର ୭୬ ତମ ଅଧିବେଶନରେ ରାସାୟନିକ ପଦାର୍ଥ, ବର୍ଜ୍ୟବସ୍ତୁ ଏବଂ ପ୍ରଦୂଷଣର ମାନବ ସ୍ୱାସ୍ଥ୍ୟ ଉପରେ ହେଉଥିବା

# କେବେ ସ୍ୱାଭାବିକ ହେବ ଧବଳେଶ୍ୱର ଗମନାଗମନ ପଥ ?

କଟକ : ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱରକୁ ୭ ମାସରୁ ଅଧିକ ହେଲାଣି ଶ୍ରଦ୍ଧାଳୁଙ୍କ ପାଇଁ ସହଜ ଆଉ ସ୍ୱାଭାବିକ ଗମନାଗମନ ବାଟ ବନ୍ଦ। କିନ୍ତୁ ଏ କ୍ଷେତ୍ରରେ ପ୍ରାଶାସନିକ ଶିଥିଳତା ବିଭିନ୍ନ ମହଲରେ ପ୍ରତିକ୍ରିୟାର କାରଣ ହୋଇଛି। ଝୁଲା ପୋଲକୁ ବନ୍ଦ କରି ଦିଆଯାଇଛି। ମହାନଦୀରେ ଡଙ୍ଗାରେ ଯିବା ବି ବନ୍ଦ।ଏଭଳି ସ୍ଥିତିରେ ମହାନଦୀରେ ନିର୍ମିତ ଅସ୍ଥାୟୀ ରାସ୍ତା ଦେଇ ବାବା ଧବଳେଶ୍ୱରଙ୍କୁ ଦର୍ଶନ କରିବାର ସୁଯୋଗ ରହିଛି। କିନ୍ତୁ ଆଗକୁ ଶ୍ରାବଣ ମାସ ଓ ବର୍ଷା ଋତୁ ଆସୁଥିବା ବେଳେ ଶ୍ରଦ୍ଧାଳୁ ମନ୍ଦିରକୁ କେଉଁ ବାଟେ ଯିବେ, ତାହାକୁ ନେଇ ଚିନ୍ତା ବଢୁଛି। ଝୁଲା ପୋଲ ମରାମତି ହେଉନି କି ପୀଠକୁ ସଂଯୋଗ କରିବା ପାଇଁ ନିର୍ମାଣ ଚାଲିଥିବା ପୋଲର କାମ ବି ସରୁନି। ଗଲା ମାର୍ଚ୍ଚ ମାସ ସୁଦ୍ଧା କଂକ୍ରିଟ ପୋଲ କାମ ସରିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ବାସ୍ତବରେ ଏବେ ବି ପୋଲ କାମ ସରିବାକୁ ନେଇ ଅନିଶ୍ଚିତତା ଲାଗି ରହିଛି। ୧୬ବର୍ଷର ୨୦୨୨, ଅକ୍ଟୋବର ୩୦ରେ ଗୁଜୁରାଟରେ ଏକ ଶହେ ବର୍ଷରୁ ଅଧିକ ପୁରୁଣା ଝୁଲ ପୋଲ ଛିଣ୍ଡିବା ପରେ ଏଠି ପ୍ରଶାସନ ଠିକ ତା' ପରଦିନ ଅର୍ଥାତ୍ ଅକ୍ଟୋବର ୩୧ରୁ ଧବଳେଶ୍ୱର ଝୁଲାପୋଲରେ ଯିବା ବନ୍ଦ କରି ଦେଲା। ଅକ୍ଟୋବର ୩୦ ପର୍ଯ୍ୟନ୍ତ ସେହି ଝୁଲା ପୋଲରେ ଶ୍ରଦ୍ଧାଳୁ ଯାଉଥିବା ବେଳେ ଗୁଜୁରାଟରେ ଦୁର୍ଘଟଣା ହେବାରୁ ଏହାକୁ ହଠାତ ବିପଦସଙ୍କୁଳ ଘୋଷଣା କରି ବନ୍ଦ କରି ଦେବା ପଛର ରହସ୍ୟ ବି କେହି ବୁଝି ପାରୁ ନାହାନ୍ତି। ଧବଳେଶ୍ୱର ପୋଲ ହେଉଛି ମାତ୍ର ୧୬ ବର୍ଷ। ଝୁଲାପୋଲ ମରାମତି ବ୍ୟବସ୍ଥା ଗ୍ରାମ୍ୟ ଉନ୍ନୟନ ବିଭାଗ ହାତରେ ରହିଥିବା ବେଳେ ଏହାକୁ ଯାଞ୍ଚ କରିବା ପାଇଁ କୋଲକାତାରୁ ଏକ ଟିମ୍ ଡକା ଯାଇଥିଲା। କିନ୍ତୁ ସେମାନେ ଯାଞ୍ଚ କରି ଫେରି ଯାଇଥିବା ବେଳେ ଝୁଲାପୋଲ ମରାମତିକୁ ନେଇ ଏଯାଏ କୌଣସି ସୋରଶବ୍ଦ ବି ନାହିଁ। ଝୁଲା ପୋଲର ନିୟମିତ ମରାମତି ଦାୟିତ୍ୱ ପାରଦ୍ୱୀପର ଏକ ବିଶେଷଜ୍ଞ ଟିମ୍ କରିଥାନ୍ତି। କିନ୍ତୁ ପୋଲକୁ ହଠାତ୍ ବନ୍ଦ କରି ଦିଆଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ତାହାର ମରାମତି କାମ ହୋଇ ପାରୁନି। ପୂର୍ବରୁ ପଞ୍ଚୁକ ସମୟରେ ହଠାତ୍ ପୋଲର ଦୁଇଟି କଡି ଛିଣ୍ଡି ଯାଇଥିଲା। ତୁରନ୍ତ ପ୍ରଶାସନ ପୋଲର ଉଭୟ ପଟକୁ ସିଲ୍ କରି ଲୋକଙ୍କୁ ବାହାର କରିବା ସହ ଝୁଲାପୋଲର ମରାମତି କରିଥିଲା। ୩ ଘଣ୍ଟା ପରେ ପୁଣି ଦର୍ଶନ ସ୍ୱାଭାବିକ ହୋଇଥିଲା। କିନ୍ତୁ ତା' ପରେ ଆଉ ସ୍ଥାୟୀ ପ୍ରତିକାର ନ କରି ପ୍ରଶାସନ ହାତ ବାନ୍ଧି ବସିଗଲା।

୧୬ ବର୍ଷ ପୂର୍ବରୁ ମହାନଦୀରେ ଡଙ୍ଗା ହିଁ ଥିଲା ଧବଳେଶ୍ୱର ପୀଠକୁ ଗମନାଗମନର ଏକମାତ୍ର ମାଧ୍ୟମ। ଏବେ କେବଳ ସେହି ଅସ୍ଥାୟୀ ରାସ୍ତା ହିଁ ଭରସା। ଯଦି ବର୍ଷା ହେବ ତାହେଲେ ସେହି ରାସ୍ତା ବୁଡିଯିବ। ସେହି ସମୟରେ ଶ୍ରଦ୍ଧାଳୁ ମନ୍ଦିରକୁ କେଉଁ ବାଟେ ଆସି ଦର୍ଶନ କରିବେ ଧବଳେଶ୍ୱର ପୀଠକୁ ମଂଚେଶ୍ୱର ପଟୁ ସଂଯୋଗ ପାଇଁ କଂକ୍ରିଟ୍ ପୋଲ ନିର୍ମାଣ କାର୍ଯ୍ୟ ଚାଲିଛି। ଆସନ୍ତା ମାର୍ଚ୍ଚ ମାସ ଶେଷ ସୁଦ୍ଧା ଧବଳେଶ୍ୱର ପୀଠକୁ ସଂଯୋଗ କରୁଥିବା କଂକ୍ରିଟ ପୋଲ ନିର୍ମାଣ ସରିବ ବୋଲି ଆରଡି ବିଭାଗ ପକ୍ଷରୁ କୁହା ଯାଇଥିଲା। ବର୍ଷା ପାଇଁ କାମ ବିଳମ୍ବ ହୋଇଥିବାବେଳେ ୨୨କୋଟିରୁ ଅଧିକ ଟଙ୍କା ବ୍ୟୟରେ ଏହାର ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ୭ଟି ସ୍ପାନ୍? ଉପରେ ନିର୍ମାଣ ହେବାକୁ ଥିବା ସେତୁର ଲମ୍ବ ୨୪୬.୮୦ ମିଟର ଓ ଚଉଡା ୫.୩୦ ମିଟର ରହିବ। ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ ଅଶୋକ କୁମାର ସାହୁ କହିବା ଅନୁଯାୟୀ ସେ ନୂତନଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏପଟେ ରାଜ୍ୟର ପ୍ରସିଦ୍ଧ ଶେ?ବପୀଠ ଧବଳେଶ୍ୱରର ବିକାଶ କରାଯିବ। ଏଥିପାଇଁ ୪୦କୋଟିର ଯୋଜନା କରାଯାଇଛି। ମନ୍ଦିରର ପାରିପାର୍ଶ୍ୱିକ ଉନ୍ନୟନ ସହ ୪ଟି ଯାତାୟତ ପଥ, ଆଲୋକୀକରଣ ସହ ପୀଠ ଚାରିପାଖରେ ରିଙ୍ଗରୋଡର ବି ଯୋଜନା କରାଯାଇଛି। ମନ୍ଦିରର ୬୦ମିଟର ପରିସର ଭିତରେ ଯାହା କିଛି ରହିଛି ତାକୁ ଭଙ୍ଗାଯିବ। ଧବଳେଶ୍ୱର ପୀଠକୁ ନୂଆ ରୂପ ଦେବାକୁ ଯୋଜନା ଚାଲିଥିଲେ ବି ଏହି ଯୋଜନା ବାସ୍ତବରେ କେବେ କାର୍ଯ୍ୟକାରୀ ହେବ ତାହାକୁ ନେଇ ଆଶଙ୍କା ବଢିବାରେ ଲାଗିଛି।

# ବିଷ୍ଣୁଦାସପୁର ଗ୍ରାମରେ ବସୁଧା ଯୋଜନା ଫେଲ୍

କିରାଇ: ପ୍ରତି ଘରକୁ ପାଇପ୍ ଯୋଗେ ବିଶୁଦ୍ଧ ପାଣି ଯୋଗାଇ ଦେବାକୁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ବସୁଧା ଯୋଜନାରେ ଏଥିନିମନ୍ତେ ଗାଁରେ ଗାଁରେ ପାଇପ୍ ବିଛାଠୁ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ କରାଯାଉଛି। ହେଲେ କେନ୍ଦ୍ରାପଡ଼ା ବ୍ଲକ୍ କୁତରଙ୍ଗ ପଂଚାୟତ ବିଷ୍ଣୁଦାସପୁର(ଚାଉଳିଆ) ଗ୍ରାମରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜଳ ଜୀବନ ମିସନ୍ ଅଧିନରେ ଗଲା ଅଢ଼େଇ ବର୍ଷ ହେବ ଏଠାରେ ଏକ ପାଣି ଟାଙ୍କି ନିର୍ମାଣ ଚାଲିଥିଲେ ହେଁ ସରିବାର ନାଁ ଧରୁନି। ନିମ୍ନମାନର କାମ କରୁଥିବା ଅଭିଯୋଗ ହେବା ପରେ ଠିକାଦାର ଅଧାରୁ କାମ ଛାଡ଼ି ଛୁ ମାରିଥିବା ବେଳେ ଏପଟେ ଶତାଧିକ ଲୋକ ପାଣି ଟିକକ ପାଇଁ ଡହଳବିକଳ ହେଉଛନ୍ତି। ତେବେ ଗାଁରେ ଏହି ପାଣି ସମସ୍ୟା ନୂଆ ନୁହେଁ। ଦୀର୍ଘ ବର୍ଷ ହେବ ଲାଗି ରହିଛି। ଗାଁର ଦୁଇଟି ସାହିରେ ପାଞ୍ଚ ଶହରୁ ଅଧିକ ଲୋକ ବାସ କରୁଥିବା ବେଳେ ସେମାନଙ୍କ ପାଇଁ ଦୁଇଟି ସଚଳ ନଳକୂପ ରହିଛି। ବାକି ତିନିଟି ନଳକୂପ ଅଚଳ ହୋଇପଡ଼ି ରହିଛି। ମାତ୍ର ଦୁଇଟି ନଳକୂପ ଉପରେ ଶତାଧିକ ଲୋକ ନିର୍ଭର କରୁଥିବାରୁ ଏହା ପର୍ଯ୍ୟାପ୍ତ ହେଇ ପାରୁନାହିଁ। ବିଶେଷ କରି ଖରା ଦିନେ ପାଣି ପାଇଁ ଲୋକ ମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଇ ଆସୁଛନ୍ତି। ଏହାର ସ୍ଥାୟୀ ସମାଧାନ ପାଇଁ ଜିଲ୍ଲା ଗ୍ରାମ୍ୟ ଓ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ୨୦୨୦ରେ ଜଳ ଜୀବନ ମିସନ୍ ଯୋଜନାରେ ୫୬ଲକ୍ଷ ୬୩ହଜାର ୪୩୯ ଟଙ୍କା ମଂଜୁର ହୋଇଥିଲା। ଏଥିରେ ବୋରିଂ ଖୋଳାଠୁ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ ଏବଂ ପାଇପ୍ ବିଛାଯିବାର ବ୍ୟବସ୍ଥା ରହିଛି। ଇତିମଧ୍ୟରେ ଅଢ଼େଇ ବର୍ଷରୁ ଅଧିକ ଦିନି ବିତିଗଲାଣି। କିନ୍ତୁ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଇପାରୁନି।ପାଇପ୍ ବିଛା ଓ ବୋରିଂ ଖନନ କାମ ସରିଥିଲେ ହେଁ, ପାଣି ଟାଙ୍କି ନିର୍ମାଣ କାମ ସରି ପାରୁନାହିଁ। ଠିକାଦାର ଅଧାରୁ କାମ ଛାଡ଼ି ପଳାଇଥିବା ଅଭିଯୋଗ ହେଉଛି। ନିମ୍ନମାନର ଓ ତ୍ରୁଟିପୂର୍ଣ୍ଣ ଢଙ୍ଗରେ ଟାଙ୍କି ନିର୍ମାଣ ହେଉଥିବା ନେଇ ଅଭିଯୋଗ ହେବା ପରେ ଠିକାଦାର କାମ ଛାଡ଼ି ପଳାଇଥିବା ପୂର୍ବତନ ସରପଂଚ ସୀତାସୁନ୍ଦରୀ ମଲ୍ଲିକ, ବିଶ୍ୱନାଥ ଆଚାର୍ଯ୍ୟ, ପ୍ରଦୀପ ଆଚାର୍ଯ୍ୟ, ଚିତ୍ତରଞ୍ଜନ ଆଚାର୍ଯ୍ୟ, ରମାକାନ୍ତ ଆଚାର୍ଯ୍ୟ, ଶ୍ରୀନିବାସ ଆଚାର୍ଯ୍ୟ, ରତିକାନ୍ତ ଆଚାର୍ଯ୍ୟ, ନିରାକାର ଦାସ, ବିଜୟ ଦାସ, ପ୍ରତାପ ଶତପଥୀ, ଜ୍ଞାନଲୋଚନ ବେହେରା, ବିଦ୍ୟାଧର ମଲ୍ଲିକ, ନରୋତ୍ତମ ମଲ୍ଲିକ ପ୍ରମୁଖ ଅଭିଯୋଗ କରିଛନ୍ତି। କାମ ଦୀର୍ଘ ମାସ ବନ୍ଦ ରହିବା ପରେ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ପ୍ରକଳ୍ପସ୍ଥଳ ପରିଦର୍ଶନ କରିବା ସହିତ କାମ ଶୀଘ୍ର ଆରମ୍ଭ ହେବ ବୋଲି ଆଶ୍ୱାସନା ଦେଇଥିଲେ। ମାତ୍ର ଏଯାଏ ବୋରିଂରେ ବିଦ୍ୟୁତ୍ ସଂଯୋଗଠୁ ଅନ୍ୟ ସର୍ବନିମ୍ନ କାର୍ଯ୍ୟ ଆରମ୍ଭ ହେଇପାରୁନଥିବାରୁ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗର ସହକାରୀ ଯନ୍ତ୍ରୀ କିଶୋର ଚନ୍ଦ୍ର ଦାଶ କହିଛନ୍ତି ବିଦ୍ୟୁତ୍ ସଂଯୋଗ ନିମନ୍ତେ ଟେଣ୍ଡର ହୋଇଛି। ଖୁବ୍?ଶୀଘ୍ର ବୋରିଂରୁ ପାଣି ଯୋଗାଣ ବ୍ୟବସ୍ଥା କରାଯିବାର ଯୋଜନା ରହିଛି।

## କେନ୍ଦୁଝରରେ ବୃଦ୍ଧି ପାଉଛି ନକଲି ବ୍ରାଣ୍ଡ୍ ପାଣି ଏବଂ ମୃଦୁ ପାନୀୟ ବିକ୍ରି

# ବିନା ଆଇଏସଆଇ ମାର୍କ ପାଣି ବିକ୍ରି, ସ୍ୱାସ୍ଥ୍ୟ ବିଭାଗର ନିଘା ନାହିଁ

କେନ୍ଦୁଝର : କେନ୍ଦୁଝର ଜିଲ୍ଲାରେ ବଜାରରେ ମିଳୁଥିବା ପ୍ୟାକିଂ ପାଣି ବୋତଲର ଶୁଦ୍ଧତା ନେଇ ସନ୍ଦେହ ସୃଷ୍ଟି ହୋଇଛି । ବିନା ଆଇଏସଆଇ ମାର୍କରେ ବିଭିନ୍ନ ପାଣି ବିତରଣ କମ୍ପାନୀ ପାଣି ପ୍ୟାକିଂ କରି ବଜାରକୁ ଛାଡୁଛନ୍ତି । ସ୍ୱାସ୍ଥ୍ୟ ବିଭାଗ ଏହାର କୌଣସି ଯାଞ୍ଚ କରୁ ନଥିବାରୁ ଏହି ପାଣି ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ । ଖରା ଦିନରେ ସାଧାରଣତଃ ଥଣ୍ଡା ପାଣିର ଚାହିଦା ଅଧିକ ଥିବାରୁ କମ୍ପାନିମାନେ ସ୍ୱଚ୍ଛ ପାଣି ର ନାମରେ ସାଧାରଣ ଏବଂ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହେଉଥିବା ପାଣି ବଜାରକୁ ଛାଡି ମୁନାଫା କମାଉଛନ୍ତି । ବିବାହ, ବ୍ରତଘର, ଜନ୍ମଦିନ, ବିଭିନ୍ନ ସଭାସମିତି ଓ ଶୁଦ୍ଧିକ୍ରିୟାରେ ପାଣି ଜାରର ଚାହିଦା ଅଧିକ ଥିବାବେଳେ ଏହା ପ୍ରକୃତରେ ବିଶୁଦ୍ଧ ପାଣି ନା ଦୂଷିତ ପାଣି ତାହା ଗ୍ରାହକଙ୍କ ପାଇଁ ଜାଣିବା କଷ୍ଟକର ହୋଇପଡ଼େ। କେତେକ ପାଣି କମ୍ପାନି ମଧ୍ୟ ଆକର୍ଷଣୀୟ ପ୍ୟାକିଂ କରି ବଜାରକୁ ବିକ୍ରି ପାଇଁ ଛାଡୁଥିବାରୁ ଗ୍ରାହକ ଏହାର ଶୁଦ୍ଧତା ପରଖି ପାରିବାର ସୁଯୋଗ ପାଇ ନଥାନ୍ତି।

ପାଣି କମ୍ପାନି ଦୋକାନୀଙ୍କୁ ଅଧିକ ରିହାତି ଦେଇ ଅଧିକ ପାଣି ପାଣି ବିକ୍ରି ପାଇଁ ପ୍ରବର୍ତ୍ତାଇଥାନ୍ତି। ପ୍ରକୃତରେ ଆଇଏସଆଇ ଦ୍ୱାରା ପରୀକ୍ଷା କରା ନଯାଇ କେବଳ ଆଇଏସଆଇ ଲୋଗ ଲଗାଇ ଗ୍ରାହକମାନଙ୍କୁ ଠକୁଥିବାର ଜଣାପଡ଼ିଛି । ବିନା ଆଇଏସଆଇରେ ବହୁ କମ୍ପାନି ବେଧଡକ ବ୍ୟବସାୟ କରୁଛନ୍ତି । ଫଳରେ ପାଣିର ମାନ ଯାଞ୍ଚ ହୋଇ ପାରୁନାହିଁ । ପାଣି କମ୍ପାନିମାନେ ପାଣିକୁ ଜୀବାଣୁମୁକ୍ତ କରିବା ପାଇଁ ଅଲଟ୍ରା ଭାଓଲେଟ ଓ ରିଭର୍ସ ଅସମୋସିସ ପ୍ରକ୍ରିୟା ଅବଲମ୍ବନ କରି ପାଣି ପ୍ୟାକିଂ କରିବା ଉଚିତ। ଏହି ପାଣିକୁ ମଧ୍ୟ ପରୀକ୍ଷାଗାରରେ ପରୀକ୍ଷା କରାଯାଇ ବଜାରକୁ ବିକ୍ରି ପାଇଁ ଛଡାଯିବା ଉଚିତ। କିନ୍ତୁ ଏଭଳି ପ୍ରକ୍ରିୟା ଅନୁସରଣ ନକରି ଲୋକଙ୍କ ଜୀବନ ସହ ଖେଳ ଖେଳି ପାଣି ବିକ୍ରି କରୁଛନ୍ତି। ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ନୀରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହୁଏ। ଜିଲ୍ଲା ବାହାରୁ ଆସୁଥିବା ଅନେକ ପାଣି ବୋତଲରେ ତିଆରି ତାରିଖ ଏବଂ ବ୍ୟବହାରର ଶେଷ ତାରିଖ ଉଲ୍ଲେଖ କରା ନଯାଇ ପାଣି ବିକ୍ରି କରାଯାଉଛି। ଫଳରେ ବହୁ ଦିନ ଧରି ପଡି ରହିଥିବା ପାଣି ବୋତଲ ବିକ୍ରି ହେଉଛି। ଶୋଷିଲା ଗ୍ରାହକମାନେ ମଧ୍ୟ ଅନେକ ସମୟରେ ଏହି ତାରିଖକୁ ନିଘା ନକରି ପାଣି ପିଇ ପେଟ ରୋଗରେ ପଡ଼ନ୍ତି।

ଜିଲ୍ଲାରେ କେବଳ ନକଲି ବ୍ରାଣ୍ଡର ପାଣି ବୋତଲ ବିକ୍ରି ସହିତ ମୃଦୁ ପାନୀୟ ମଧ୍ୟ ବିକ୍ରି ବହୁମାତ୍ରାରେ ବଢିଛି । ଏହି ଅବାଧ କାରବାର ସହରର ମୁଖ୍ୟ ରାସ୍ତାକଡ ସମେତ ବିଭିନ୍ନ ଗଳିକନ୍ଦିରେ ଥିବା ଚା' ପାନ ଦୋକାନ, ଜଳଖିଆ ଦୋକାନ, ହୋଟେଲ, ରେଷ୍ଟୁରାଣ୍ଟ ଓ ଫାଷ୍ଟଫୁଡ୍ ଦୋକାନ ଓ ମୃଦୁପାନୀୟ ଦୋକାନ ଗୁଡିକରେ ବହୁଳ ଭାବରେ ନକଲି ବ୍ରାଣ୍ଡର ପାଣି ବୋତଲ ଉପଲବ୍ଧ ହେଉଛି । ବିଭିନ୍ନ ଗାଁ ଗଣ୍ଡାରେ ମଧ୍ୟ ଏଭଳି ନକଲି ବ୍ରାଣ୍ଡର ପାଣି ବୋତଲ ମଧ୍ୟ ସୁବିଧା ଓ ସହଜରେ ମିଳୁଛି। ଏସବୁ ପାଣି ବୋତଲ ଯେ ଅସଲି କିମ୍ବା ନକଲି ତାର ଗୁଣାତ୍ମକ ମାନ ଜାଣିବା ଦୂରେ ଥାଉ କିନ୍ତୁ ଦୋକାନୀକୁ ୧୦ ଟଙ୍କା କିମ୍ବା ୨୦ ଟଙ୍କା ବଢ଼ାଇଲେ ମିଳିଯାଉଛି ବିଭିନ୍ନ ବ୍ରାଣ୍ଡର ପାଣି ବୋତଲ। ପାଣି ପ୍ରସ୍ତୁତକାରୀ ଫ୍ୟାକ୍ଟ୍ରିକୁ ଗ୍ରାହକ ଲାଗି ସଚେତନ ଓ ସତର୍କତା ପୂର୍ବକ ବିଶୁଦ୍ଧ ଓ ଗୁଣବତ୍ତା ପାଣି ପ୍ରସ୍ତୁତ କରୁଥିବା ବେଆଇନ୍ ଭାବେ ଏବେ ଛତୁ ଫୁଟିଲା ଭଳି ମାଳ ମାଳ ନକଲି ପାଣି ବୋତଲ ପ୍ରସ୍ତୁତକାରୀ ବ୍ୟବସାୟୀ ମୁଣ୍ଡ ଟେକିଥିବା ଜଣାପଡ଼ିଛି । ସ୍ଥାନୀୟ ସହର ସମେତ ଆଖପାଖ ଅଂଚଳରେ ଏଭଳି ଅସାଧୁ କାରବାରର ଚେର ଲମ୍ବିଥିବା ବେଳେ ତୃଷାର୍ତ୍ତ ଗ୍ରାହକ ସିଧାସଳଖ ଠକାମୀର ଶିକାର ହେଉଥିବା ଅଭିଯୋଗ ହେଉଛି । ଏଭଳି ବେଆଇନ୍ ଭାବେ ଦୈନିକ ହଜାର ହଜାର ଲିଟର ନକଲି ବ୍ରାଣ୍ଡର ପାଣି ବୋତଲ ଏବଂ ୨୦ ଲିଟର ପାଣି ଜାର ବିକ୍ରି ହେଉଛି । ପ୍ରଶାସନିକ ନିଷ୍କ୍ରିୟତାର ଫାଇଦା ଉଠାଇ ନକଲି ପାଣି ପ୍ରସ୍ତୁତକାରୀ ବ୍ୟବସାୟୀ ଆଇନ୍ କାନୁନକୁ ଦଳି ମକଚି ସିଧାସଳଖ ଗ୍ରାହକଙ୍କ ଉପରେ ଶୋଷଣ ନୀତି ଆପଣେଇଥିବା ଜଣାପଡିଛି । ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଜିଲ୍ଲା ପ୍ରଶାସନ ଏଭଳି ବେଆଇନ୍ କାରବାର ପ୍ରତି ଧ୍ୟାନ ଦେଇ ଦୃଢ ପଦକ୍ଷେପ ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହେଉଛି । ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ବେଆଇନ ଭାବେ ପାଣି ବିକ୍ରୀ କରୁଥିବା କମ୍ପାନି ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି । ଜିଲ୍ଲାରେ ଗୋଟିଏ କମ୍ପାନି ରିମୁଳିର ମହାଦେବ ମିନେରାଲ୍ସ ପ୍ରଦୂଷଣ ବୋର୍ଡ ଠାରୁ ଅନୁମତି ନେଇଛି। ଯେଉଁ କମ୍ପାନି ସିଟିଓ ନେଇ ନାହାଁନ୍ତି ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ ପ୍ରଶାନ୍ତ କର ପ୍ରକାଶ କରିଛନ୍ତି। ୧୩ ଟି ସଂସ୍ଥା ଫୁଡ ଲାଇସେନ୍ସ ନେଇଥିବା ଖାଦ୍ୟ ନିରାପତ୍ତା ଅଧିକାରୀ ଜିତେନ୍ଦ୍ର ମହାନ୍ତ ପ୍ରକାଶ କରିଛନ୍ତି।

## ଦୁଇ କର୍ମଚାରୀରେ ଚାଲିଛି ମାଲକାନଗିରି ଜିଲ୍ଲା ଶ୍ରମ ବିଭାଗ

# ବ୍ଲକରେ ନାହାନ୍ତି ସହକାରୀ ଶ୍ରମ ଅଧିକାରୀ

ମାଲକାନଗିରି : ବଞ୍ଚିବା ପାଇଁ ଖାଦ୍ୟ ଯେପରି ଆବଶ୍ୟକ, ଖାଦ୍ୟ ପାଇଁ ରୋଜଗାର ସେମିତି ଆବଶ୍ୟକ। ଲୋକଙ୍କୁ ରୋଜଗାରକ୍ଷମ କରାଇବା ନେଇ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ଏଥିସହ ଶ୍ରମିକଙ୍କ ପାଇଁ କର୍ମ ଦିବସ ତିଆରି ହେଉଛି, ଫଳରେ ଶ୍ରମିକ କାମ ପାଇବ ଓ ପରିବାରକୁ ପ୍ରତିପୋଷଣ କରିବ। ଏଥିସହ ପଞ୍ଜୀକରଣ ଶ୍ରମିକଙ୍କ ପାଇଁ ସରକାର ବିଭିନ୍ନ ସହାୟତା ରାଶି ମଧ୍ୟ ପ୍ରଦାନ କରୁଛନ୍ତି। ପିଲାଙ୍କ ପାଠପଢ଼ା ଠାରୁ ଆରମ୍ଭ କରିବ ବିବାହ ଓ ମୃତ୍ୟୁକାଳୀନ ସହାୟତା ଏଥିରେ ସାମିଲ ହୋଇଛି। କିନ୍ତୁ ସରକାରଙ୍କ ଏହି ଯୋଜନାକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ଆବଶ୍ୟକୀୟ କର୍ମଚାରୀ ନାହାନ୍ତି। ମାଲକାନଗିରି ଜିଲ୍ଲାର ଶ୍ରମ ବିଭାଗରେ ଅଚଳଅବସ୍ଥା ଦେଖିବାକୁ ମିଳିଛି। ଜିଲ୍ଲାର ୭ଟି ବ୍ଲକ ମଧ୍ୟରୁ ଗୋଟିଏ ବି ବ୍ଲକରେ ଶ୍ରମ ଅଧିକାରୀ ନଥିବା ବେଳେ ବିଭାଗ କେମିତ ଚାଲିବ ଏବଂ ଶ୍ରମ ଆଇନ କିଭଳି କାର୍ଯ୍ୟକାରୀ ହେଉଥିବ ଏଥିରୁ ସ୍ପଷ୍ଟ ଜଣାପଡୁଛି। ମାଲକାନଗିରି ସହରର ପୁରୁଣା ଜିଲ୍ଲପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ହେଉଛି। ସେଠାରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ପଦବୀ ରହିଥିବା ବେଳେ ସେଥିରେ କେ?ଣସି ଅଧିକାରୀ ନାହାନ୍ତି। କଳାହାଣ୍ଡିର ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ଜିଲ୍ଲାରେ ୨ଟି ଜିଲ୍ଲା ଶ୍ରମ ଅଧିକାରୀ ପଦବୀ ରହିଥିବା ବେଳେ ଜଣେ ହିଁ ଦୁଇଟି ଦାୟିତ୍ୱ ତୁଲାଉଛନ୍ତି। ଜିଲ୍ଲାରେ ୮ଟି ସହକାରୀ ଶ୍ରମ ଅଧିକାରୀ ପଦବୀ ରହିଥିବା ବେଳେ କେବଳ ଜଣେ ହିଁ ରହିଛନ୍ତି। ଏଥିସହ ଜିଲ୍ଲାରେ ଜଣେ ସିନିୟର ଆସିଷ୍ଟାଣ୍ଟ, ଜଣେ ଜୁନିୟର ଆସିଷ୍ଟାଣ୍ଟ ଓ ୨ ଟି ପିଅନ ପଦବୀ ରହିଥିବା ବେ?ଳେ ସେଥିରେ ମଧ୍ୟ କେହି କର୍ମଚାରୀ ନାହାନ୍ତି। ଜିଲ୍ଲାରେ କେବଳ ଜଣେ ଜିଲ୍ଲା ଶ୍ରମ ଅଧିକାରୀ ଓ ଜଣେ ସହକାରୀ ଶ୍ରମ ଅଧିକାରୀ ରହିଛନ୍ତି। ଏହି ଦୁଇ ଜଣକୁ ବାଦ ଦେଲେ ଜିଲ୍ଲାରେ ଶ୍ରମ ବିଭାଗରେ କେ?ଣସି ଅଧିକାରୀ ହିଁ ନାହାନ୍ତି।

ସମସ୍ତ ବ୍ଲକରେ ଶ୍ରମ ଆଇନକୁ ସଠିକ ଭାବେ କାର୍ଯ୍ୟ କରିବା ପାଇଁ ଜଣେ ଲେଖାଏଁ ସହକାରୀ ଶ୍ରମ ଅଧିକାରୀ ଆବଶ୍ୟକତା ଥିବା ବେଳେ କୌଣସି ବ୍ଲକରେ ଅଧିକାରୀ ନାହାନ୍ତି। ସମସ୍ତ ବ୍ଲକରେ ଏହି ପଦବୀ ଖାଲି ପଡିଛି। ଫଳରେ ନିର୍ମାଣ ଶ୍ରମିକ ପଞ୍ଜୀକରଣ ଏତେ କମ କର୍ମଚାରୀରେ ଆଗେଇ ପାରୁନାହିଁ। ଏଥିସହ ସହକାରୀ ଶ୍ରମ ଅଧିକାରୀଙ୍କ ଭୂମିକା ଅଧିକା ଗୁରୁତ୍ୱପୂର୍ଣ୍ଣ ରହିଛି

# ସୁରତରେ ଓଡ଼ିଆ ଶ୍ରମିକଙ୍କୁ ହତ୍ୟାକଲା ପତ୍ନୀ

ଘୁ.ଉଦୟଗିରି (ହି.ସ): ସୁରତରେ ଓଡ଼ିଆ ଶ୍ରମିକ ପରିବାରରେ ହତ୍ୟାକାଣ୍ଡ ଘଟିଛି। ସ୍ୱାମୀକୁ ହତ୍ୟା କରିବା ସହିତ ଶବକୁ ଅଖାରେ ବାନ୍ଧି ଫୋପାଡ଼ି ଦେବାପରେ ଦୁଇଝିଅ ସହ ଗାଁକୁ ଆସି ଆତ୍ମଗୋପନ କରିଥିଲା ପତ୍ନୀ। ଶେଷରେ, ଅଭିଯୁକ୍ତ ପତ୍ନୀ ଓ ଦୁଇଝିଅଙ୍କୁ ସୁରତ ପୁଲିସ ଆଜି ଉଠାଇନେଇଛି। ମୃତ ଶ୍ରମିକ ହେଲେ, କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି ବ୍ଲକ୍ ଅଧୀନ ରଟିଙ୍ଗିଆ ପଞ୍ଚାୟତ ଡକେଡି ଗ୍ରାମର ନରେଶ ନାୟକ। ପତ୍ନୀ ସବିତା ନାୟକ (୪୬) ଓ ଦୁଇଝିଅ ସହ ୨୫ ବର୍ଷ ହେଲା ସୁରତର ପିପଦରା ଅଞ୍ଚଳର ଉମଙ୍ଗ୍ ରେସିଡେନ୍ସିରେ ରହିଆସୁଥିଲେ ନରେଶ। ସେଠାରେ ସେ ଜଣେ ଦାଦନ ଶ୍ରମିକ ଭାବେ କାମ କରୁଥିଲେ। କିଛିଦିନ ତଳେ ନରେଶ ଓ ସବିତାଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ଗତ ୨ ତାରିଖ ପରେ ହଠାତ୍ ନରେଶ ନିଖୋଜ ହୋଇଯାଇଥିଲେ। କିଛିଦିନ ପରେ ତାଙ୍କ ଶବ ଭଡ଼ାଘରଠୁ କିଛି ଦୂର ଅଖାରେ ବନ୍ଧା ହୋଇଥିବା ଅବସ୍ଥାରେ ମିଳିଥିଲା। ହତ୍ୟା ସନ୍ଦେହ କରି ମୃତ ନରେଶଙ୍କ ଭାଇ ମୁନା, ସାହିର ଏମଡି.ୟାକୁବ୍ ଓ ଏମଡି.ୟାଜିସ ସୁରତର କୋସାମ୍ବା ପୁଲିସ ପାଖରେ ଲିଖିତ ଅଭିଯୋଗ କରିଥିଲେ। ସେଠାକାର ପୁଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। କିନ୍ତୁ, ତଦନ୍ତ ବେଳେ ପତ୍ନୀ ସବିତା ଓ ଦୁଇଝିଅ ଅନୁପସ୍ଥିତ ଥିବାରୁ ପୁଲିସର ସିଧାସଳଖ ସନ୍ଦେହ ସେମାନଙ୍କ ଉପରକୁ ଯାଇଥିଲା। ଗତକାଲି କୋସମ୍ବା ଥାନାରୁ ଚାରିଜଣିଆ ପୁଲିସ ଟିମ୍ ଘୁ.ଉଦୟଗିରିରେ ପହଞ୍ଚିଥିଲେ। ସ୍ଥାନୀୟ ଥାନା ସହଯୋଗରେ ଅଭିଯୁକ୍ତ ପତ୍ନୀ ସବିତା, ଝିଅ ସୁନିତା ଓ ନାବାଳିକା ସାନଝିଅକୁ ଡକେଡିସ୍ଥିତ ବାସଭବନରୁ ଉଠାଇଥିଲେ। ପଚରାଉଚରା ପରେ ସବିତା ସବୁ ଦୋଷ ସ୍ୱୀକାର କରିଥିଲେ। ନରେଶଙ୍କୁ ହତ୍ୟାକରିବା ପରେ ପ୍ରମାଣ ନଷ୍ଟ କରିବାକୁ ଯାଇ ତାଙ୍କ ଶବକୁ ଅଖାରେ ବାନ୍ଧି ଫୋପାଡ଼ି ଦେଇଥିଲେ ଏବଂ ଦୁଇ ଝିଅ ସହ ଗାଁକୁ ଚାଲିଆସିଥିଲେ ବୋଲି ତଦନ୍ତ ବେଳେ ଜଣାପଡ଼ିଛି। ଏହାପରେ ପୁଲିସ ସବିତା, ତାଙ୍କର ଝିଅ ସୁନୀତା (୧୯) ଓ ଆଉ ଜଣେ ନାବାଳିକା ଝିଅକୁ ଟ୍ରାନ୍?ଜିଟ୍ ରିମାଣ୍ଡରେ ସୁରତ ନେଇଥିବା ଜଣାପଡ଼ିଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ଡକେଡି ଗ୍ରାମରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି।

# ରାୟଗଡ଼ା ବ୍ଲକ ଓ ନଗରସ୍ତରୀୟ ଲୋକକଳା ଦିବସ ପାଳିତ

ରାୟଗଡ଼ା (ପିପିଏସ):ରାୟଗଡ଼ା ବ୍ଲକ ଓ ପୌରାଞ୍ଚଳ ଲୋକକଳା ଦିବସ ମିଳିତ ଭାବରେ ସ୍ଥାନୀୟ ପୌର ପରିଷଦ ନବ ନିର୍ମିତ ଅଡିଟୋରୀୟମ ଠାରେ ପାଳିତ ହୋଇଯାଇଅଛି । ରାୟଗଡ଼ା ପୌର ପରିଷଦ ଅଧ୍ୟକ୍ଷ ଶ୍ରୀ ପି ମହେଶ ପଟ୍ଟନାୟକ, ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା, ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା, ଉପାଧ୍ୟକ୍ଷ ହର ପ୍ରସାଦ ହେପୃକା, ଜିଲ୍ଲା ସଂସ୍କୃତି ଅଧିକାରୀ ସସ୍ମିତା ବାଉରୀ, ଏବିଡ଼ିଓ କାଳୁ ଚରଣ ନାୟକ, ଜିଲ୍ଲା କଳା ସଂସ୍କୃତି ସଂଘ ଉପସଭାପତି ସର୍ବେଶ ବଚ୍ଚା, ରାୟଗଡ଼ା ବ୍ଲକ୍ କଳା ସଂସ୍କୃତି ସଂଘ ଉପସଭାପତି ସର୍ବେଶ କୁମାର ତାଣ୍ଡି, ରାୟଗଡ଼ା ନଗର କଳା ସଂସ୍କୃତି ସଂଘ ଉପସଭାପତି ଜି ଶ୍ରୀକାନ୍ତ ସମେତ ରାୟଗଡ଼ା ପୌର ପରିଷଦର ବିଭିନ୍ନ ୱାର୍ଡର କାଉନସିଲର ବୃନ୍ଦ, ରାୟଗଡ଼ା ବ୍ଲକର ସମିତି ସଭ୍ୟ, ସଭ୍ୟ ଓ ସରପଞ୍ଚ ବୃନ୍ଦ ଅତିଥି ରୂପେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶ୍ରୀ ଜଗନ୍ନାଥଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ପ୍ରାରମ୍ଭ କରାଯାଇଥିଲା । ଜିଲ୍ଲା ସଂସ୍କୃତି ଅଧିକାରୀ, ନିଜ ବକ୍ତବ୍ୟରେ ଅଞ୍ଚଳର କଳା, ସଂସ୍କୃତି ଓ ପରମ୍ପରାର ସଂରକ୍ଷଣ ସହ ବିକାଶ କରିବା ଓ କଳାକାରଙ୍କୁ ଚିହ୍ନଟ କରିବା ନିମନ୍ତେ ଏହା ଏକ ଉତ୍କୃଷ୍ଟ ମଞ୍ଚ ବୋଲି କହିଥିଲେ । ଅତିଥି ବୃନ୍ଦ କଳାକାରଙ୍କୁ ଅଧିକ ମାତ୍ରାରେ ଚିହ୍ନଟ କରି ପିକରଣ କରିବା ଓ ସଂସ୍କୃତି ତଥା ପରମ୍ପରାର ସୁରକ୍ଷା ନିମନ୍ତେ ସରକାରଙ୍କ ଏହି ଅଭିନବ ପଦକ୍ଷେପକୁ ପ୍ରଶଂସା କରିଥିଲେ । ରାୟଗଡ଼ା ସହର ସମେତ ରାୟଗଡ଼ା ବ୍ଲକ ର କାର୍ଲାକଣା, ଗେଟିପଡ଼ା, ଚାନ୍ଦିଲି, କଟାପେଟା, ବୀର ନାରାୟଣପୁର, ନାକିଟି, ହାଲୁଆ, କୁସ୍ମିକୋଟା ଆଦି ଗ୍ରାମରୁ ଏକ ଶହରୁ ଅଧିକ କଳାକାର ଅଂଶ ଗ୍ରହଣ କରି ନିଜ ଅଞ୍ଚଳର କଳା, ସଂସ୍କୃତି, ପରମ୍ପରାର ନୃତ୍ୟ ପରିବେଷଣ କରିଥିଲେ । ଶେଷରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ମାଧ୍ୟମରେ ସମ୍ମାନିତ କରାଯାଇଥିଲା । ତନଭି ଅଗ୍ରୱାଲ ସାଂସ୍କୃତିକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ବରିଷ୍ଠ ଶିକ୍ଷକ ନିଳାଞ୍ଚଳ ମିଶ୍ର ଏହାକୁ ସଞ୍ଚାଳନ କରିଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜୁଳି ଆନ୍ଦୋଳନ ପାଇଁ ଜନ ସମ୍ପର୍କ ଅଭିଯାନ

ନୂଆପଡ଼ା,(ହି.ସ.)ଖଡିଆଳ ବ୍ଲକ ଆରେଡ଼ା ପଂଚାୟତର ବଡମୁଳା ଗ୍ରାମରେ ଆମ୍ ଆଦମୀ ପାର୍ଟି ନୂଆପଡା ତରଫରୁ ବିଧାନସଭା ବିଜୁଳି ଆନ୍ଦୋଳନ ପାଇଁ ଜନସମ୍ପର୍କ ଅଭିଯାନ କରାଯାଇଥିଲା। ଜିଲ୍ଲା ଉପ ସଭାପତି ଚୈତନ୍ୟ ତାଣ୍ଡିଙ୍କ ମଂଚ ପରିଚାଳନାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ଆବାହକ ଶୋକନାଥ ସେନାପତି ସଭାପତିତ୍ୱ କରିଥିଲେ । ଆମ୍ ଆଦମୀ ପାର୍ଟିର ସଫଳ ରାଜନୀତି ଓ ବିଚାରଧାରା ଉପରେ ସଭାପତି ବିସ୍ତୃତ ଭାବରେ ଜଣାଇଥିଲେ। ଜିଲ୍ଲା ସାଧାରଣ ସମ୍ପାଦକ ଚମ୍ପେଶ୍ୱର ବନଛୋର ଆସନ୍ତା ଜୁଲାଇ ୭ ତାରିଖରେ ଖଡିଆଳ ଠାରେ ହେବାକୁ ଥିବା ବିଧାନସଭା ବିଜୁଳି ଆନ୍ଦୋଳନରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ଆହ୍ୱାନ କରିଥିଲେ। ସଭାରେ ଆପ୍ ଖଡିଆଳ ବ୍ଲକ ଉପ ସଭାପତି ମଧ୍ୟ ଉପସ୍ଥିତ ଥିଲେ। ଗାଁର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଗାଁର ରାସ୍ତା ମଧ୍ୟରେ ଥିବା ପୋଲକୁ ଘୁଂଚାଇବା ପାଇଁ ଗ୍ରାମବାସୀ ଅନୁରୋଧ କରିଥିଲେ।

# ବିପଦସଙ୍କୁଳ ଅବସ୍ଥାରେ ଡୁଆଝର ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟ

ନୂଆପଡ଼ା, (ହି.ସ.): ବହୁତ ବର୍ଷ ହେଲା ଭଙ୍ଗା ଦଦରା ହୋଇ ବିପଦସଙ୍କୁଳ ଅବସ୍ଥାରେ ଚାଲିଛି ନୂଆପଡା ଜିଲା ଖଡ଼ିଆଳ ବ୍ଲକର ଡୁଆଝର ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟ। ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଚୁପ୍ ଥିବା ବେଳେ ଡରି ଡରି ଚାଲିଛି ଅଫିସ କାମ। ବର୍ଷା ହେଲେ ଛାତରୁ ପାଣି ଗଳୁଥିବା ବେଳେ ବାର ମାସ ସିମେଂଟ ଅତଡ଼ା ଖସୁଛି। ଶୀଘ୍ର ସମସ୍ୟାର ସମାଧାନ ପାଇଁ ଦାବୀ ହେଉଛି। ଏହା ଉପରେ ୯ ଟି ଫଂଚାୟତର ଚାଷୀ ନିର୍ଭୟ କରନ୍ତି। ସବୁ କୋଠରୀର ବିପଦସଙ୍କୁଳ ଅବସ୍ଥାରେ ରହିଛି। ଅଳ୍ପ ବର୍ଷାରେ ଛାତରୁ ପାଣି ଝରୁଥିବା ବେଳେ, ବର୍ଷଯାକ ଛାତରୁ ସିମେଂଟ ଅତଡ଼ା ଖସୁଛି। ଅନେକ ସମୟରେ ଅଫିସ କାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହୋଇଥାଏ। ବିଭିନ୍ନ କାର୍ଯ୍ୟ ବାବଦକୁ ଚାଷୀ ମାନେ ଆସିଥାନ୍ତି ହେଲେ ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟରେ ସୁରକ୍ଷିତ ମନେ କରୁନାହାନ୍ତି। ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ପାଇଁ ବାରମ୍ବାର ଦାବୀ ହୋଇଥିଲେ ସୁଦ୍ଧା ସମସ୍ତେ ଚୁପ ରହିଥିବା ଅଭିଯୋଗ ହେଉଛି। ଏହାକୁ ନେଇ ସ୍ଥାନୀୟ ଚାଷୀଙ୍କ ସହ ସମବାୟ ସମିତିର ସଭାପତି ଯୁବରାଜ ଜଗତ, ସମ୍ପାଦକ ଥବିର ତାଣ୍ଡି ଏବଂ ଜନ ପ୍ରତିନିଧି ବାରମ୍ବାର ଜିଲା ପ୍ରଶାସନକୁ ଅବଗତ କରୁଥିଲେ ହେଁ ପ୍ରଶାସନ କର୍ଣ୍ଣପାତ କରୁନଥିବା ଅଭିଯୋଗ ହେଉଛି। ଏହି ସମସ୍ୟାର ଶୀଘ୍ର ସମାଧାନ ପାଇଁ ଦାବୀ ହେଉଛି।

# ଗୁଣପୁରରେ ଓଡ୍ରାଫ୍ ଟିମ୍ ଓ ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ

ରାୟଗଡା (ପିପିଏସ୍): ରାୟଗଡା ଜିଲ୍ଲା ଗୁଣପୁର ପୌର ପରିଷଦ ଅଧିନସ୍ଥ ବିକ୍ରମପୁର ଠାରେ ଥିବା ବହୁମୁଖି ବନ୍ୟା ଅଶ୍ରୟଯ ସ୍ଥଳୀ ଠାରେ ମୋକ୍ ଡ୍ରିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ୍ରାଫ୍ ଟିମ୍ ଓ ଗୁଣପୁର ଅଗ୍ନିଶମ ବିଭାଗ ଓ ଗୁଣପୁରକୁ ଭନଗରର ଏକ ସ୍ୱତନ୍ତ୍ର ଓଡ୍ରାଫ୍ ଟିମ୍ ଆସି ଲୋକଙ୍କୁ ବିଭିନ୍ନ ପ୍ରକାରର ସମସ୍ୟାକୁ ମୋକ୍ ଡ୍ରିଲ୍ ମାଧ୍ୟମରେ ସଚେତନତା କରାଇଥିଲେ । ଜନସାଧାରଣ କେମିତି ଅଗ୍ନି,ପାଣି, ଗ୍ୟାସ୍ ସିଲିଣ୍ଡର୍‌ରୁ ରକ୍ଷାପାଇବା ଓ ଘଡଘଡି, ବର୍ଷା, ପବନ ଇତ୍ୟାଦିରୁ ନିଜକୁ କିପରି ସୁରକ୍ଷିତ ରଖିପାରିବେ ଏ ସବୁକୁ ନେଇ ଏହି କାର୍ଯ୍ୟକ୍ରମ ମୋକ୍ ଡ୍ରିଲ୍ କରି ଦେଖାଇଥିଲେ। ଏଥିରେ ଗୁଣପୁର ପୌର ପରିଷଦର ଅଧ୍ୟକ୍ଷା ମମତା ଗୌଡ଼, ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼, ଉପଜିଲ୍ଲାପାଳ ଲଳିତ କହଁର, ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସତ୍ୟ ସମ୍ପୂର୍ଣ୍ଣ। ରାଉତ, ଏସ୍.ଏ.ଜି ମହିଳା ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ ଓ ଅଞ୍ଚଳର ଜନସାଧାରଣ ମଧ୍ୟ ଉପସ୍ଥିତ ଥିଲେ।

# ସର୍ଟସର୍କିଟରୁ ଦୋକାନରେ ନିଆଁ, ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ

ଖପ୍ରାଖୋଲ, (ପିପିଏସ) ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ସଦର ଖପ୍ରାଖୋଲ ର ନୀଳକାନ୍ତ ଗଡତ୍ୟା ନାମକ ଜଣେ ଦୋକାନୀଙ୍କ ଦୋକାନରେ ଆଜି ସକାଳ ଭୋର ରୁ ସର୍ଟ ସର୍କିଟ ହୋଇ ଦୋକାନ ଜଳି ଯାଇଛି। ଦୋକାନୀ ଜଣକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସହିତ କସମେଟିକ୍ସ ସାମଗ୍ରୀ ବିକ୍ରି କରୁଥିଲେ। ବ୍ୟକ୍ତି ଜଣକ କହିବା ଅନୁସାରେ ରଥଯାତ୍ରା ଉପଲକ୍ଷେ ଦୋକାନରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ରଖିଥିଲେ। ସୂଚନାଯୋଗ୍ୟ କି, ନୀଳକାନ୍ତ ନିଜର ଗୁଜୁରାଣ ପାଇଁ ଏହି ଦୋକାନ ଉପରେ ନିର୍ଭର କରୁଥିଲେ । ସକାଳ ୬ ଟା ବେଳେ ତାଙ୍କ ଦୋକାନରେ ହଠାତ୍ ନିଆଁ ଲାଗି ଯାଇଥିବାରୁ ଦୋକାନ ବାହାରେ ଧୂଆଁ ଦେଖି ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ ବିଭାଗ ଘଟଣା ବିଷୟରେ ଜାଣିଲା ପରେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତଥାପି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଥିବା ଜଣାପଡିଛି। ଦୋକାନ ମାଲିକ ଶ୍ରୀ ଗଡତ୍ୟାଙ୍କ କହିବା ଅନୁଯାୟୀ ସେ ଗତକାଲି ରାତିରେ ଦୋକାନ ଠିକ ଠାକ ଭାବେ ବନ୍ଦ କରି ଘରକୁ ଯାଇଥିଲେ କ୍ଷ ଏବିଷୟରେ ଅଗ୍ନିଶମ ବିଭାଗ ଅଧିକାରୀ ଜୟ ଗୋପାଲ ପଣ୍ଡାଙ୍କୁ ପଚାରିବାରୁ ବିଦ୍ୟୁତ ସରବରାହ ବ୍ୟାଘାତ ଯୋଗୁଁ ସର୍ଟ ସର୍କିଟ ହୋଇ ଅଗ୍ନିକାଣ୍ଡ ଘଟିଥିବା ପ୍ରକାଶ କରିଛନ୍ତି। ଦୋକାନୀର କ୍ଷୟକ୍ଷତି ବହୁ ପରିମାଣରେ ହୋଇଥିବାରୁ ଦୋକାନ ମାଲିକଙ୍କୁ ଏକ ବଡ଼ ଆଘାତ ହୋଇଥିବାବେଳେ ସରକାରଙ୍କ ତରଫରୁ ଉପଯୁକ୍ତ କ୍ଷତି ପୂରଣ ସାଧାରଣରେ ଦାବି ହେଉଛି।

# ଅମୃତଧାରା ପ୍ରକଳ୍ପ ଉଦ୍‌ଘାଟିତ

ବଲାଙ୍ଗିର,( ହି.ସ.) ଆଜି ବଲାଙ୍ଗିର ପାଟଣା ହୋଟେଲ ଛକରେ ଜୈନ ସ୍ୱେତାମ୍ବର୍ ତେରାପନ୍ଥୁ ସଭା ବଲାଙ୍ଗିର ଦ୍ୱାରା ୨.୫ ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ଅମୃତ ଧାରା ବଲାଙ୍ଗିର ମୁନ୍ସିପାଲିଟୀର ନଗରପାଳ ଲୀକା ସାହୁଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ୨.୫ ହଜାର ଲିଟର ବିଶିଷ୍ଟ ଏହି ଥଣ୍ଡା ପାନୀୟ ଜଳ ପ୍ରକଳ୍ପରୁ ନିୟମିତ ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ହୋଇଥିବା ବେଳେ ଏହାର ସୁରକ୍ଷା ବ୍ୟବସ୍ଥା ଜୈନ ସଭା କରିବ ବୋଲି ରାଜ୍ୟ ଉପସଭାପତି ମନୋଜ ଜୈନ କହିଛନ୍ତି। ଏହି ଉଦ୍ଘାଟନ ସମାରୋହରେ ଜୈନ ସମାଜର ମାନ୍ୟଗଣ୍ୟ ବ୍ୟକ୍ତି ମହିଳା ଉପସ୍ଥିତ ଥିଲା ବେଳେ ସାଧାରଣ ଲୋକେ ଏବଂ କାଉନସିଲର ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଭାପତି ଧ୍ରୁବ ଜୈନ, ସେକ୍ରେଟାରୀ ସକ୍ଲେଶ ଜୈନ, ରାଜ୍ୟ ଉପସଭାପତି ମନୋଜ ଜୈନ, ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ ଜୈନ ଓ ଅନ୍ୟମାନେ ସହଯୋଗ କରିଥିଲେ। ବଲାଙ୍ଗିର ପୌରସଂସ୍ଥା ନିର୍ବାହୀ ଅଧିକାରୀ ଓ କାଉନସିଲ ସ୍ଥାନ ଯୋଗାଇ ଲୋକଙ୍କ ସେବା ପାଇଁ ସୁଯୋଗ ଦେଇଥିବାରୁ ଅଞ୍ଚଳବାସୀଙ୍କ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସକାଶେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି

ଝାରସୁଗୁଡ଼ା,(ହି.ସ.): ବିଭିନ୍ନ ପ୍ରାକୃତିକ ତଥା ମନୁଷ୍ୟ କୃତ ବିପର୍ଯ୍ୟୟର ମୁକାବିଲା ସକାଶେ ପ୍ରସ୍ତୁତି ସମ୍ପର୍କିତ ଜିଲ୍ଲା ସ୍ତରୀୟ ଟେବୁଲ ଟପ୍ ଏକ୍ସରସାଇଜ ବୈଠକ ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ ) ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ ) ଲଙ୍କେଶ୍ୱର ଅମାତ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଲମ୍ବୋଦର ବୁଡ଼ା, ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଡେପୁଟି କଲେକ୍ଟର ନିବେଦିତା ପ୍ରତିମା ମିଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ। ବନ୍ୟା, ବାତ୍ୟା, ଅଗ୍ନିକାଣ୍ଡ ଆଦି ବିଭିନ୍ନ ବିପର୍ଯ୍ୟୟ ସମୟରେ ଧନଜୀବନ ହାନିରୁ ନିଜକୁ କିପରି ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ସମସ୍ତେ ସଚେତନ ହେବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କର୍ମଶାଳା ଓ ଡ଼ାକବାଜି ଯନ୍ତ୍ର ସହାୟତାରେ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ସକାଶେ ପୁଲିସ, ଅଗ୍ନିଶମ ବିଭାଗ, ଓଡ୍ରାଫ, ଲାଇନ ଡିପାର୍ଟମେଂଟ, ବିଭିନ୍ନ ସରକାରୀ ବିଭାଗ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉଦ୍ଧାର ଓ ରିଲିଫ ସାମଗ୍ରୀ ପରିବହନ ସକାଶେ ଯାନବାହନର ବ୍ୟବସ୍ଥା, ଚୁଡ଼ା ଚାଉଳ, ଗୁଡ଼ ସହ ମଣିଷ ଓ ଗୃହ ପାଳିତ ପଶୁଙ୍କ ପାଇଁ ଆବଶ୍ୟକୀୟ ଔଷଧ ମହଜୁଦ ରଖିବା ସମ୍ପର୍କରେ ଆଲୋଚନା କରାଯାଇ ସମ୍ପୃକ୍ତ ଅଧିକାରୀକାରୀମାନଙ୍କୁ ଏ ଦିଗରେ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି। ବନ୍ୟା ପ୍ରଭାବିତ ଅଂଚଳର ଲୋକମାନଙ୍କୁ ଆଶ୍ରୟ ପ୍ରଦାନ ପାଇଁ ଚିହ୍ନଟ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ପାନୀୟ ଜଳ ବ୍ୟବସ୍ଥା ଗ୍ରହଣ, ଗର୍ଭବତୀ ମହିଳା, ଶିଶୁ ଓ ରୋଗୀମାନଙ୍କ ଯତ୍ନ ଓ ଚିକିତ୍ସା ସକାଶେ ଆବଶ୍ୟକୀୟ ବ୍ୟବସ୍ଥା, ଟୀକାକରଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମ୍ପୃକ୍ତ ବିଭାଗଗୁଡିକ ନିଜ ନିଜ କାର୍ଯ୍ୟାଳୟରେ ଚବିଶ ଘଂଟିଆ କଂଟ୍ରୋଲଲ ରୁମ ଚାଲୁ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଡିପି ଓ ସୁଶାନ୍ତ ମିଶ୍ର ଟେବୁଲ ଟପ ଏକ୍ସରସାଇଜ ସମ୍ପର୍କିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଭୁବନରେ ନେତ୍ର ଉତ୍ସବ ଓ ନବଯୌବନ ବେଶ

ଭୁବନ, (ହି.ସ.): ଢ଼େଙ୍କାନାଳ ଜିଲ୍ଲା ଭୁବନ ର ତୃତୀୟା ଜୀଉ ଙ୍କ ଘୋଷ ଯାତ୍ରା ନିମନ୍ତେ ଆଜି ନେତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶଙ୍ଖ ହୁଳହୁଳି ଘଂଟା ଘଂଟା ବୀର କାହାଳୀ କୀର୍ତନ ମଣ୍ଡଳୀଙ୍କ ଗହଣରେ ତିନି ରଥରେ ନେତ ବନ୍ଧା ଯାଇଥିଲା। ଅଣସର ପରେ ଆଜି ମହାପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ନବଯୌବନ ବେଶ ଅନୁଷ୍ଠିତ ହୋଇଥିଲା। ନବଯୌବନ ବେଶ ଦେଖିବାକୁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ତଥା ନଗରପାଳ ଶୁଭେନ୍ଦୁ କୁମାର ସାହୁ ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ରେ ପୂଜକ ମାନେ ସମସ୍ତ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଆସନ୍ତାକାଲି ସକାଳ ୭ ଘଟିକା ସମୟରେ ଦେଉଳ ଫିଟା,ଦ୍ୱାରପାଳ ପୂଜା,ମଙ୍ଗଳ ଆଳତି, ୮ଘଟିକାରେ ପାଟବସ୍ତ୍ର ଆନୟନ, ୧୦ ଘଟିକାରେ ଆଙ୍କାମାଳ ବିଜେ, ୧୧ ଘଟିକାରେ ମହାପ୍ରସାଦ ନୀତି , ୧୨ ଘଟିକା ରେ ରଥ ପ୍ରତିଷ୍ଠା, ୧ ଘଟିକାରେ ପହଣ୍ଡି ଆରମ୍ଭ, ୨ ଘଟିକାରେ ଛେରା ପହଁରା, ୩ ଘଟିକା ରେ ରଥ ଟଣା। ଆରମ୍ଭ ଓ ସନ୍ଧ୍ୟା ୬ଘଟିକା ସମୟରେ ନୂଆ ବଜାର ଲକ୍ଷ୍ମୀ ମଣ୍ଡପ ସମ୍ମୁଖରେ ବିଶ୍ରାମ ଏବଂ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ ବୋଲି ମନ୍ଦିର ପରିଚାଳନା କମିଟି ତରଫରୁ ସୂଚନା ଦିଆଯାଇଛି।

# ଉତ୍କଳମଣିଙ୍କ ୯୫ତମ ଶ୍ରାଦ୍ଧୋତ୍ସବ ପାଳିତ

ବଲାଙ୍ଗୀର, (ହି.ସ.): ସେବକ ଶିରୋମଣି,ସେବା ଓ ତ୍ୟାଗର ମୁକ

## ହଷ୍ଟେଲରୁ ମୋବାଇଲ ଚୋରି କରି ୨ ଗିରଫ

**ଭୁବନେଶ୍ୱର (ପିପିଏସ୍):** ହଷ୍ଟେଲରୁ ମୋବାଇଲ ଫୋନ୍ ଚୋରି କରିଥିବା ଅଭିଯୋଗରେ ସେହି କଲେଜର ଜଣେ ଛାତ୍ରଙ୍କୁ ଗିରଫ କରିଥିଲାବେଳେ ଆଉ ଏକ ମୋବାଇଲ ଚୋରି ମାମଲାରେ ଆଉ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ । ଦୁଇ ଅଭିଯୁକ୍ତ ହେଉଛି ଝାରଖଣ୍ଡ ଜାମସେଦପୁରର ଆଦିତ୍ୟ କୁମାର (୨୩) ଓ ଭରତପୁର ତାରିଣୀ ବସ୍ତିର ସୁବୋଧ ସାହୁ (୩୬) । ଆଦିତ୍ୟ ଜାଗମରାସ୍ଥିତ ଏକ ଘରୋଇ କଲେଜରେ ପଢୁଛନ୍ତି । ପୁଲିସ ସୂଚନା ଅନୁଯାୟୀ, ଅଭିଯୋଗକାରୀ ଶିବାଶିଷ ପାଢ଼ୀ ଓ ଅଭିଯୁକ୍ତ ଆଦିତ୍ୟ ଜାଗମରାସ୍ଥିତ ଘରୋଇ କଲେଜରେ ପଢ଼ିବା ସହିତ ସେହି ହଷ୍ଟେଲରେ ରୁହନ୍ତି । ଗତକାଲି ଶିବାଶିଷ ଶୋଇଥିବାବେଳେ ଭୋର ସମୟରେ ଆଦିତ୍ୟ ତାଙ୍କ ମୋବାଇଲ ଫୋନ୍ ଚୋରିକରି ନେଇଥିଲା । ଶିବାଶିଷ ନିଦରୁ ଉଠି ନିଜ ମୋବାଇଲ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ । ଏଥିସହିତ ହଷ୍ଟେଲରେ ରହୁଥିବା ଅନ୍ୟକିଛି ଛାତ୍ରଙ୍କର ମଧ୍ୟ ମୋବାଇଲ ଚୋରି ହୋଇଥିଲା । ଏ ନେଇ ଶିବାଶିଷ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ମୋବାଇଲ ଟ୍ରାକିଂ କରି ଆଦିତ୍ୟକୁ ଗିରଫ କରିବା ସହିତ ତା' ଠାରୁ ୪ଟି ମୋବାଇଲ ଫୋନ ଜବତ କରିଥିଲା । ସେହିପରି ସଞ୍ଜୟ କୁମାର ସାହୁ ଗତ ୧୬ ତାରିଖ ଦିନ ତାଙ୍କ ଖୁଡ଼ୀଙ୍କ ସହିତ ଖଣ୍ଡଗିରିସ୍ଥିତ ସାଇ ଅଙ୍ଗନ ମଣ୍ଡପକୁ ଏକ ଭୋଜିକୁ ଯାଇଥିଲେ । ସେଠାରେ ତାଙ୍କ ଖୁଡ଼ୀ ଏକ ଚେୟାର ଉପରେ ଭ୍ୟାନିଟି ବ୍ୟାଗ ରଖିଥିଲେ । ସୁଯୋଗ ଉଣ୍ଡି ସୁବୋଧ ଭ୍ୟାନିଟି ବ୍ୟାଗ ସହିତ ସେଥିରେ ଥିବା ଗୋଟିଏ ମୋବାଇଲ ଫୋନ, ୧୦ ହଜାର ଟଙ୍କା ଓ ଅନ୍ୟାନ୍ୟ ପରିଚୟପତ୍ର ଚୋରିକରି ନେଇଥିଲା । ସଞ୍ଜୟ ଏ ନେଇ ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ ସୁବୋଧକୁ ଗିରଫ କରିବା ସହିତ ତା'ଠାରୁ ଚୋରି ହୋଇଥିବା ସାମଗ୍ରୀ ଜବତ କରି କୋର୍ଟ ଚାଲାଣ କରିଛି ।

## ରେଳ ଧାରଣାରୁ ଉଦ୍ଧାର ହେଲା ଯୁବକଙ୍କ ଶବ

**ଭୁବନେଶ୍ୱର (ପିପିଏସ୍):** କଳାରାହାଙ୍ଗ-ପଟିଆ ରେଳ ଫାଟକ ମଝି ରେଳ ଧାରଣାରୁ ସୋମବାର ମଞ୍ଚେଶ୍ୱର ଜିଆର୍‌ପି ଜଣେ ବ୍ୟକ୍ତିଙ୍କ ଶବ ଉଦ୍ଧାର କରିଛି । ମୃତକ ଜଣକ ଭୁବନେଶ୍ୱର ଝାରପଡ଼ା ଅଞ୍ଚଳରେ ରହୁଥିବା ଅମ୍ବିକା ପ୍ରସାଦ ପାଣି(୪୮)ବୋଲି ପୁଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଆଜି ମଧ୍ୟାହ୍ନ ସମୟରେ ଅମ୍ବିକା ଓଡି ୩୩ ଟି ୧୦୩୦ ନମ୍ବର ବିଶିଷ୍ଟ ବାଇକ୍ ଯୋଗେ ଆସିଥିଲେ । କଳାରାହାଙ୍ଗ-ପଟିଆ ରେଳ ଫାଟକ ନିକଟ ଏକ ଗଛମୂଳେ ବାଇକ୍ ରଖି କିଛି ସମୟ ବସିବା ସହ ଏପଟ ସେପଟ ହୋଇ ବୁଲାବୁଲି କରିଥିଲେ । ଏପରିକି ମୋବାଇଲ ଫୋନ୍‌ରେ କାହା ସହ କଥା ହେଉଥିଲେ । କଥାବାର୍ତ୍ତାବେଳେ କାହା ସହ ଯୁକ୍ତି ତର୍କ କରୁଥିବା ଲୋକେ ଶୁଣିଥିବା ପ୍ରକାଶ କରିଛନ୍ତି । ତେବେ ସାଢ଼େ ୧୨ଟା ପରେ ରେଳଧାରଣାରେ ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ । ଭୁବନେଶ୍ୱର ପଟରୁ ବାରଙ୍ଗ ଅଭିମୁଖେ ଯାଉଥିବା ଟ୍ରେନ୍‌ରେ ଆତ୍ମହତ୍ୟା କରିଥିବା ନେଇ ପ୍ରାଥମିକ ତଦନ୍ତ ପରେ ରେଳବାଇ ପୁଲିସ ସୂଚନା ଦେଇଛି । ମୃତକଙ୍କ ନିକଟରୁ ଏକ ମୋବାଇଲ, ହାତଘଣ୍ଟା ଓ ପର୍ସ ମିଳିଛି । ଉଦ୍ଧାର ମୋବାଇଲ ଫ୍ଲାଇଟ୍ ମୋଡ୍‌ରେ ଥିଲା । ପୁଲିସ ଫ୍ଲାଇଟ୍ ମୋଡ୍ ବନ୍ଦ କରିବା ପରେ ଫୋନ୍ କଲ ଆସିବାରୁ ତାଙ୍କ ପରିଚୟ ମିଳିଥିଲା । ପରେ ଖବର ଦେବାରୁ ତାଙ୍କ ଭଉଣୀ, ଭିଣୋଇ ଓ ଭାଇ ଆସି ପହଞ୍ଚିଥିଲେ । ପରିବାର ଲୋକଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ଅମ୍ବିକା ହାଇଦ୍ରାବାଦରେ ଏକ ଆଇଟି କମ୍ପାନୀରେ ପୂର୍ବେ ଚାକିରି କରୁଥିଲେ । ସେଠାରୁ ୮ବର୍ଷ ହେବ ଚାକିରି ଛାଡ଼ି ଆଦିତ୍ୟ ଗାର୍ମେଣ୍ଟସ୍ ନାମରେ ନିଜର ଏକ ସଂସ୍ଥା କରିଥିଲେ । ତାଙ୍କର ୧୪ ବର୍ଷର ଏକ ଝିଅ ଓ ୯ ବର୍ଷର ପୁଅ ଅଛନ୍ତି । ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ୍ ପଠାଇ ତଦନ୍ତ ଆରମ୍ଭ କରିଛି ।

## ଶ୍ରୀବିନାୟକ କ୍ଲାସେସ୍ ପକ୍ଷରୁ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର (ପିପିଏସ୍):** ନୟାପଲ୍ଲୀ ଆଇଆର୍‌ସି ଭିଲେଜସ୍ଥିତ ଶ୍ରୀ ବିନାୟକ କ୍ଲାସେସ୍ ପକ୍ଷରୁ କୃତୀ ଛାତ୍ରଛାତ୍ରୀଙ୍କ ସମ୍ବର୍ଦ୍ଧିତ କରାଯାଇଛି । ନିଟ୍-୨୦୨୩ ପ୍ରବେଶିକା ପରୀକ୍ଷାରେ ୬୬୦ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି ଶୁଭମ୍ ପାତ୍ର । ଶୁଭମ୍ ୨୦୨୨ ମସିହାରେ ଶ୍ରୀ ବିନାୟକ କ୍ଲାସେସ୍ ପ୍ରସ୍ତୁତି ଆରମ୍ଭ କରିଥିଲେ । ଶିକ୍ଷକମାନଙ୍କ ତତ୍ତ୍ୱାବଧାନରେ ଏବଂ ଗୁରୁକୁଳ ସଦୃଶ ପରିବେଶ ସହାୟତାରେ ୨୦୨୩ ଏନ୍‌ଇଇଟି ପରୀକ୍ଷାରେ ୬୬୦ ମାର୍କ ରଖିଛନ୍ତି । ଶୁଭମ୍ ନୟାଗଡ଼ ଜିଲ୍ଲା ସୁନାମୁହିଁ ଗ୍ରାମର ସ୍ୱର୍ଗତ ଶ୍ୟାମସୁନ୍ଦର ପାତ୍ର ଓ ସନ୍ଧ୍ୟାରାଣୀ ପାତ୍ରଙ୍କ ପୁତ୍ର । ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ 'ପରିବେଶ ପ୍ରଦୂଷଣ ଓ ତାର ନିବାରଣ' ପ୍ରକଳ୍ପ କରି ଖ୍ୟାତି ଅର୍ଜନ କରିଥିଲେ । ପରେ ସେ ଦ୍ୱାଦଶ ବୋର୍ଡ ବକ୍ସି ଜଗବନ୍ଧୁ ବିଦ୍ୟାଧର ସ୍ୱୟଂଶାସିତ ମହାବିଦ୍ୟାଳୟରୁ ୫୬୭ ମାର୍କ ରଖି ଉକ୍ତ ମହାବିଦ୍ୟାଳୟର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ନିଜର ସଫଳତା ସମ୍ପର୍କରେ ପ୍ରକାଶ କରି ଶୁଭମ୍ କହିଛନ୍ତି ମୁଁ ମୋର ଏହି ସଫଳତା ପାଇଁ ଅକ୍ଳାନ୍ତ ପରିଶ୍ରମ କରିଥିଲି । ଏହି ପରିଶ୍ରମ ଓ ମାର୍ଗଦର୍ଶନ ନିମନ୍ତେ ଶ୍ରୀ ବିନାୟକ କ୍ଲାସେସ୍‌ର ଶିକ୍ଷକମାନେ ମୋତେ ସହଯୋଗ କରିଛନ୍ତି । ପାଠପଢାର ସମସ୍ତ ଖର୍ଚ୍ଚ ଶ୍ରୀ ବିନାୟକ କ୍ଲାସେସ୍ ବହନ କରିଥିବାରୁ ଅନୁଷ୍ଠାନର ନିର୍ଦ୍ଦେଶକ ଓ ଫିଜିକ୍ସ ଅଧ୍ୟାପକ ସଞ୍ଜୟ ରାଜ ସାରଙ୍କ ବିଶେଷ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ୨୯ରେ ପରଦାକୁ ଆସିବ 'ପ୍ରିୟେ ତୁ ମୋ ସିଏ'

**ଭୁବନେଶ୍ୱର (ପିପିଏସ୍):** ଜୁନ୍ ୨୯ରେ ପରଦାକୁ ଆସୁଛି ଓଡ଼ିଆ ଚଳଚ୍ଚିତ୍ର 'ପ୍ରିୟେ ତୁ ମୋ ସିଏ' । ପ୍ରଥମଥର ପାଇଁ ଏଥିରେ ଏକାଠି ଦେଖିବାକୁ ମିଳିବ ଅମ୍ଳାନ ଓ ଏଲିନାଙ୍କୁ । ଲଭ୍ କେମେଷ୍ଟ୍ରିକୁ ନେଇ ନିର୍ମିତ ଏହି ଫିଲ୍ମରେ ବବି ମିଶ୍ରଙ୍କୁ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଦେଖିବାକୁ ପାଇବେ ଦର୍ଶକ । ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲ୍‌ରେ ପ୍ରଯୋଜନା ସଂସ୍ଥା ତରଫରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଚଳଚ୍ଚିତ୍ର ମୁକ୍ତିଲାଭର ତାରିଖ ଘୋଷଣା କରାଯାଇଛି । ଏହି ଅବସରରେ ପ୍ରଯୋଜିକା ଝିଲିକ୍ ଭଟାଚାର୍ଯ୍ୟ କହିଛନ୍ତି ଯେ, ଆସନ୍ତା ଜୁନ୍ ୨୯ରେ ଏହି ସିନେମା ଓଡ଼ିଶାର ୩୦ରୁ ଊର୍ଦ୍ଧ୍ୱ ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ । ଏହି ସାମ୍ବାଦିକ ସମ୍ମିଳନୀରେ ଅଭିନେତା ଚୌଧୁରୀ ଜୟପ୍ରକାଶ ଦାସ୍, ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାସ, କାର୍ଯ୍ୟକାରୀ ପ୍ରଯୋଜକ ଅରୁଣ କୁମାର ସ୍ୱାଇଁ, କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଝିଲିକ୍ ମୋସନ ପିକଚର୍ ବ୍ୟାନର୍‌ରେ ନିର୍ମିତ ପ୍ରେମ, ପ୍ରତିଶ୍ରୁତି, ପାଗଳପଣର ଏହି ନିଆରା ପ୍ରେମ କାହାଣୀ ଦର୍ଶକଙ୍କ ହୃଦୟକୁ ଛୁଇଁବ ବୋଲି ଫିଲ୍ମର ନିର୍ଦ୍ଦେଶକ କହିଛନ୍ତି । ଫିଲ୍ମର ନିର୍ଦ୍ଦେଶନା ଭାର ସୁଧାଂଶୁ ମୋହନ ସାହୁ ନେଇଥିବାବେଳେ କାହାଣୀ ରଚନା କରିଛନ୍ତି ଶରଣାବିନ୍ଦ ଓଝା । ସଙ୍ଗୀତରେ ସଜାଇଛନ୍ତି ଯୁବ ସଙ୍ଗୀତ ନିର୍ଦ୍ଦେଶକ ବୈଦନାଥ ଦାସ । ଫିଲ୍ମର ସୁଟିଂ ସମ୍ପୂର୍ଣ୍ଣ ଭାବେ ବାରିପଦାରେ ହୋଇଥିବାବେଳେ ଗୀତଗୁଡ଼ିକ ମନାଲି ଓ ଚଣ୍ଡିଗଡ଼ରେ ସୁଟିଂ ହୋଇଛି । ତେବେ ଝିଲିକ୍ ମୋସନ ପିକଚର୍ସ ବ୍ୟାନର୍‌ରେ 'ପ୍ରିୟେ ତୁ ମୋ ସିଏ' ହେଉଛି ଚତୁର୍ଥ ଫିଲ୍ମ । ଜୁନ୍ ୨୯ରେ ମୁକ୍ତିଲାଭ କରିବାକୁ ଥିବା ଏହି ସିନେମାରେ ଏଲିନା ଓ ଆମ୍ଳାନଙ୍କ ଯୋଡ଼ିଙ୍କୁ ଅକୁଣ୍ଠ ଭଲପାଇବା ମିଳିବ ବୋଲି ଆଶା କରିଛି ପ୍ରଯୋଜନା ସଂସ୍ଥା ।

## ଭାରତୀୟ ସେନାରେ ଯୋଗ ଦେବେ ସୋଆ ଛାତ୍ର

**ଭୁବନେଶ୍ୱର (ପିପିଏସ୍):** ଭାରତୀୟ ସେନାରେ ଯୋଗ ଦେବେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଛାତ୍ର ଅଙ୍କିତ ରାଜ ବିଶ୍ୱାଳ । ସୋଆ ପରିଚାଳିତ ଆଇଟିଇଆର୍‌ର କମ୍ପ୍ୟୁଟର ସାଇନ୍‌ସ ବିଭାଗରୁ ଗ୍ରାଜୁଏସନ୍ କରିଥିବା ଛାତ୍ର ଅଙ୍କିତ ରାଜ ସର୍ଭିସେସ୍ ସିଲେକ୍ସନ ବୋର୍ଡ (ଏସ୍‌ଏସ୍‌ବି) ନିଯୁକ୍ତି ପ୍ରକ୍ରିୟାରେ ସଫଳ ହୋଇ ଯୁବ ଅଫିସର ଭାବେ ଭାରତୀୟ ସେନାରେ ଯୋଗ ଦେବା ନିମନ୍ତେ ମନୋନୀତ ହୋଇଛନ୍ତି । ଶ୍ରୀ ବିଶ୍ୱାଳ ଗତ ଏପ୍ରିଲ ମାସରେ ଭୋପାଳ ଠାରେ ଏସ୍‌ଏସ୍‌ବି ଆସେସ୍‌ମେଣ୍ଟ ପ୍ରକ୍ରିୟାରେ ମନୋନୀତ ହୋଇଥିବା ବେଳେ ସୋମବାର ତାଙ୍କର ଏହି ସଫଳତା ନିମନ୍ତେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଶ୍ରୀ ବିଶ୍ୱାଳ ଆଇଟିଇଆର୍‌ର ଏନ୍‌ସିସି ୟୁନିଟ୍‌ରେ ସାମିଲ ଥିଲେ ଏବଂ ସିନିୟର ଅଣ୍ଡର ଅଫିସର ଭାବେ ଦାୟିତ୍ୱ ବହନ କରିଥିଲେ ।

# ଏକାମ୍ର କ୍ଷେତ୍ରରେ ଗଡ଼ିଲା ରଥ, ଶ୍ରଦ୍ଧାଳୁଙ୍କ ଭିଡ଼

**ଭୁବନେଶ୍ୱର (ପିପିଏସ୍):** ଏକାମ୍ର କ୍ଷେତ୍ର ଭୁବନେଶ୍ୱରରେ ଆଜି ମହାପ୍ରଭୁଙ୍କ ରଥଯାତ୍ରା ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଛି । ଚଳଚଞ୍ଚଳ ହୋଇଛି ଏକାମ୍ରକ୍ଷେତ୍ର । ଦିନର ଗରମ ଗୁଳୁଗୁଳି ସତ୍ତ୍ୱେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି । ଭକ୍ତ ଓ ଭଗବାନଙ୍କ ମିଳନରେ ଉଛୁଳିପଡ଼ିଛି ରାଜଧାନୀ । ରଥ ଓ ପଥ ହେବ ଏକାକାର ହୋଇଯାଇଛନ୍ତି । ରଥଯାତ୍ରା ପାଇଁ ଫୁଲରେ ସଜେଇ ହୋଇଥିଲା ଏକାମ୍ରକ୍ଷେତ୍ରର ସମସ୍ତ ଜଗନ୍ନାଥ ମନ୍ଦିର ଓ ରଥ । ଏଥର ଏକାମ୍ରକ୍ଷେତ୍ରରେ ପ୍ରାୟ ୫୪ଟି ରଥ ଟଣାଯାଇଛି । ରଥଯାତ୍ରା ପାଇଁ ସମସ୍ତଙ୍କ ଭିତରେ ଉତ୍କଣ୍ଠା ଦେଖିବାକୁ ମିଳିଛି । ଇସ୍କନ, କିସ୍ ଶ୍ରୀବାଣୀ କ୍ଷେତ୍ର, ୟୁନିଟ୍-୮ ଜଗନ୍ନାଥ, ଜାଗମରା, କୋଳଥିଆ, ପଟିଆ ଆଦି ଶ୍ରୀଜଗନ୍ନାଥ ମନ୍ଦିରରେ ନୀତି ନିର୍ଘଣ୍ଟ ଅନୁଯାୟୀ ଆଜି ପ୍ରଷ୍ୟୁଷରୁ ନୀତିକାନ୍ତି ଆରମ୍ଭ ହୋଇଥିଲା । ଇସ୍କନରେ ପୂର୍ବାହ୍ନ ୧୦ଘଣ୍ଟାରୁ ଶ୍ରୀଜିଉମାନଙ୍କ ପହଣ୍ଡି ବିଜେ ଆରମ୍ଭ ହେବାକୁ ଥିବା ବେଳେ ଅପରାହ୍ନରେ ଛେରାପହଁରା କରାଯାଇ ରଥଟଣା ଆରମ୍ଭ ହୋଇଥିଲା । ରଥ ଯିବା ବାଟରେ ଭକ୍ତମାନେ ଶୃଙ୍ଖଳିତଭାବେ ରଥକୁ ଛୁଇଁବା ପାଇଁ ଶୃଙ୍ଖଳା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା । ରଥଦାଣ୍ଡର ଆଲୋକୀକରଣ କରାଯିବା ସହ ଗୁଣ୍ଡିଚା ମନ୍ଦିରକୁ ରଙ୍ଗ ବେରଙ୍ଗ ଆଲୋକମାଳାରେ ସଜ୍ଜିତ କରାଯାଇଛି । ଏହି କ୍ରମରେ ରଥଯାତ୍ରାକୁ ନେଇ ଚଳଚଞ୍ଚଳ ହୋଇଛି ଇସ୍କନ ମନ୍ଦିର । ଇସ୍କନ ରଥଯାତ୍ରାର ନୀତିକାନ୍ତି ଅନୁସାରେ ସକାଳ ୭. ୩୦ରେ ଦର୍ଶନ ଆରତି ପରେ ୮. ୩୦ ରେ ରଥ ପ୍ରତିଷ୍ଠା ହୋଇଥିଲା । ୧୦.୪୫ ଟାରେ ପହଣ୍ଡି ବିଜେ । ପ୍ରଥମେ ବଳଭଦ୍ର ପରେ ସୁଭଦ୍ରା ଓ ଶେଷରେ ଜଗନ୍ନାଥ ପହଣ୍ଡି ବିଜେ ହୋଇଥିଲେ । ୧୨ ଟାରେ ମଧ୍ୟାହ୍ନ ଭୋଗ ପରେ ୨ ଟାରେ ଛେରା ପହଁରା କରାଯାଇ ୩ ଟାରେ ରଥ ଟଣା ହୋଇଥିଲା । ସୁଭଦ୍ରାଙ୍କ ରଥକୁ ମହିଳା ଭକ୍ତ ଟାଣିବାକୁ ବିଧି ରହିଥିବା ବେଳେ ବଳଭଦ୍ର ଓ ଜଗନ୍ନାଥଙ୍କ ରଥକୁ ଅନ୍ୟ ଭକ୍ତମାନେ ଟାଣିଥିଲେ । ସେହିପରି କିସ୍ ଓ କିଟ୍ ଶ୍ରୀଜଗନ୍ନାଥ ମନ୍ଦିରରେ ମଧ୍ୟ ସୋମବାର ମହାପ୍ରଭୁଙ୍କ ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ ଗତକାଲି ଅନୁଷ୍ଠିତ ହୋଇଥିବାବେଳେ ଆଜି କାର୍ଯ୍ୟସୂଚୀ ଅନୁଯାୟୀ ସୂର୍ଯ୍ୟପୂଜା, ରୋଷ, ହୋମ, ରଥ ପ୍ରତିଷ୍ଠା ଆଦି ନୀତିକାନ୍ତି ସମ୍ପନ୍ନ ପରେ ପୂର୍ବାହ୍ନ ୧୦ଟାରେ ତିନି ଠାକୁରଙ୍କ ପହଣ୍ଡି ଆରମ୍ଭ ହୋଇଥିଲା । ଅପରାହ୍ନ ୩ଟାରୁ ୪ଟା ମଧ୍ୟରେ ଛେରାପହଁରା ନୀତି ସମ୍ପନ୍ନ ପରେ ୪ଟା ୩୦ରୁ ରଥଟଣା ଆରମ୍ଭ ହୋଇଥିଲା । ସେହିପରି ଶିଖରଚଣ୍ଡୀ ପାଦଦେଶରେ ଥିବା ସ୍ଥାୟୀ ଗୁଣ୍ଡିଚା ମନ୍ଦିରରେ ଠାକୁରମାନେ ପହଞ୍ଚିବା ପରେ ନବଦିନ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବା ସହ ଭକ୍ତଙ୍କ ଗହଳିକୁ ଦୃଷ୍ଟିରେ ରଖି ଜଳବଣ୍ଟନ, ଜଳ ସିଞ୍ଚନ ଓ ଶୃଙ୍ଖଳା ବ୍ୟବସ୍ଥା କରାଯାଇଥିବା ମନ୍ଦିର ଟ୍ରଷ୍ଟ ପକ୍ଷରୁ କୁହାଯାଇଛି ।

ରଥଯାତ୍ରା ପାଇଁ ରାଜଧାନୀରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା । ଏହାକୁ ଶାନ୍ତିଶୃଙ୍ଖଳା ସହ ସମାପନ କରିବା ଲାଗି ୨୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା । ସୁରକ୍ଷା ଦାୟିତ୍ୱରେ ୭ଜଣ ଅତିରିକ୍ତ ଡିସିପି, ୧୧ଜଣ ଏସିପି, ୩୧ଜଣ ଇନ୍ସପେକ୍ଟର, ଏସ୍‌ଆଇ/ଏଏସ୍‌ଆଇ ୯୦ଜଣ, ୧୫ଜଣ ଟ୍ରାଫିକ ଅଧିକାରୀ, ୪୬ଜଣ ଟ୍ରାଫିକ୍ କନଷ୍ଟେବଳ, ଓଏପିଏଫ୍ ୫୧ଜଣ, ୫୭ଜଣ ମହିଳା ପୁଲିସ ଓ ୧୬୪ଜଣ ହୋମଗାର୍ଡ ମୁତୟନ ହୋଇଛନ୍ତି ।

ସେହିପରି ଭୁବନେଶ୍ୱରର ୫ଟି କଣ୍ଟ୍ରୋଲ ରୁମ୍ କରାଯାଇଛି । ବରମୁଣ୍ଡା ବସ୍‌ଷ୍ଟାଣ୍ଡ, ହାଇଟେକ ଛକ, ସାଇମନ୍ଦିର, ଲିଙ୍ଗିପୁର ଟ୍ରାଫିକ ଓ କଳ୍ପନା ଛକର ସଂଗ୍ରହାଳୟ ସାମ୍ନାରେ ଏହି କଣ୍ଟ୍ରୋଲ ରୁମ୍ କାର୍ଯ୍ୟକ୍ଷମ ହେବ । ଏଥିସହ ରିଜର୍ଭରେ ଭିଆଇପି ପୁଲିସ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି । ସେପଟେ ଜାତୀୟ ରାଜପଥ ଠାରୁ ଗଳିକନ୍ଦି ଯାଏଁ ଟ୍ରାଫିକ ଉପରେ ଅଧିକ ପ୍ରାଧାନ୍ୟ ଦିଆଯାଇଥିଲା । ପିସିଆର୍ ଓ ପାଟ୍ରୋଲିଂ କରାଯିବା ସହ ହାଇଟେକ ଛକରୁ ପିଠାପଲ୍ଲୀ ଛକ, ହାଇଟେକରୁ ଉତ୍ତରା ଛକ, ରସୁଲଗଡ଼ରୁ ଲିଙ୍ଗିପୁର ଛକ ଓ ଉତ୍ତରା ଛକରୁ ବାଲିପାଟଣାର ବସନ୍ତମାଳ ଛକ ଯାଏଁ କମିସନରେଟ୍ ପୁଲିସ ନିଜ ଅକ୍ତିଆରକୁ ନେଇଥିଲା । ଲୁଟେରା ଓ ପକେଟ୍‌ମାରଙ୍କ ଲାଗି ସାଦାପୋଷାକରେ ପୁଲିସ କର୍ମଚାରୀଙ୍କୁ ମୁତୟନ କରାଯିବ । ଜଣେ ଅତିରିକ୍ତ ଡିସିପିଙ୍କ ସହ ୩ଏସିପି, ୭ ଇନ୍ସପେକ୍ଟର, ୧୮ କନଷ୍ଟେବଳ ଓ ୪୦ ମହିଳା ପୁଲିସଙ୍କୁ ମୁତୟନ କରାଯାଇଥିଲା ।

## ବିଦ୍ୟୁତ ବିଭ୍ରାଟ ପ୍ରତିବାଦରେ ବିଜେପିର ବିକ୍ଷୋଭ

**ଭୁବନେଶ୍ୱର (ପିପିଏସ୍):** ଚଳିତ ଦଶନ୍ଧିରେ ବିଦ୍ୟୁତ୍‌ରେ ସବୁଠାରୁ ବଡ଼ ଦୁର୍ନୀତି ହୋଇଛି । ସରକାର ଓଡ଼ିଶାକୁ ବିଦ୍ୟୁତ ବଳକା ରାଜ୍ୟ କହୁଛନ୍ତି, ହେଲେ ଗାଁରୁ ଆରମ୍ଭ କରି ରାଜଧାନୀ ପର୍ଯ୍ୟନ୍ତ ଅଘୋଷିତ ବିଦ୍ୟୁତ କାଟ ହେଉଛି । ଲୋ ଭୋଲଟେଜ୍ ସମସ୍ୟାରେ ଜନସାଧାରଣ ଫସି ରହିଛନ୍ତି । ଭିତ୍ତିଭୂମି ବିକାଶ ପାଇଁ ଗତ ୧୦ ବର୍ଷରେ ୨୦ହଜାର କୋଟି ଟଙ୍କା ଖର୍ଚ୍ଚ କରିଥିବା ରାଜ୍ୟ ସରକାର କହୁଛନ୍ତି । ବିତରଣ ଦାୟିତ୍ୱରେ ଥିବା ଟାଟ ପାୱାର କମ୍ପାନି କହୁଛି ୫୦୦୦କୋଟି ଟଙ୍କାର ଭିତ୍ତିଭୂମି ଅଛି । ବାକି ୧୫ହଜାର କୋଟି କୁଆଡ଼େ ଗଲା ? ୧୫ ହଜାର କୋଟି ବଡ଼ ଦୁର୍ନୀତିର ତଦନ୍ତ ହେଉ । ୧୦ ବର୍ଷ ମଧ୍ୟରେ ବିଜେଡି ସରକାରରେ ଦାୟିତ୍ୱ ନେଇଥିବା ସମସ୍ତ ଶକ୍ତିମନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ଓ କେନ୍ଦ୍ରୀୟ ସଂସ୍ଥା ଏହାର ତଦନ୍ତ କରୁ ବୋଲି ଦାବି କରିଛନ୍ତି ବିଜେପି ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂ । ଏହି ମର୍ମରେ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛି ।

ସ୍ମାର୍ଟ ଓ ନୂତନ ମିଟର ନାମରେ ପ୍ରାୟ ୧୫ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ଭୂତଳ କେବୁଲ ବିଛା ପାଇଁ ୨୨୦୦କୋଟି ଟଙ୍କା ଖର୍ଚ୍ଚ ହୋଇଛି । ଏଥିରୁ ବିଜେଡି ମନ୍ତ୍ରୀ, ନେତା, ଅଫିସର ଓ ତୃତୀୟ ମହଲାର ଅଧିକାରୀମାନେ ମିଳିମିଶି କୋଟି କୋଟି ଟଙ୍କା ଲୁଟ୍ କରିଛନ୍ତି । ଅନ୍ୟ ୨୦ ରାଜ୍ୟରେ ଉପଭୋକ୍ତାମାନେ ୟୁନିଟ୍ ପିଛା ୪ଟଙ୍କା ୯୯ପଇସା ଦେଉଥିବା ବେଳେ ଓଡ଼ିଶାର ଉପଭୋକ୍ତା ୫ଟଙ୍କା ୨୨ପଇସା ଦେଉଛନ୍ତି । ବିଦ୍ୟୁତ ବଳକା ରାଜ୍ୟ ଓଡ଼ିଶାର ଉପଭୋକ୍ତା କାହିଁକି ଅଧିକ ଟଙ୍କା ଦେବେ ବୋଲି ସେ ପ୍ରଶ୍ନ କରିଛନ୍ତି । ପ୍ରତ୍ୟେକ ଦିନ ହଜାର ହଜାର ଉପଭୋକ୍ତା ବିଜୁଳି ବିଲ୍ ବାବଦକୁ ଲକ୍ଷଲକ୍ଷ ଟଙ୍କା ଦେଉଛନ୍ତି । ହେଲେ ସେବା ପାଉ ନାହାନ୍ତି । ଏଣେ ରାଷ୍ଟ୍ରପତିଙ୍କ ବାରିପଦା ସଭାରେ ବିଦ୍ୟୁତ କାଟ ଓ ୨ ଦ

# କଟକର ବିଭିନ୍ନ ସ୍ଥାନରେ ରଥଯାତ୍ରାର ମନୋରମ ଦୃଶ୍ୟ...

ଫଟୋ : ସରୋଜ

## ଗଛରୁ ଖସିପଡ଼ି ଶ୍ରମିକଙ୍କ ମୃତ୍ୟୁ

କୋଣାର୍କ, (ପିପିଏସ): ରଥଯାତ୍ରାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳୁଛି। ଗଛର ଖସି ପଡ଼ି ଜଣେ ଶ୍ରମିକ ମୃତ୍ୟୁବରଣ କରିଥିବା ଜଣାପଡିଛି। ପ୍ରାପ୍ତ ସୂଚନାରୁ ଜଣାପଡେକି କୋଣାର୍କ ରଥ ଯାତ୍ରା ପାଇଁ ରାସ୍ତା ପାର୍ଶ୍ୱରେ ଥିବା ଗଛରୁ ଡାଳ କାଟୁଥିବାବେଳେ ଜଣେ ଶ୍ରମିକ ଗଛରୁ ପଡ଼ି ମୃତ୍ୟୁବରଣ କରିଛନ୍ତି। କୋଣାର୍କ ରଥ ପାଇଁ କୋଣାର୍କ କାକଟପୁର ରାସ୍ତା ପାର୍ଶ୍ୱରେ ଥିବା ଗଛଡାଳକୁ କାଟୁଥିବା ବେଳେ କୋଣାର୍କ ଥାନା ଅଧୀନ ଖରଗାଁ ଗ୍ରାମର ସୁଦର୍ଶନ ମଲିକ (୬୦ବର୍ଷ) ହଟାତ ତଳକୁ ଖସିପଡିଲେ। ତୁରନ୍ତ ସୁଦର୍ଶନଙ୍କୁ ଚିକିତ୍ସା ନିମନ୍ତେ କୋଣାର୍କ ଡାକ୍ତରଖାନାକୁ ଅଣାଯାଇଥିବା ବେଳେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୁଦର୍ଶନ ଜଣେ ଗରିବଲୋକ ହୋଇଥିବା ବେଳେ ମୂଲମଜୁରୀ ଲାଗି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବୀ ପ୍ରକାଶ ପାଇଛି।

## ଦୁର୍ଘଟଣାରେ ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ

ଅନୁଗୋଳ, (ପିପିଏସ) : ଅନୁଗୁଳ ଜିନ୍ଦଲ କାରଖାନା ପରିସରରେ ରାସ୍ତା ଦୁର୍ଘଟଣାରେ ଜନୈକ ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ ହୋଇଯାଇଛି। ଘଟଣାରୁ ପ୍ରକାଶ ଯେ ଅନୁଗୁଳ ଅମଲାପଡା ନିବାସୀ ସଂଗ୍ରାମ ରଞ୍ଜନ ଦାସଙ୍କ ପୁତୁରା ସୌରଭ ଦାସ (୨୧) ଗୁରୁବାର ଦିନ ଜିନ୍ଦଲ କାରଖାନାରୁ ନିଜର କାର୍ଯ୍ୟ ସମାପ୍ତ କରି ଅନ୍ୟ ପାଞ୍ଚ ଜଣ କର୍ମଚାରୀଙ୍କ ସହ ଏକ ଟାଟା ମ୍ୟାଜିକ ଗାଡ଼ିରେ ଘର ଅଭିମୁଖେ ଫେରୁଥିବା ବେଳେ ଜିନ୍ଦଲ କମ୍ପାନୀ ପରିସରରେ ଏକ ଟ୍ରଲର ସହ ସେ ଆସୁଥିବା ଗାଡ଼ିର ଧକ୍କା ହୋଇଥିଲା । ଫଳରେ ସୌରଭଙ୍କ ଛାତିରେ ଗଭୀର କ୍ଷତ ହେବା ସହ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା ।ତାଙ୍କ ସହିତ ଥିବା ଅନ୍ୟ ଦୁଇ ଜଣ କର୍ମଚାରୀ ଗୁରୁତର ଆହତ ହୋଇଥିଲେ।

ଘଟଣାର ଖବର ପାଇ ଜିନ୍ଦଲ କର୍ତ୍ତୃପକ୍ଷ ଗୁରୁତ୍ୱର ଆହତ ଦୁଇ କର୍ମଚାରୀଙ୍କୁ ଚିକିତ୍ସା ପାଇଁ କଟକ ପଠାଇଥିଲେ। ଏବଂ ଶୌରଭଙ୍କ ମୃତ ଶରୀରକୁ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ଏହି ଖବର ଅନୁଗୁଳ ସହରରେ ପ୍ରସାର ହେବା ପରେ ଶତାଧିକ ଯୁବକ ଅନୁଗୁଳ ମୁଖ୍ୟ ଚିକିତ୍ସାଳୟକୁ ଯାଇ ସମବେଦନା ଜଣାଇଥିଲେ। ମଙ୍ଗଳବାର ଦିନ ଅପରାହ୍ନ ସାଢ଼େ ୪ ଟା ବେଳେ ସ୍ୱର୍ଗତ ସୌରଭ ଦାସଙ୍କ ପାର୍ଥିବ ଶରୀରକୁ ଅନୁଗୁଳ କରଡାଗାଡିଆ ସ୍ଥିତ ଶ୍ମଶାନରେ ଦାହ କରାଯାଇଥିଲା। ଜିନ୍ଦଲର ଜିଏମ ବନବାସ ଆଚାର୍ଯ୍ୟ ଏବଂ ଶରତ ପଣ୍ଡା ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ସେଠାରେ ଉପସ୍ଥିତ ଥିବା ସୌରଭ ଦାସଙ୍କ ପରିବାରକୁ ସମବେଦନା ଜଣାଇଥିଲେ। ଘଟଣାର ଖବର ପାଇ ସହରର ବହୁ ବିଶିଷ୍ଟ ବ୍ୟକ୍ତି , ସାମ୍ବାଦିକ , ଲାୟନ୍ସ କ୍ଲବ୍ ସଦସ୍ୟ ଏବଂ ଅନୁଗୁଳ ବାର ଆସୋସିଏସନର ପୂର୍ବତନ ସଭାପତି ଦିଲୀପ ଦାସ ପ୍ରମୁଖ ଶ୍ରୀ ଦାସଙ୍କ ବାସଭବନରେ ପହଞ୍ଚି ଗଭୀର ସମବେଦନା ଜଣାଇଥିଲେ।

### ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ-୩ ପରୀକ୍ଷା ଫଳ ପ୍ରକାଶିତ

## ଛାତ୍ରୀଙ୍କ ବାଜିମାତ, ରୋଜାଲିନ ଶ୍ରେଷ୍ଠ ସ୍ନାତକ

ନୟାଗଡ଼, (ପିପିଏସ) : ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ୟୁଜି ଓ ପିଜି ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି । ଚଳିତ ବର୍ଷ ୟୁଜି ତଥା +୩ ପରୀକ୍ଷାରେ ଛାତ୍ରୀ ବାଜି ମାରିଥିବା ଦେଖାଯାଇଛି । ବିଜ୍ଞାନ ଛାତ୍ରୀ ରୋଜାଲିନ ଦାଶ ପଦାର୍ଥ ବିଜ୍ଞାନ ବିଭାଗରେ ମୋଟ ୨୩୯୬ ନମ୍ବର ତଥା ୯.୭୪ ସିଜିପିଏ ରଖି ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି । କଳାରେ ସଂସ୍କୃତ ବିଭାଗ ଛାତ୍ରୀ ରନ୍‌ପ୍ରଭା ମହାପାତ୍ର ୨୨୭୦ ନମ୍ବର ରଖି ଟପ୍ପର ହୋଇଛନ୍ତି । ବାଣିଜ୍ୟରେ ସିତୁ ବେହେରା ସର୍ବୋଚ୍ଚ ୨୨୨୩ ନମ୍ବର ରଖି ଟପ୍ପର ହୋଇଛନ୍ତି। ସେହିଭଳି ଭାବେ ଉଦ୍ଭିଦ ବିଜ୍ଞାନରେ ବର୍ଷା ପ୍ରିୟଦର୍ଶିନୀ ପ୍ରଧାନ ୨୩୩୭, ରସାୟନ ବିଜ୍ଞାନରେ ପୂଜା ବେହେରା ୨୩୪୫, କମ୍ପ୍ୟୁଟର ସାଇନ୍ସରେ ପ୍ରଣବ କୁମାର ସାହୁ ୨୩୨୧, ଅର୍ଥନୀତିରେ ସସ୍ମିତା ସାହୁ ୨୦୮୮, ଶିକ୍ଷାରେ ସୁଚିସ୍ମିତା ତ୍ରିପାଠୀ, ଇଲୋକ୍ୟୁନିକ୍ସରେ ଅର୍ମାନ ତ୍ରିପାଠୀ ୨୨୪୩, ଇଂରାଜୀରେ ସ୍ୱାଗତିକା ମହାନ୍ତି ୧୯୪୩,

ଇତିହାସରେ ଜ୍ୟୋତିର୍ମୟୀ ପ୍ରଧାନ ୨୦୫୩, ଆଟିଏମରେ ଦିବ୍ୟାନନ୍ଦ ସୁବୁଦ୍ଧି ୨୧୦୩, ଗଣିତରେ ବିଭୂଦତ୍ତ ତ୍ରିପାଠୀ ୨୩୩୩, ଓଡ଼ିଆରେ ଜିତୁ ପ୍ରଧାନ ୨୨୨୦, ଦର୍ଶନରେ ଶୁଭଶ୍ରୀ ପାତ୍ର ୧୮୯୬, ପଦାର୍ଥ ବିଜ୍ଞାନରେ ପ୍ରିୟଙ୍କା ପ୍ରଧାନ ୨୪୦୩, ରାଜନୀତି ବିଜ୍ଞାନରେ କାଜଲ ସାହୁ ୨୧୩୨,ମନସ୍ତତ୍ତ୍ୱ ବିଜ୍ଞାନରେ ଗାୟତ୍ରୀ ପ୍ରିୟଦର୍ଶିନୀ ୨୨୭୦, ସମାଜବିଜ୍ଞାନରେ ସୋନାଲି ପ୍ରିୟଦର୍ଶିନୀ ୨୦୪୫, ପ୍ରାଣୀ ବିଜ୍ଞାନରେ ଆଶିଷ ବରାଳ ୨୨୮୮ ମାର୍କ ରଖି ଟପ୍ପର ହୋଇଥିବା ସୂଚନା ମିଳିଛି । ପରୀକ୍ଷା ଫଳ ପ୍ରକାଶ ସମୟରେ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନେ ଉପସ୍ଥିତ ରହିଥିଲେ । ଏହି କାର୍ଯ୍ୟକ୍ରମରେ ବଂଶୀଧର ରାଉତ, ବ୍ରଜବନ୍ଧୁ ବେହେରା, ଡ.ପ୍ରଦୀପ୍ତ କୁମାର ଆଚାର୍ଯ୍ୟ, ଡ.ଲକ୍ଷ୍ମୀଧର ସାହୁ, ଅଶ୍ୱିନ କୁମାର ନାୟକ, ଡ.ବିପିନ କୁମାର ପଟ୍ଟନାୟକ ଓ ଅଧ୍ୟାପକ ଗଣେଶ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ ।

## ବାଲିରେ ମହାପ୍ରଭୁଙ୍କ ଘୋଷଯାତ୍ରା

କୋଣାର୍କ, (ପିପିଏସ) : ପବିତ୍ର ରଥଯାତ୍ରା ଅବସରରେ କୋଣାର୍କର ବାଲୁକା ଶିଳ୍ପୀ ସରିତା ଗୋଛାୟତଙ୍କ ଦ୍ୱାରା ମହାପ୍ରଭୁଙ୍କ ଘୋଷଯାତ୍ରାର ପ୍ରତିଛବି ଦେଖିବାକୁ ମିଳିଛି। ସୂଚନାରୁ ଜଣାପଡେକି ଚନ୍ଦ୍ରଭାଗା ବେଳାଭୁମିର ବିସ୍ତୀର୍ଣ୍ଣ ବାଲୁକା ରାଶି ଉପରେ ବାଲୁକାଶିଳ୍ପୀ ସରିତାଙ୍କ ହାତ ସ୍ପର୍ଶରେ ଶୋଭାପାଉଛି ମହାବାହୁ ଜଗତର ନାଥ ଜଗନ୍ନାଥଙ୍କ ଘୋଷଯାତ୍ରାର ପ୍ରତିଛବି। ଯାହାକୁ ଦେଖି ଆଗନ୍ତୁକ ପର୍ଯ୍ୟଟକ ମାନେ ଉଚ୍ଚ ପ୍ରଶଂସା କରୁଥିବା ଦେଖିବାକୁ ମିଳିଛି। ସରିତାଙ୍କ ଏହି କଳା କୃତିକୁ ଆନୁଷ୍ଠାନିକ ଭାବେ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ ଉଦଘାଟନ କରିଥିଲେ। ଏହା ସାତଦିନ ଧରି ପ୍ରଦର୍ଶନ କରାଯିବ ବୋଲି ବାଲୁକାଶିଳ୍ପୀ ସରିତା ପ୍ରକାଶ କରିଅଛନ୍ତି।

## ହାତୀ ଆକ୍ରମଣରେ ଜଣଙ୍କ ମୃତ୍ୟୁ

ଅନୁଗୋଳ, (ପିପିଏସ) : ଅନୁଗୁଳ ବନଖଣ୍ଡ ବନ୍ତଳା ବନାଞ୍ଚଳରେ ହାତୀ ଆକ୍ରମଣରେ ଜଣଙ୍କ ଜୀବନ ହାନି। ବନ ବିଭାଗର ଅବହେଳା ପାଇଁ ହାତୀ ଗାଁ ଭିତରେ ପଶି ସାଧାରଣ ଲୋକଙ୍କୁ ମାରୁଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ଦିନ ୧୧ଟା ବେଳେ ଅରାଡିହ ଗ୍ରାମର ୫୫ ବର୍ଷୀୟ ଅରୁଣ ପ୍ରଧାନଙ୍କୁ ଦନ୍ତା ହାତୀ ଦଳି ଦେଇ ମାରିଥିବା ଜଣାପଡିଛି। ସୁଚନା ଅନୁଯାୟୀ ବନ୍ତଳା ଗଡତରାସ ପଂଚାୟତ ଅରାଡିହ ଗ୍ରାମର ଅରୁଣ ପ୍ରଧାନ ନିଜ ବଗିଚାରେ ବାଉଁଶ ବାଡ ଦେଉଥିବା ବେଳେ ଏକ ଦନ୍ତା ହାତୀ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

## ଦୁର୍ଘଟଣାରେ ଅବକାରୀ ବିଭାଗ ସବ୍-ଇନ୍ସପେକ୍ଟରଙ୍କ ମୃତ୍ୟୁ

ଅନୁଗୋଳ, (ପିପିଏସ) : ଅନୁଗୁଳ ଜିଲ୍ଲା ତାଳଚେର ବିରବରପଲ୍ଲିଠାରେ ଏକ ସଡକ ଦୁର୍ଘଟଣାରେ ଅବକାରୀ ବିଭାଗର ଜଣେ କର୍ମଚାରୀ ପ୍ରାଣ ହରାଇଛନ୍ତି । ମୃତ କର୍ମଚାରୀଙ୍କ ନାମ ମଧୁସୂଦନ ବେହେରା ହୋଇଥିବା ବେଳେ ସେ କିଛି ମାସ ହେବ ତାଳଚେର ଅବକାରୀ ବିଭାଗର ସବ୍ ଇନ୍ସପେକ୍ଟର ଭାବେ ଯୋଗ ଦେଇଥିଲେ । ଆଜି ଅପରାହ୍ନରେ ସେ କୌଣସି କାମରେ ମୋଟରସାଇକେଲରେ ଯାଇଥିବା ବେଳେ ତାଙ୍କର ଏକ ଅଜଣା ମୋଟରସାଇକେଲ ସହ ଧକ୍କା ହୋଇଥିଲା । ଦୁର୍ଘଟଣା ଘଟାଇ ଥିବା ଅନ୍ୟ ମୋଟରସାଇକେଲ ଚାଳକ ନିଶାସକ୍ତ ଅବସ୍ଥାରେ ମଧୁସୂଦନଙ୍କୁ ଧକ୍କା ଦେଇ ଘଟଣା ସ୍ଥଳରୁ ପଳାଇ ଯାଇଥିବା ଜଣା ପଡିଛି । ସ୍ଥାନୀୟ ଲୋକଙ୍କ ସହାୟତାରେ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଅନୁଗୁଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ଓ ପରେ ମଧୁସୂଦନଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରା ଯାଉଥିଲା । ତେବେ ରାସ୍ତାରେ ତାଙ୍କ ମୃତ୍ୟୁ ହୋଇଛି ।

## ନୟାଗଡ଼ରେ ରଥଯାତ୍ରା, ଆନନ୍ଦ ଉଲ୍ଲାସରେ ପାଳିଲେ ଜିଲ୍ଲାବାସୀ

ନୟାଗଡ଼, (ପିପିଏସ) : ନୟାଗଡ଼ ସହରରେ ବଡ଼ ଧୁମଧାମ ଏବଂ ଆନନ୍ଦ ଉଲ୍ଲାସର ସହିତ ଶ୍ରୀଗୁଣ୍ଡିଚା ଯାତ୍ରା ଶେଷ ହୋଇଛି। ଏଠାରେ ରଥଯାତ୍ରା ଦୁଇଦିନ ଧରି ଚାଲିଥାଏ। ରଥଯାତ୍ରା ଦିନ ସକାଳ ୯.୦୦ରେ ରଥ ପ୍ରତିଷ୍ଠା କାର୍ଯ୍ୟ ସମାପନ୍ନ ହୋଇଥିଲା । ଦିନ ୧୦.୩୦ ସମୟରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ପହଣ୍ଡି ବିଜେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦିନ ୨ ଟା ବେଳେ ରାଜା ରାମେଶ୍ୱର ପ୍ରସାଦ ସିଂ ୩ ରଥର ଛେରାପହଁରା କାର୍ଯ୍ୟ ସମାପନ୍ନ କରିଥିଲେ । ନିତି ନିୟମ ଅନୁସାରେ ସମସ୍ତ କାର୍ଯ୍ୟ ସଠିକ ଭାବରେ ସମ୍ପନ୍ନ ହୋଇଥିଲା।ପ୍ରଥମ ଦିନରେ ବଳଦେବ ଜୀଉଙ୍କର ତାଳଧ୍ୱଜ ରଥଟଣା ହୋଇ ଶ୍ରୀ ଗୁଣ୍ଡିଚା ମଣ୍ଡପ ଠାରେ ପହଞ୍ଚି ଥିଲା । ସେହିପରି ଦେବୀ ଶୁଭଦ୍ରାଙ୍କର ଦର୍ପଦଳନ ରଥ ଓ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଟଣା ହୋଇ ବଡ଼ଦାଣ୍ଡର ମଝିରେ ରହି ତା ପରଦିନ ଟଣା ହୋଇଥିଲା। ଦ୍ୱିତୀୟ ଦିନ ଦେବୀ ସୁଭଦ୍ରାଙ୍କର ଦର୍ପଦଳନ ରଥ ଓ ଜଗନ୍ନାଥଙ୍କର ନନ୍ଦିଘୋଷ ରଥ ଟଣାଯାଇ ସୂର୍ଯ୍ୟାସ୍ତ ପୂର୍ବରୁ ଗୁଣ୍ଡିଚା ମନ୍ଦିର ଠାରେ ପହଁଞ୍ଚିଥିଲା । ରାତ୍ର ୯ ଘଟିକା ସମୟରେ ତିନି ଠାକୁରଙ୍କୁ ଗୋଟି ପହଣ୍ଡି କରାଯାଇ ଶ୍ରୀ ଗୁଣ୍ଡିଚା ମନ୍ଦିରକୁ ନିଆଯାଇଥିଲା । ନୟାଗଡ଼ ଜିଲ୍ଲା ସୁଚନା ଲୋକ ସମ୍ପର୍କ ବିଭାଗ ଏବଂ ଦେବୋତ୍ତର ବିଭାଗ ତରଫରୁ ରଥଯାତ୍ରାର ଧାରା ବିବରଣୀ ପ୍ରଦାନ କରାଯାଇଥିଲା । ଉପ ଜିଲ୍ଲାପାଳ ଶକ୍ତିକାନ୍ତ ରାୟ ଉଦଘୋଷକ ମାନଙ୍କୁ ଉପଢୌକନ ସହ ସମ୍ବର୍ଦ୍ଧିତ କରିଥିଲେ । ଜିଲ୍ଲାପାଳ ରବିନ୍ଦ୍ର ନାଥ ସାହୁ, ଅତିରିକ୍ତ ଜିଲ୍ଲାପାଳ ବିଧାନ ଚନ୍ଦ୍ର ରାୟ ଓ ଉପଜିଲ୍ଲାପାଳ ଶକ୍ତିକାନ୍ତ ରାୟ ପ୍ରମୁଖ ଭକ୍ତଙ୍କ ଗହଣରେ ରଥ ଟାଣୁଥିବାର ଦେଖିବାକୁ ମିଳିଥିଲା ।

## ଶ୍ରୀଜୀଉଙ୍କ ଘୋଷ ଯାତ୍ରା ଅନୁଷ୍ଠିତ

ଖଣ୍ଡପଡ଼ା, (ପିପିଏସ) : ନୟାଗଡ଼ ଜିଲ୍ଲା ଭାପୁର ବ୍ଲକର ବିଭିନ୍ନ ସ୍ଥାନରେ ମଙ୍ଗଳ ବାର ଦିନ ପ୍ରଭୁ ଶ୍ରୀ ଜିଉଙ୍କର ପବିତ୍ର ଘୋଷ ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭାପୁର ବ୍ଲକ ସଦମହକୁମାରେ ଅବସ୍ଥିତ ଜଗନ୍ନାଥ ମନ୍ଦିରରେ ପଣ୍ଡିତ ରଘୁନନ୍ଦ, ପିତବାସ ମହାପାତ୍ର ପ୍ରମୁଖଙ୍କ ଦ୍ୱାରା ମହାପ୍ରଭୁ ଚତୁର୍ଦ୍ଧା ମୂର୍ତ୍ତିଙ୍କର ମଙ୍ଗଳା ଆଳତୀ, ଅଙ୍କୁରାପୋଣ ଆଦି ରୀତିନୀତି ସମାପନ ପରେ ରଥ ପ୍ରତିଷ୍ଠା, ପହଣ୍ଡି ବିଜେ କରାଯାଇଥିଲା। ରାଜା ସାଧୁ ଚରଣ ସିଂହ ଦ୍ୱାରା ଛେରା ପହଁରା କାର୍ଯ୍ୟ ସମାପନ ପରେ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ସମୟରେ ରଥ ଯାତ୍ରା କମିଟିର ସଭାପତି ତଥା ସ୍ଥାନୀୟ ତହସିଲଦାର ଲଗ୍ନଜିତ ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଞ୍ଜିତ କୁମାର ମଲ୍ଲିକ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ବିଶ୍ୱନାଥ ସାହୁ, ଫତେଗଡ଼ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା, ମନ୍ଦିର କମିଟିର ସଭାପତି ସୁମନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଫତେଗଡ଼ ଥାନା ପୁଲିସ ପକ୍ଷରୁ ପୁଲିସ ମୁତୟନ କରାଯାଇ ଶାନ୍ତି ଶୃଙ୍ଖଳା ରକ୍ଷା କରଯାଇଥିବା ବେଳେ ଭାପୁର ଅଗ୍ନିଶମ ବାହିନୀ, ବିଦ୍ୟୁତ୍ ବିଭାଗ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଆବଶ୍ୟକୀୟ ସହଯୋଗ ପ୍ରଦାନ କରାଯାଇଥିଲା। ପ୍ରଚଣ୍ଡ ରୌଦ୍ରତାପ ତଥା ଗୁଳୁଗୁଳି ଯୋଗୁଁ ରଥ ଯାତ୍ରାରେ ସମାଗମ ହୋଇଥିବା ଶ୍ରଦ୍ଧାଳୁ ତଥା ଭକ୍ତ ମାନଙ୍କୁ ପାଇଁ ଭାପୁର ଡ୍ରାଇଭର ମହାସଂଘ ପକ୍ଷରୁ ଟଙ୍କ ତୋରାଣି ବ୍ୟବସ୍ଥା ସହ ରଥଯାତ୍ରା କମିଟି ପକ୍ଷରୁ ଥଣ୍ଡା ପାନୀୟ ମଧ୍ୟ ପରିବେଷଣ କରାଯାଇଥିଲା। ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ମହାପ୍ରଭୁ ଚତୁର୍ଦ୍ଧା ମୂର୍ତ୍ତିଙ୍କର ପବିତ୍ର ଘୋଷ ଯାତ୍ରା ଉପଲକ୍ଷେ ଭାପୁର ବ୍ଲକ ପଦ୍ମାବତୀ ଗ୍ରାମସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ତଥା ଗ୍ରାମବାସୀଙ୍କ ପକ୍ଷରୁ ଠାକୁରଙ୍କ ରୀତିନୀତି ଅନୁଯାୟୀ ରଥ ପ୍ରତିଷ୍ଠା, ପହଣ୍ଡି ବିଜେ, ଛେରା ପହଁରା, ରଥ ଟଣା କାର୍ଯ୍ୟ ଶାନ୍ତି ଶୃଙ୍ଖଳା ସହ ସମାପନ ହୋଇଥିଲା। ଏହି ଅବସରରେ ଭାପୁର ବ୍ଲକର ଗୋଳାପୋଖରୀ, ସୁନାଖଳା, ମିଟୁଆଣି ଆଦି ବିଭିନ୍ନ ଗ୍ରାମରେ ଶାନ୍ତି ଶୃଙ୍ଖଳା ଶହ ରଥ ଯାତ୍ରା ଅନୁଷ୍ଠିତ ହୋଇଯାଇଛି।

## ଦେବଭୂମିରେ ରଥଯାତ୍ରା ଅନୁଷ୍ଠିତ

ଅନୁଗୋଳ, (ପିପିଏସ) : ଅନୁଗୁଳ ଜିନ୍ଦଲ ନଗର ଦେବଭୂମି ପରିସରରେ ରଥ ଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ହଜାର ହଜାର ସଂଖ୍ୟାରେ ଜିନ୍ଦଲ ନଗର ଶ୍ରଦ୍ଧାଳୁ ଏବଂ ପାର୍ଶ୍ୱବର୍ତୀ ଗ୍ରାମବାସୀ ମାନେ ଜିନ୍ଦଲ ନଗର ପରିସରସ୍ଥ ଦେବଭୂମି ଜଗନ୍ନାଥ ମନ୍ଦିର ଠାରେ ଅନୁଷ୍ଠିତ ହୋଇଥିବା ରଥ ଯାତ୍ରାରେ ସାମିଲ ହୋଇଥିଲେ । ଏହି ଅବସରରେ ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ , ଦେବୀ ସୁଭଦ୍ରାଙ୍କ ଦର୍ପୋବଳକ ଏବଂ ବିଶ୍ୱ ନିୟନ୍ତା ପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ପ୍ରଭୁଙ୍କ ବାର୍ଷିକ ଯାତ୍ରା ନିମନ୍ତେ ଜିନ୍ଦଲ ନଗର ମଧ୍ୟରେ ଅବସ୍ଥିତ ଥିବା ମାଉସୀ ମା ମନ୍ଦିର ଅଭିମୁଖେ ବାହାରି ଥିଲେ । ମନ୍ଦିରର ଆଦ୍ୟ ସେବକ ଏବଂ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ଅଧ୍ୟକ୍ଷ ଶ୍ରୀ ନବୀନ ଜିନ୍ଦଲଙ୍କ ସମ୍ପୂର୍ଣ୍ଣ ପରିବାର ଏହି ରଥ ଯାତ୍ରାରେ ଯୋଗଦେବା ସହ ପହଣ୍ଡି ସେବା ଏବଂ ଛେରାପହଁରା ନୀତି ସଂପନ୍ନ କରିଥିଲେ । ଏହି ପବିତ୍ର ଦିବସରେ ଯୋଗଦାନ କରି ଶ୍ରୀ ନବୀନ ଜିନ୍ଦଲ ସମସ୍ତଙ୍କୁ ତାଙ୍କ ଶୁଭେଚ୍ଛା ଜଣାଇବା ସହ ପ୍ରକାଶ କରିଥିଲେ ଯେ , ଛେରା ପହଁରା ନୀତି ସଂପନ୍ନ କରି ମୁଁ ଅତ୍ୟନ୍ତ ବିନମ୍ର ଏବଂ ଭାଗ୍ୟଶାଳୀ ମନେ କରୁଅଛି । ମୁଁ ସର୍ବ ନିୟନ୍ତାଙ୍କ ନିକଟରେ ପ୍ରାର୍ଥନା କରୁଅଛି , ଆମ ସମସ୍ତଙ୍କୁ ସମାଜ ବା କରିବା ନିମନ୍ତେ ଆଶୀର୍ବାଦ ପ୍ରଦାନ କରନ୍ତୁ ଏବଂ ସମସ୍ତଙ୍କୁ ମୋର ରଥ ଯାତ୍ରାର ହାର୍ଦ୍ଦିକ ଅଭିନନ୍ଦନ । ପୁରୀ ମନ୍ଦିରର ବୈଦିକ ନୀତି ଅନୁସାରେ ପାଳନ କରାଯାଇଥିବା ଏହି ପବିତ୍ର କାର୍ଯ୍ୟକ୍ରମଟି ପ୍ରାତଃ ୪.୩୦ ଘଟିକାରୁ ପୁରୋହିତଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ପୂଜା ନୀତି ଯଥା , ମଣିମା ଡାକ , ଦ୍ୱାର ଫିଟା , ମଙ୍ଗଳ ଆରତୀ , ମଇଲମ , ତଡପଲାଗି , ଅବକାଶ ନୀତି , ଇତ୍ୟାଦି ସହିତ ଆରମ୍ଭ କରାଯାଇଥିଲା । ଜେଏସପିଏଲ ଫାଉଣ୍ଡେସନ ଅଧ୍ୟକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲ ପ୍ରାତଃ କାଳରେ ସକାଳର ନୀତି – କାନ୍ତି ନିର୍ବାହ କରିବା ସହ ସ୍ୱତନ୍ତ୍ର ପୂଜା ଯଥା , ରଥ ପ୍ରତିଷ୍ଠା ଏବଂ ଅନ୍ୟାନ୍ୟ ନୀତି ସଂପୂର୍ଣ୍ଣ ଶ୍ରଦ୍ଧା ଏବଂ ଭକ୍ତର ସହ ମନ୍ଦିରର ମୁଖ୍ୟ ପୁରୋହିତଙ୍କ ପରାମର୍ଶ ଅନୁସାରେ ସଂପନ୍ନ କରିଥିଲେ । ଦେବୀ ଶୁଭଦ୍ରାଙ୍କ ଦର୍ପୋଦଳନ ରଥକୁ ବାଳିକା ଏବଂ ମହିଳାମାନେ ସଂପୂର୍ଣ୍ଣ ଉତ୍ସାହ ସହ ଟାଣି ଥିଲେ । ଅନୁଗୁଳ ଜିଲ୍ଲା ଏକ ଶିଳ୍ପ ବହୁଳ ଜିଲ୍ଲା ହୋଇଥିବା ବେଳେ ଏ

# ବାଙ୍କୀର ବିଭିନ୍ନ ସ୍ଥାନରେ ରଥଯାତ୍ରା

ବାଙ୍କୀ, (ପିପିଏସ୍): ପବିତ୍ର ଶ୍ରୀଗୁଣ୍ଡିଚା ତିଥିରେ ବାଙ୍କୀର ବିଭିନ୍ନ ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ମଙ୍ଗଳବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଆଜି ଚର୍ଚ୍ଚିକାପୀଠସ୍ଥ ଶ୍ରୀଜଗନ୍ନାଥଙ୍କ ସମସ୍ତ ନୀତୀକାନ୍ତି ନିର୍ଦ୍ଦିଷ୍ଟ ସମୟରେ କରାଯାଇ ଖେଚୁଡ଼ି ଭୋଗ ଅର୍ପଣ କରାଯାଇଥିଲା । ଅପରାହ୍ନ ୩ଟାରୁ ତିନି ଠାକୁରଙ୍କୁ ପହଣ୍ଡି ବିଜେ କରାଯାଇ ରଥକୁ ନିଆଯାଇଥିଲା । ମନ୍ଦିର ସେବାୟତ ଟ୍ରଷ୍ଟି ପ୍ରବୋଧ କୁମାର ପାତ୍ର ଛେରା ପହଁରା କରିବା ପରେ ରଥଟଣା ଆରମ୍ଭ ହୋଇଥିଲା । ପ୍ରବଳ ଖରା ସତ୍ତ୍ୱେ ଶହ ଶହ ଶ୍ରଦ୍ଧାଳୁଭକ୍ତ ରଥକୁ ଟାଣି ନେଇ ସହର ପରିକ୍ରମା କରିବା ସହିତ କଚେରୀ ନିକଟରେ ସ୍ଥାପିତ ମାଉସୀମା' ମନ୍ଦିର ନିକଟରେ ରଖାଯାଇଥିଲା । ରଥ କମିଟି ସଭାପତି ପ୍ରତାପ ଚନ୍ଦ୍ର ମହାପାତ୍ର, ସମ୍ପାଦକ ଯୁଗଳ କିଶୋର ଭୂତ , ସନ୍ତୋଷ କୁମାର ରଣା , ବୃନ୍ଦାବନ ପ୍ରଧାନ, ଋଷି କୁମାର ରଣା ଏବଂ ରଥକମିଟିର ସଭ୍ୟମାନେ ଉପସ୍ଥିତ ରହି ରଥଟଣା କାର୍ଯ୍ୟରେ ସହଯୋଗ କରିଥିଲେ । ଆଇନ୍‌ଶୃଙ୍ଖଳା ରକ୍ଷା ନିମନ୍ତେ ବାଙ୍କୀ ପୋଲିସ୍ ପକ୍ଷରୁ ସତର୍କତା ଅବଲମ୍ବନ କରାଯିବା ସହିତ ବାଙ୍କୀ ଦମକଳବାହିନୀ ମଧ୍ୟ ଉପସ୍ଥିତି ଥିଲେ । ସେହିପରି ଡମପଡ଼ା, ସୁବର୍ଣ୍ଣପୁର, ତୁଳସୀପୁର, ରଗଡ଼ି ଓ ବାଙ୍କୀର ବିଭିନ୍ନ ସ୍ଥାନରେ ରଥଟଣା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା

# ଘୋଷଯାତ୍ରା ଶାନ୍ତିଶୃଙ୍ଖଳାରେ ଶେଷ

ଫୁଲନଖରା (ପିପିଏସ୍) : କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗଶାସନସ୍ଥିତ ଜଗନ୍ନାଥ ଚେତନା ପରିଷଦ ତରଫରୁ ଆୟୋଜିତ ଘୋଷଯାତ୍ରା ଶାନ୍ତିଶୃଙ୍ଖଳା ସହିତ ସମାପନ ହୋଇଛି । ମୁଖ୍ୟ ପୂଜକ ଲମ୍ବୋଦର ଦାଶଙ୍କ ତତ୍ତ୍ୱାବଧାନରେ ଚତୁର୍ଦ୍ଧା ମୂରତୀଙ୍କ ପହଣ୍ଡି ବିଜେ ପରେ ଜଗନ୍ନାଥ ପଣ୍ଡା ରଥ ଉପରେ ଛେରା ପହଁରା କରିଥିଲେ । ପରେ ରଥ ଟଣାଯାଇ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ଆସିଥିଲା । ଜୋନ୍-୪ ଏସିପି ଚନ୍ଦନ ଘଡେଇ ଓ କଟକ ସଦର ଥାନା ଆଇଆଇସି ରଶ୍ମି ରଂଜନ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ଲାଟୁନ୍ ପୋଲିସ୍ ଫୋର୍ସ ଶାନ୍ତିଶୃଙ୍ଖଳା ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ମୂତୟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଗିରିଧାରୀ ସାହୁ, କାର୍ତ୍ତିକ ଚନ୍ଦ୍ର ସାହୁ, ପ୍ରକାଶ ନାୟକ, ସତ୍ୟ ନାରାୟଣ ମହାନ୍ତି, ପଣ୍ଡିତ ଅଜୟ କୁମାର ପତି, ବିଜୟ ମିଶ୍ର, ସୁନତ ଚରଣ ଭୋଇ, ସରପଞ୍ଚ ରୋହିଣୀ ଭୋଇ, ସମିତିସଭ୍ୟ ସତ୍ୟବ୍ରତ ଜେନା, ଚିତ୍ତରଂଜନ ପତି, ଦିଲ୍ଲିପ ଜେନା, ଅଶ୍ୱିନୀ ମହାପାତ୍ର, କବି ନାରାୟଣ ଜେନା, ସୁମିତ୍ରା ଦାସ, ବିଜୟ କୁମାର ମଲ୍ଲିକ, କବିନ ସେଠୀ, ଅଶୋକ ଜେନା, ସନ୍ତୋଷ ସାହୁ, କୈଳାସ ସାହୁ, ଅରୁଣ କୁମାର ସାହୁ, ବିଜୟ କୁମାର ସାହୁ, ବିଶ୍ୱନାଥ ସାହୁ, ଶ୍ରୀଚରଣ ପତି, ସୁଦର୍ଶନ ସାହୁ, ମୁରଲୀଧର ବେହେରା, ଦିଲ୍ଲିପ କୁମାର ବେହେରା, ବିଶ୍ୱଜିତ୍ ବେହେରା, ଶରତ ଆଚାର୍ଯ୍ୟ, ବସନ୍ତ କୁମାର ବିଶ୍ୱାଳ, ଅଭୟ ଦାସ, ସୁଧାଂଶୁ ଶେଖର ମହାନ୍ତି, ମନୋରଂଜନ ଦାଶ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସେହିପରି ନୂଆଗଡସ୍ଥିତ ଜଗନ୍ନାଥ ସାଇମନ୍ଦିରରେ ରଥଯାତ୍ରା ଶାନ୍ତିଶୃଙ୍ଖଳାରେ ଅନୁଷ୍ଠିତ ହୋଇଯାଇଛି । ନିତୀକାନ୍ତି ଶେଷ ହେବା ପରେ ଜଗନ୍ନାଥଙ୍କୁ ପହଣ୍ଡି ବିଜେ କରି ରଥ ଉପରକୁ ନିଆଯାଇଥିଲା । ରଥ ଉପରେ ରାଜା ବ୍ରଜବଂଧୁ ଶତପଥି ଛେରା ପହଁରା କରିସାରିବା ପରେ ରଥ ମନ୍ଦିର ପରିସରରୁ ବାହାରି ତେଲେଙ୍ଗାପେଣ୍ଠସ୍ଥିତ ଦୁର୍ଗାମନ୍ଦିର ତଥା ଗୁଣ୍ଡିଚା ମନ୍ଦିରକୁ ନିଆଯାଇଥିଲା । ଜଗନ୍ନାଥ ସାଇ ମନ୍ଦିରର ସଭାପତି ଅନାମ ଚରଣ ନାୟକ, ସଂପାଦକ ଅନିରୁଦ୍ଧ ନାୟକ, କୋଷାଧ୍ୟକ୍ଷ ଅଭୟ କୁମାର ଜେନା, ଅନିଲ ସାହୁ, ଭରତ ଭୂୟାଁ ଓ ଲକ୍ଷ୍ମୀଧର ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# କଏରାପାରୀରେ ଶ୍ରୀଜିଉଙ୍କ ରଥଯାତ୍ରା



କଟକ, (ପିପିଏସ୍): କୋଟସାହି ପଞ୍ଚାୟତ କଏରାପାରୀ ଠାରେ ପରମ୍ପରା ଅନୁଯାୟୀ ଶ୍ରୀ ଜଗନ୍ନାଥଙ୍କ ରଥ ଯାତ୍ରା ବିପୁଳ ଉତ୍ସାହ ଉଦ୍ଦୀପନାର ସହ ପାଳିତ ହୋଇଛି । ପ୍ରତ୍ୟୁଷରୁ ଠାକୁରଙ୍କ ସମସ୍ତ ନୀତିକାନ୍ତି ସମ୍ପନ୍ନ ପରେ ଅପରାହ୍ନରେ ଚତୁର୍ଦ୍ଧା ବିଗ୍ରହ ପହଣ୍ଡିରେ ଆସି ସୁସଜ୍ଜିତ ରଥରେ ବିଜେ କରିଥିଲେ । ରଥଉପରେ ଠାକୁରଙ୍କୁ ଭୋଗ, କର୍ପୁର ଆଳତୀ ଓ ପୁଷ୍ପାଞ୍ଜଳି ଅର୍ପଣ କରାଯିବାପରେ ରଥ ଟଣା ପର୍ବ ଅନୁଷ୍ଠିତ ହୋଇଥିଲା । ଘଣ୍ଟ ଓ ସଂକୀର୍ତ୍ତନ ସହ ଆବାଳବୃଦ୍ଧବନିତା 'ଜୟ ଜଗନ୍ନାଥ' ଧ୍ୱନି ଦେଇ ରଥ କୁ ଟାଣି ନଂ୧୬ ଜାତୀୟ ରାଜପଥରେ କନ୍ଦରକଣାଗଡା ପର୍ଯ୍ୟନ୍ତ ନେଇ ସେଠାରୁ ଟାଙ୍ଗୀ-ଭଟିମୁଣ୍ଡା ରାସ୍ତାରେ ପଦ୍ମିନୀ କେୟାର ହସ୍‌ପିଟାଲ୍ ପରିସରସ୍ଥିତ ସଂକଟମୋଚନ ହନୁମାନଜିଉଙ୍କ ମନ୍ଦିର ନିକଟକୁ ଆଣିଥିଲେ । ପଥପ୍ରାନ୍ତରେ ଶ୍ରଦ୍ଧାଳୁ ନରନାରୀ, ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ କର୍ମଚାରୀ ରଥାରୂଢ ଠାକୁରଙ୍କୁ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ । ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ପ୍ରଶାସକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଗୀତାଞ୍ଜଳି ରଥ, ନିୟମିତା ରଥ, ଲୋରାମିତ୍ରା ରଥ, ଙ୍ଗ ଦୁର୍ଗାପ୍ରସାଦ ରଥ, ପ୍ରଭାତ କୁମାର ଦାଶ, ଜଗମୋହନ ରଥ, ଆଶୁତୋଷ ଦ୍ୱିବେଦୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଝିନି, ରୂପା, ରେଖା, ଶିଖା, ଲଲୁ, ଲଣ୍ଟା, ଶିବୁନ୍, ଚନ୍ଦନ, ସିତୁଲ, କୁନୁ, ସାନ୍‌ଭି ଓ ସାନ୍ ପ୍ରଭୃତି କୁନି ଶ୍ରଦ୍ଧାଳୁ ରଥ ଟଣାରେ ସାମିଲ ଥିଲେ । ସ୍ଥାନୀୟ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ ।

# ଚୌଦ୍ୱାରରେ ଘୋଷଯାତ୍ରା

ଚୌଦ୍ୱାର,(ପିପିଏସ୍): ଚୌଦ୍ୱାର ସହର ଓ ଏହାର ଆଖପାଖ ଗ୍ରାମାଞ୍ଚଳରେ ବିଭିନ୍ନ ସ୍ଥାନରେ ପବିତ୍ର ଘୋଷଯାତ୍ରା ସମାରୋହରେ ଅନୁଷ୍ଠିତ ହୋଇଛି । ଚାରବାଟିଆ ହାଉସିଂବୋର୍ଡ଼ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରଭାତରୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା ସୁଭଦ୍ରାଙ୍କର ସମସ୍ତ ନୀତିକାନ୍ତି ଓ ଉପଚାର ପୂଜା ସମ୍ପନ୍ନ କରାଯିବା ପରେ ଅପରାହ୍ଣରେ ଜୀଉ ମାନଙ୍କୁ ପହଣ୍ଡି କରି ମନ୍ଦିରରୁ ନିଆଯାଇ ରଥାରୂଢ଼ କରାଯାଇଥିଲା । ଠାକୁର ରାଜାଭାବେ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ ରଥରେ ଛେରା ପହଁରା କରିବା ପରେ ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଘଣ୍ଟଘଣ୍ଟା,ତୁରୀ,ମହୁରୀ ବାଦ୍ୟ ଓ ଶଙ୍ଖଧ୍ୱନି , ହରିବୋଲ ହୁଳହୁଳି ସହିତ ଉତ୍ସାହ ଉଦ୍ଦିପନା ମଧ୍ୟରେ ରଥ ଟାଣି ଶ୍ରୀ ଗୁଣ୍ଡିଚା ମନ୍ଦିରକୁ ନେଇଯାଇଥିଲେ । ଚଳିତ ବର୍ଷ ପାଗ ଅନୁକୂଳ ଥିବାରୁ ରଥ ଟଣାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଅଂଶ ଗ୍ରହଣ କରିବା ସହିତ ଏହି ପବିତ୍ର ଯାତ୍ରା ଉପଭୋଗ କରୁଥିବା ଦେଖିବାକୁ ମିଳିଛି ।ରଥାରୂଢ଼ ତିନି ଠାକୁରଙ୍କୁ ଦର୍ଶନ କରି ଭକ୍ତ ମାନେ ଭାବବିହ୍ୱଳ ହୋଇପଡିଥିବା ଦେଖିବାକୁ ମିଳିଥିଲା । ମନ୍ଦିର ମ୍ୟାନେଜିଂଟ୍ରଷ୍ଟି ଶୁଭେନ୍ଦୁ ସାମଲଙ୍କ ତତ୍ତ୍ୱାବଧାନରେରେ ଟ୍ରଷ୍ଟ ବୋର୍ଡ଼ର ସଦସ୍ୟମାନେ ରଥଟଣା ଓ ପୂଜାବିଧି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଚୌଦ୍ୱାର ମଙ୍ଗଳା ସାହି ଜଗନ୍ନାଥ ମନ୍ଦିରରେ ଅନୁରୂପଭାବେ ବିଭିନ୍ନ ଉପଚାର ପୂଜା ପରେ ଦିଅଁ ମାନଙ୍କୁ ପହଣ୍ଡି କରାଯାଇ ରଥାରୁଢ କରାଯାଇଥିଲା । ଡା. ପ୍ରଣୟାନନ୍ଦ ସାଇଁ ରଥରେ ଛେରାପହଁରା କରିବା ପରେ ତିନି ଦିଅଁଙ୍କୁ ତଳବଜାର ସ୍ଥିତ ମାଉସୀ ମା ମନ୍ଦିରକୁ ନିଆଯାଇଥିଲା ।ନବଗ୍ରହ ସାହିରେ ନିଳାଚଳ ଜଗନ୍ନାଥ ପରିବାର ତରଫରୁ ଆୟୋଜିତ ରଥଯାତ୍ରାରେ ଅଜିତ୍ କୁମାର ସାଇଁ ଛେରା ପହଁରା କରିଥିଲେ । କପାଳେଶ୍ୱର, ଓଟିଏମ୍ କଲେନୀ,ବିଲ୍ଟ ବଜାରର ଜଗନ୍ନାଥ ମନ୍ଦିର ମାନଙ୍କରେ ଘୋଷଯାତ୍ରା ଉତ୍ସବ ସମାରୋହରେ ଅନୁଷ୍ଠିତ ହୋଇଛି । ସେହିପରି ଚୌଦ୍ୱାର ,ଗୋଡ଼ି ପାଟଣା, ବେଉରା ସାହି ଆଦି ସ୍ଥାନରେ ରଥଟଣା କାର୍ଯ୍ୟ ଅନୁଷ୍ଠିତ ହୋଇଛି । ମାଉସୀ ମା ମନ୍ଦିର ଗୁଡିକରେ ସଂଧ୍ୟାରେ ଭଜନ ସମାରୋହ ଆୟୋଜନ ହୋଇଥିବା ଦେଖିବାକୁ ମିଳିଥିଲା । ଚୌଦ୍ୱାର ପୋଲିସ, ପୌରପାଳିକା, ଜନସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ ବିଭାଗ ତରଫରୁ ଉତ୍ସବର ସୁପରିଚାଳନା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।

# ଚୋରି ଟ୍ରକ ଜବତ,ଜଣେ ଗିରଫ

ଚୌଦ୍ୱାର,(ପିପିଏସ୍) : ୫୫ ନମ୍ବର ଜାତୀୟ ରାଜପଥର ଚୌଦ୍ୱାର ଥାନା ଅନ୍ତର୍ଗତ ନୁନଟିକିରି ଛକରୁ ଚୋରି ଯାଇଥିବା ଏକ ଟ୍ରକକୁ ପୋଲିସ ଜବତ କରିବା ସହିତ ଟ୍ରକ୍‌ଚୋରି ଅଭିଯୋଗରେ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି । ଅଭିଯୁକ୍ତ ଜଣକ ହେଲେ କଟକ ଜିଲ୍ଲା ନରସିଂହପୁର ଥାନା କାକୁଡିଆ ଗ୍ରାମର ମୀନକେତନ ସାହୁ । ପୋଲିସ ସୁଚନା ଅନୁଯାୟୀ ଜଗତସିଂହପୁର ଅଞ୍ଚଳର ଗାଡି ମାଲିକ ପଙ୍କଜ ମଣ୍ଡଳ ଗତ ୧୦ ତାରିଖରେ ଥାନାରେ ଅଭିଯୋଗ କରିଥିଲେଯେ ଚୌଦ୍ୱାର ନୁନଟିକିରି ଅଞ୍ଚଳର ଡ୍ରାଇଭର ବିଶ୍ୱଜିତ ରାଉତ ତାଙ୍କର ଏକ ଟାଟା ୧୦ଚକିଆ ଟ୍ରକ ଚଳାଉଥିବା ବେଳେ ୬ ତାରିଖ ରାତିରେ ସେ ଟ୍ରକକୁ ନୁନଟିକିରି ଛକରେ ରଖି ଘରକୁ ଯାଇଥିଲେ ।ସେହି ରାତିରେ କେହି ତାଙ୍କ ଟ୍ରକକୁ ଚୋରି କରି ନେଇଯାଇଛନ୍ତି । ଅଭିଯୋଗ ପାଇ ପୋଲିସ ଘଟଣାର ତଦନ୍ତ ଜାରୀ ରଖିଥିଲା । ଏସ୍ ଆଇ ନିରଞ୍ଜନ ଭୋଇ ବିଭିନ୍ନ ଆଧାରରେ ସୂଚନା ନେଇ ସୋମବାର ଦିନ ନୂଆ ପାଟଣା ଡାକ ବଙ୍ଗଳା ନିକଟ ପାହାଡ଼ ପାଖରୁ ଟ୍ରକକୁ ଜବତ କରିବା ସହିତ ଅଭିଯୁକ୍ତକୁ ଗିରଫ କରିଥିଲେ । ଏହି ଘଟଣାରେ ଭିକି ନାମକ ଅନ୍ୟଜଣେ ଅଭିଯୁକ୍ତ ସଂପୃକ୍ତ ଥିବା ଓ ସେ ଫେରାର ଥିବା ପୋଲିସ ସୁଚନା ଦେଇଛି । ଅଭିଯୁକ୍ତ ମୀନକେତନ ନାମରେ ଟାଙ୍ଗୀ,ଜଗତପୁର ଓ ଗୁରୁଡିଝାଟିଆ ଥାନାରେ ବିଭିନ୍ନ ଅପରାଧିକ ମାମଲା ରହିଥିବା ପୋଲିସ କହିଛି ।

# ୫ ଶିଶୁ ଶ୍ରମିକ ଉଦ୍ଧାର

ଭଦ୍ରକ, (ପିପିଏସ୍): ଭଦ୍ରକ ଜିଲା ଟାସ୍କ ଫୋର୍ସ ପକ୍ଷରୁ ବିଭିନ୍ନ ଗ୍ୟାରେଜ୍ ଗୁଡିକ ଉପରେ ଚଢାଉ କରାଯାଇ ୫ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । ପରେ ସେମାନଙ୍କୁ ଜିଲା ଶିଶୁମଙ୍ଗଳ କମିଟି ନିକଟରେ ହାଜର କରାଯିବା ପରେ କମିଟିର ନିର୍ଦ୍ଦେଶ କ୍ରମେ ସେମାନଙ୍କୁ ଆସିୟାନା ମୁକ୍ତାଶ୍ରୟ କେନ୍ଦ୍ରରେ ଆଶ୍ରୟ ଦିଆଯାଇଛି । ଏଠାରେ ସୂଚନାଯୋଗ୍ୟ ଭଦ୍ରକ ଜିଲାର ବିଭିନ୍ନ ଗ୍ୟାରେଜ୍ ଗୁଡିକରେ ଶିଶୁ ଶ୍ରମିକମାନେ କାର୍ଯ୍ୟ କରିଆସୁଛନ୍ତି । ଏ ସଂପର୍କରେ ଖବର ପାଇ ଆଜି ଜିଲା ଟାସ୍କ ଫୋର୍ସରେ ଥିବା ଲେବର ଇନ୍ସପେକ୍ଟର ରତ୍ନାକର ମାଲିକ, ଜିଲା ଶିଶୁ ସୁରକ୍ଷା ୟୁନିଟର ସୁବ୍ରତ ଦାସ, ଆସିୟାନାର ସଂଯୋଜକ ରିୟାଜ ଅହେମ୍ମଦ ଓ କର୍ମକର୍ତ୍ତା ବିକାଶ ରାଉତ, ଜନ୍ମଜ୍ୟୋତି ବେହେରା, ଚାଇଲ୍ଡ ଲାଇନ୍ ଭଦ୍ରକର ଟିମ୍ ମେମ୍ବର ପ୍ରଶାନ୍ତ ମହାପାତ୍ର, ପ୍ରଦୀପ ପଣ୍ଡା, ଅର୍ଚ୍ଚନା ନାୟକ ପ୍ରମୁଖ ସାମିଲ ଥିଲେ । ଏଥିରେ ସହରାଞ୍ଚଳ ଥାନା ପୁଲିସ୍ ସହଯୋଗ କରିଥିଲେ ।

# ଭଦ୍ରକ ଜିଲ୍ଲାର ୧୧୧ଟି ସ୍ଥାନରେ ଜଗନ୍ନାଥଙ୍କ ଘୋଷଯାତ୍ରା ମହାସମାରୋହରେ ପାଳିତ

ଭଦ୍ରକ, (ପିପିଏସ୍): ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ପବିତ୍ର ରଥଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି । ସରକାରୀ ସ୍ତରରୁ ମିଳିଥିବା ତଥ୍ୟ ଅନୁସାରେ ଜିଲା ବ୍ୟାପି ସମୁଦାୟ ୧୧୧ଟି ରଥଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ ଭଦ୍ରକ ଟାଉନ ଥାନା, ପୁରୁଣାବଜାର ଅଞ୍ଚଳ, ଗ୍ରମାଞ୍ଚଳ ଥାନା ଅଧିନ ୧୯ଟି, ବାସୁଦେବପୁର, ନାୟକାଣିଡ଼ିହ, ଆଗରପଡ଼ା, ବନ୍ତ , ଧାମନଗର, ଧୁଷୁରୀ, ଭଣ୍ଡାରିପୋଖରୀ, ଚାନ୍ଦବାଲି, ବାଂଶଡ଼ା ଓ ତିହିଡ଼ି ଥାନା ଅଧିନ, ଧାମରା, ଧାମରା ମେରାଇନ , କଣିଆ ମେରାଇନ୍ ଥାନା ସ୍ଥାନରେ ଏହା ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଛି । ଏଥିପାଇଁ ୭ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଥିବା ବିଷୟ ଜିଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି ଏ ପ୍ରତିନିଧିଙ୍କୁ କହିଛନ୍ତି । ବିଶେଷକରି ଚଳିତବର୍ଷ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧିନସ୍ଥ ରମ୍ଭିଳା ଓ କେଶପୁର ହରିବୋଲ୍ କ୍ଷେତ୍ରଠାରେ ଅବସ୍ଥିତ ୧୫୪ବର୍ଷର ପୁରାତନ ମନ୍ଦିରରେ ଶ୍ରୀ ଜଗନ୍ନାଥ ମନ୍ଦିର ସେବାସଂଘ ତଥା ରଥ ନିର୍ମାଣ କ୍ରିୟାନୁଷ୍ଠାନ କମିଟିର ସଦସ୍ୟଙ୍କ ମିଳିତ ଉଦ୍ୟମରେ ୩ଟି ରଥ ନିର୍ମାଣ ହୋଇ ଏହି ଘୋଷଯାତ୍ରା ସମ୍ପନ୍ନ ହୋଇଛି । ପ୍ରଥମେ ପାରମ୍ପରିକ ରୀତିରେ ପ୍ରଭୂଙ୍କ ଆଜ୍ଞାମାଳ ରଥରେ ଅର୍ପଣ, ମହା ସୁଦର୍ଶନଙ୍କ ପହଣ୍ଡି ବିଜେ ପରେ ତିନି ଠାକୁରଙ୍କ ପହଣ୍ଡି ବିଜେ ହୋଇଥିଲା । ଏହାପରେ ରଥ ପରିଚାଳନା କମିଟିର ସଭାପତି ନଗେନ୍ଦ୍ର ପ୍ରସାଦ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ରଥଯାତ୍ରା ଶୃଙ୍ଖଳାର ସହ ଆରମ୍ଭ ହୋଇଥିଲା । ଭଦ୍ରକର ଜିଲାପାଳ ସିଦ୍ଦେଶ୍ୱର ବଳିରାମ ବୋନ୍ଦରଏକ ଭାବ ଗମ୍ଭୀର ଓ ଆଧ୍ୟାତ୍ମିକ ପରିବେଶରେ ଛେରାପହଁରା କରିବାପରେ ରଥଟଣା କାର୍ଯ୍ୟ ହଜାରହଜାର ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଆରମ୍ଭ ହୋଇଥିଲା । ଅନୁରୂପ ସହରର ଚାନ୍ଦବାଲି ବାଇପାସ୍ ସ୍ଥିତ ଜଗନ୍ନାଥ ମନ୍ଦିର, କୁଆଁସ ବଡ଼ଦାଣ୍ଡସ୍ଥିତ ଜଗନ୍ନାଥ ମନ୍ଦିର, କଦମବେଡ଼ା, କଦମବେଡା ହରିହାଟ, ଜଗନ୍ନାଥପୁର, ସଚ୍ଚିଆ ନିଳକଣ୍ଠପୁର ଗୌଡ଼ିୟ ମଠ, ସଦାବର୍ତ୍ତ ମଠ, ଦେବଭୂମି ଗବସାହି, ବାଗୁରାଇ ଭଳି ସ୍ଥାନରେ ଏହି ପର୍ବ ବେଶ୍ ବର୍ଣ୍ଣାଢ୍ୟଭାବେ ଅନୁଷ୍ଠିତ ହୋଇଥିବାବେଳେ ଉତ୍ତରବାହିନୀରେ ସଦାବର୍ତ୍ତ ମଠର ଟ୍ରଷ୍ଟି ତଥା ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତିଙ୍କ ଦ୍ୱାରା ଛେରା ପହଁରା ଏବଂ ଭଦ୍ରକାଳୀ ମନ୍ଦିର ପରିସରରେ ଥିବା ୩ ବିଗ୍ରହଙ୍କ ପହଣ୍ଡି ବିଜେ ଓ ରଥଯାତ୍ରା ବେଶ୍ ଚିତ୍ତାକର୍ଷକ ହୋଇଥିଲା । ଅନୁରୂପ କୁଁଆସ ଠାରେ ରଥଟଣା ହୋଇନଥିଲେ ମଧ୍ୟ ଜଗନ୍ନାଥ ବଳଭଦ୍ର ଓ ସୁଭଦ୍ରାଙ୍କ ରୀତିନିତୀ ପାରମ୍ପରିକ ଭାବେ ସମ୍ପନ୍ନ ହୋଇଛି । ସେହିପରି ତିହିଡି ବ୍ଲକ୍ ଅଧୀନସ୍ଥ ନୟାନନ୍ଦ ଠାରେ ଭଦ୍ରକର ଡେପୁଟି କଲେକ୍ଟର କାର୍ତ୍ତିକ ମଣ୍ଡଳ ରଥରେ ଛେରା ପହଁରା କରିଥିଲେ । ଚାନ୍ଦବାଲି ବାଇପାସ୍ ସ୍ଥିତ ଜଗନ୍ନାଥ ମନ୍ଦିରରୁ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସୁରେନ୍ଦ୍ର ପାଣୀ, ପିତବାସ ନାୟକ ରଥାରୁଢ଼ କରିବାପରେ ସାଳନ୍ଦୀ ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ଦୁର୍ଗାପ୍ରସନ୍ନ ତ୍ରିପାଠୀ ରାଜା ବେଶରେ ଛେରାପହଁରା କରିଥିଲେ । ଏହି ଉତ୍ସବକୁ ସାଳନ୍ଦୀ ଜଳସେଚନ ବିଭାଗର ଅଧିକାରୀ ଓ କର୍ମଚାରୀ ପରିଚାଳନା କରିଥିଲେ । ଜିଲାରେ ଏହି ଘୋଷଯାତ୍ରା ପାଇଁ ଜିଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ଗୁଣ୍ଟୁପାଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

# ତଳଗୋପବିନ୍ଧା ପଞ୍ଚାୟତବାସୀଙ୍କ ମୌଳିକ ସୁବିଧା ପ୍ରସଙ୍ଗ
# ଜାତୀୟ ମାନବାଧିକାର ଆୟୋଗଙ୍କ କଡ଼ା ତାଗିଦ୍

ଭଦ୍ରକ, (ପିପିଏସ୍): ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏକ ନୂତନ ପଞ୍ଚାୟତର ମାନ୍ୟତା ପାଇଥିଲେ ମଧ୍ୟ ତଳଗୋପବିନ୍ଧା ଗ୍ରାମ ପଞ୍ଚାୟତବାସୀଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାରେ ସରକାର ଏ ପର୍ଯ୍ୟନ୍ତ ସକ୍ଷମ ହୋଇ ପାରିନାହାନ୍ତି । ଏ ସମ୍ପର୍କରେ ଜାତୀୟ ମାନବାଧିକାର ଆୟୋଗଙ୍କ ନିକଟରେ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ସବୁ ସମସ୍ୟାର ସ୍ଥାୟୀ ପ୍ରତିକାର କରିବାରେ ପ୍ରଶାସନିକ ଉଦାସୀନତା ଏବଂ ସରକାରଙ୍କ କାଳକ୍ଷେପଣ ନୀତି ଲାଗି ରହିଛି । ଉକ୍ତ ପଞ୍ଚାୟତର ଅଧିବାସୀ ମାନବାଧିକାର କର୍ମୀ ତଥା ସୁପ୍ରିମ୍ କୋର୍ଟର ଆଇନଜୀବୀ ରାଧାକାନ୍ତ ତ୍ରିପାଠୀଙ୍କ ଦ୍ୱାରା ଆଗତ ପଟିସିନକୁ ମାନ୍ୟବର ଆୟୋଗ ବିଚାର କରି ନିର୍ଦ୍ଦେଶନାମା ଜାରି କରି ଚା

# ଟେଷ୍ଟ ଚାମ୍ପିୟନସିପ୍ ଫାଇନାଲରେ ଶୋଚନୀୟ ପରାଜୟ ପରେ ଏବେ ବିଶ୍ରାମ ନେଉଛି ଭାରତୀୟ ଦଳ

ନୂଆଦିଲ୍ଲୀ(ଏଜେନ୍ସୀ):ବିଗତ କିଛି ବର୍ଷ ମଧ୍ୟରେ ଦେଖିବାକୁ ଗଲେ ଏହା ଭାରତୀୟ ଦଳର ସର୍ବାଧିକ ଦିନ ବିଶ୍ରାମ । ଆସନ୍ତା ମାସରେ ଟିମ୍ ଇଣ୍ଡିଆ ୱେଷ୍ଟଇଣ୍ଡିଜ୍‌ଗସ୍ତ କରିବ । ସେଠାରେ ୨ଟି ଟେଷ୍ଟ, ୩ ଦିନିକିଆ ଓ ୫ ଟ୍ୱେଣ୍ଟି ଟ୍ୱେଣ୍ଟି ମ୍ୟାଚ୍ ଖେଳିବ । ତେବେ ପରେ ପରେ ଏସିଆ କପ୍ ଓ ତା'ପରେ ଦିନିକିଆ ବିଶ୍ୱକପ୍ ଖେଳିବ ଟିମ୍ ଇଣ୍ଡିଆ । ତେବେ ଆଶ୍ଚର୍ଯ୍ୟକର କଥା ହେଉଛି ୱେଷ୍ଟଇଣ୍ଡିଜ୍ ଗସ୍ତରେ ଦଳ ଦିନିକିଆ ତୁଳନାରେ ଅଧିକ ଟି-୨୦ ମ୍ୟାଚ୍ ଖେଳିବ । ଭାରତୀୟ ଦଳ ପାଇଁ ଚିନ୍ତାର କାରଣ ପାଲଟିଛି ଆହତ ସମସ୍ୟା । ଦଳର ଏକାଧିକ ପ୍ରମୁଖ ଖେଳାଳି ଆହତ ଜନୀତ ସମସ୍ୟା ଦେଇ ଗତି କରୁଛନ୍ତି । ଲୋକେସ ରାହୁଲ, ଜସପ୍ରୀତ ବୁମରାହ, ଶ୍ରେୟସ ଆୟରଙ୍କ ସମେତ ଋଷଭ ପନ୍ତଙ୍କ ଭଳି ଭେଟେରାନ୍‌ଆହତ ସମସ୍ୟାରୁ ସୁସ୍ଥ ହେଉଛନ୍ତି । ରାହୁଲ, ବୁମରାହ ଓ ଶ୍ରେୟସ ଆଗାମୀ ଏସିଆ କପ୍‌ରେ ନଜର ଆସିପାରନ୍ତି । ଭାରତୀୟ ଦଳ ଦିନିକିଆ ବିଶ୍ୱକପ୍‌ରେ ଶ୍ରେଷ୍ଠ ସ୍କ୍ୱାଡକୁ ନେଇ ମୈଦାନକୁ ଓହ୍ଲାଇବ । କିନ୍ତୁ ଚିନ୍ତାର କାରଣ ପାଲଟିଛି ଆହତ ସମସ୍ୟା । ଅନ୍ୟପଟେ ବୋଲିଂ ବାହିନୀ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିବାରେ ବିଫଳ । ଯାହାକି ଆଇସିସି ଦିନିକିଆ ବୋଲିଂ ରାଙ୍କିଂରୁ ପ୍ରମାଣିତ ହେଉଛି । କେବଳ ମହମ୍ମଦ ସିରାଜଙ୍କ ବ୍ୟତିତ ଅନ୍ୟ ଶୀର୍ଷ ୨୦ ମଧ୍ୟରେ କେହି ଜଣେ ହେଲେ ବୋଲର ନାହାନ୍ତି । କୁଲଦୀପ ଯାଦବ ୨୪ତମ ସ୍ଥାନରେ ଥିବା ବେଳେ ଜସପ୍ରୀତ ବୁମରାହ ୨୭ତମ ଓ ମହମ୍ମଦ ସାମି ୩୦ତମ ସ୍ଥାନରେ ରହିଛନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଦିନିକିଆ ବିଶ୍ୱକପକୁ ଆଉ ମାତ୍ର ୩ ମାସ ସମୟ ରହିଥିବା ବେଳେ ଭାରତୀୟ ଦଳରେ ସିରାଜଙ୍କ ବ୍ୟତିତ ଜଣେ ହେଲେ ପ୍ରଭାବିତ କରିବା ଭଳି ବୋଲର ନାହାନ୍ତି । ରାଙ୍କିଂ ଅନୁଯାୟୀ ଦେଖିବାକୁ ଗଲେ, ଶାର୍ଦ୍ଦୁଲ ଠାକୁର ଦ୍ରୁତ ବୋଲର ଭାବେ ୪୩ତମ ସ୍ଥାନରେ ରହିଛନ୍ତି । ଦିନିକିଆ ବିଶ୍ୱକପରେ ତାଙ୍କୁ ଦଳରେ ସାମିଲ କରାଯିବା ଏପରିକି ଚୂଡାନ୍ତ ଏକାଦଶରେ ମଧ୍ୟ ସାମିଲ କରାଯିବାର ଯଥେଷ୍ଟ ସମ୍ଭବନା ରହିଛି । ବ୍ୟାଟିଂ ଲାଇନ୍ କଥା ଦେଖିବାକୁ ଗଲେ, ଭାରତୀୟ ଦଳ ୪ନଂ ଖେଳାଳିଙ୍କ ପାଇଁ ସାମାନ୍ୟ ଚିନ୍ତାରେ ରହିଛି । ଦିନିକିଆରେ ସୂର୍ଯ୍ୟକୁମାର ଯାଦବଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଥିବା ବେଳେ ତାଙ୍କୁ ସ୍କ୍ୱାଡରେ ସାମିଲ କରାଯିବ କି ନାହିଁ ତାହା ବଡ ପ୍ରଶ୍ନ । ଅନ୍ୟପଟେ ଶ୍ରେୟସ ଆୟର ଫିଟ୍ ଘୋଷିତ ହେଲେ ତାଙ୍କୁ ଦଳରେ ନିଆଯାଇପାରେ । ସେହିଭଳି ୱିକେଟ୍‌କିପର ବ୍ୟାଟର ଭାବେ ଲୋକେସ ରାହୁଲ, ଇଶାନ କିଷନ ଓ ଋଷଭ ପନ୍ତଙ୍କୁ ନିଆଯାଇପାରେ । ଯଦି ପନ୍ତ ଫିଟ୍ ହୁଅନ୍ତି ତେବେ ତାଙ୍କର ଖେଳିବାର ସମ୍ଭାବନା ଅଧିକ ।

# ନିଜର ସଂଘର୍ଷମୟ କାହାଣୀ କହିଲେ ଭବାନୀ ଦେବୀ

ନୂଆଦିଲ୍ଲୀ(ଏଜେନ୍ସୀ): ୨୦୦୮ ମସିହାରେ କୋରିଆରେ ଜୁନିଅର ଏସୀୟ ଫେନସିଂ ଚାମ୍ପିୟନଶିପରେ ଭାଗ ନେବା ପାଇଁ ଭବାନୀଙ୍କ ପାଖରେ ଟଙ୍କା ନଥିଲା । ସେହି ସମୟରେ ସେ ତତ୍କାଳୀନ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଜେ ଜୟଲଳିତାଙ୍କୁ ଏକ ଚିଠି ଲେଖି ଅନୁରୋଧ କରିଥିଲେ । ଏହାପରେ ଜୟଲଳିତା ଏକ ଚେକ୍ ଭବାନୀଙ୍କୁ ଦେଇଥିଲେ । ସେହି ଘଟଣାର ୧୫ ବର୍ଷ ପରେ ଭବାନୀ ଇତିହାସ ରଚି ଭାରତ ପାଇଁ ସିନିୟର ଏସୀୟ ଫେନସିଂ ଚାମ୍ପିୟନଶିପରେ ପ୍ରଥମ ପଦକ ଜିତିଛନ୍ତି । ଏସୀୟ ଫେନସିଂ ଚାମ୍ପିୟନଶିପରେ ଭବାନୀ ଦେବୀ ବ୍ରୋଞ୍ଜ ପଦକ ଜିତିଛନ୍ତି । ପୂର୍ବ ଚୀନର ସହର ୱୁଜିରେ ତାଙ୍କର ଏହ ବିଜୟ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଥିଲା । ସେମିଫାଇନାଲରେ ୨୯ ବର୍ଷୀୟ ଭବାନୀ ଉଜବେକିସ୍ତାନର ଜାୟନାବ ଡାୟିବେକୋଭାଙ୍କ ସହ ଏକ ବିବାଦୀୟ ମ୍ୟାଚରେ ପରାଜିତ ହୋଇ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା । କ୍ୱାଟର ଫାଇନାଲରେ ଭବାନୀ ଦେବୀ ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ଜାପାନର ମିସାକି ଏମୁରାଙ୍କୁ ୧୫-୧୦ରେ ପରାସ୍ତ କରିଥିଲେ । ଟାଇମ୍ସ ଅଫ୍ ଇଣ୍ଡିଆକୁ ପ୍ରତିକ୍ରିୟା ଦେଇ ଭବାନୀ କହିଛନ୍ତି, 'ମୁଁ ଜାଣିଥିଲି, ଏହା ଏକ କଠିନ ମ୍ୟାଚ ହେବ ଏବଂ ପୋଡିୟମରେ ଯାତ୍ରା ଶେଷ କରିବାକୁ ହେଲେ ମୋତେ ତାଙ୍କୁ(ଏମୁରା) ହରାଇବାକୁ ପଡିବ । ଗତ ଏସୀୟ ଚାମ୍ପିୟନଶିପରେ ପ୍ରି-କ୍ୱାର୍ଟରଫାଇନାଲରେ ମୁଁ ତାଙ୍କ ଠାରୁ ପରାଜିତ ହୋଇଥିଲି'। ଭବାନୀ କହିଛନ୍ତି, 'ପୂର୍ବ ମ୍ୟାଚଗୁଡିକରେ କରିଥିବା ଭୁଲକୁ ମନେ ରଖି ତାକୁ ଦୋହରାଇ ନଥିଲି । ମୁଁ କିଛି ସତନ୍ତ୍ର ରଣନୀତି ମଧ୍ୟ ପ୍ରସ୍ତୁତ କରିଥିଲି । ତେବେ ଏଥିରେ ମୁଁ ସଫଳ ହେବି ନା ନାହିଁ ତାହା ଜାଣି ନଥିଲି । କିନ୍ତୁ ମୁଁ ଶେଷ ଯାଏ ଲଢେଇ କରିଥିଲି ଏବଂ ମୋର ରଣନୀତିର ସଠିକ୍ ପ୍ରୟୋଗ କରିଥିଲେ । ପୂର୍ବଥର ପରି ଭୁଲ କରି ନଥିଲି' । ଜଣେ ପୂଜାରୀଙ୍କ ଝିଅ ଭବାନୀଙ୍କ ଏହି ପ୍ରତୀଭାକୁ ୨୦୦୭ ମସିହାରେ ଚିହ୍ନଟ କରିଥିଲେ ତାଙ୍କ କୋଚ୍ ସାଗର ଲାଗୁ । ଏହାପରେ ଭବାନୀଙ୍କୁ କେରଳ ଥାଲାସେରି ସ୍ଥିତ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆର ଟ୍ରେନିଂ କେନ୍ଦ୍ରକୁ ନେଇଥିଲେ । ସେଠାରୁ ବାହାରି ଅଣ୍ଡର-୧୭ରେ ଜାତୀୟ ସ୍ତରରେ ସର୍ଣ୍ଣ ପଦକ ଜିତିଥିଲେ । ଏହାପରେ ୨୦୧୭ରେ ଟୁରନୋଇ ସାଟେଲାଇଟ୍ ଚାମ୍ପିୟନଶିପରେ ପ୍ରଥମ ଭାରତୀୟ ଫେନ୍‌ସର ଭାବେ କୌଣସି ବିଶ୍ୱସ୍ତରୀୟ ପ୍ରତିଯୋଗୀତାରେ ସର୍ଣ୍ଣ ପଦକ ଜିତିଥିଲେ । ଭବାନୀ କହୁନ୍ତି, ସିନିୟର ଏସୀୟ ଚାମ୍ପିୟନଶିପରେ ପଦକ ଜିତିବା ଦର୍ଶାଉଛି ଯେ ଦୁଇ ବର୍ଷର ଅନେକ କିଛି ଉନ୍ନତି ଘଟିଛି । ଦୁଇ ବର୍ଷ ପୂର୍ବେ ଭବାନୀ ଦେବୀ ଟୋକିଓ ଅଲିମ୍ପିକ୍ସରେ ଫେନସିଂରେ ଭାରତକୁ ପ୍ରତିନିଧିତ୍ୱ କରି ଦ୍ୱିତୀୟ ରାଉଣ୍ଡରୁ ବାହାର ହୋଇଥିଲେ ।'

# ବିସିସିଆଇ ମହିଳା ଚୟନ କମିଟି: ନୀତୁ ଡେଭିଡ୍ ଅଧ୍ୟକ୍ଷା

ନୂଆଦିଲ୍ଲୀ(ଏଜେନ୍ସୀ): ସୁଲକ୍ଷଣା ନାଇକ, ଅଶୋକ ମାଲହୋତ୍ରା ଓ ଯତୀନ ପରନଜାପେଙ୍କୁ ନେଇ ଗଠିତ ବିସିସିଆଇର କ୍ରିକେଟ୍ ପରାମର୍ଶଦାତା କମିଟି (ସିଏସି) ନୀତୁ ଡେଭିଡ୍‌ଙ୍କୁ ମହିଳା ଏବଂ ତିଲକ ନାଇଡୁଙ୍କୁ ଜୁନିୟର କ୍ରିକେଟ ଚୟନ କମିଟିର ଅଧ୍ୟକ୍ଷ ଭାବେ ଚୟନ କରିଛି । ମହିଳା ଚୟନ କମିଟିରେ ଅଧ୍ୟକ୍ଷା ନୀତୁଙ୍କ ସହ ରହିଛନ୍ତି ରେଣୁ ମାର୍ଗ୍ରାଟ, ଆରତୀ ବୈଦ୍ୟ, କଳ୍ପନା ଭେଙ୍କଟାଚର ଓ ଶ୍ୟାମ ଦେ ଶ' । ସେହିପରି ଜୁନିୟରରେ ତିଲକଙ୍କ ସମେତ ରାଣାଦେବ ବୋଷ, ହରିନ୍ଦର ସିଂ ସୋଧି, ପଥିକ ପଟେଲ ଓ କ୍ରିସେନ ମୋହନ । ଶ' ଥିଲେ ଜଣେ ଅଲରାଉଣ୍ଡର । ସେ ୩ଟି ଟେଷ୍ଟ ଏବଂ ୫ଟି ଦିନିକିଆ ଖେଳିଥିଲେ । ସେହିପରି ନାଇଡୁ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିନଥିଲେ ବି ଜଣେ ୱିକେଟ କିପର ବ୍ୟାଟର ଭାବେ ଘରୋଇ କ୍ରିକେଟ୍‌ରେ ତାଙ୍କର ଦବ୍‌ଦବା ରହିଥିଲା । ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ମୋଟ୍ ୪୩୮୬ ରନ୍ କରିଥିଲେ ।

# ଭାରତ ଗସ୍ତ ପାଇଁ ପାକିସ୍ତାନକୁ ମିଳିଲା ଭିସା

ନୂଆଦିଲ୍ଲୀ(ଏଜେନ୍ସୀ): ଭାରତ-ପାକିସ୍ତାନ କ୍ରିକେଟ ବୋର୍ଡ ମଧ୍ୟରେ ଅନେକ ବାଦ ବିବାଦ ପରେ ଏସିଆ କପ୍ ଟୁର୍ଣ୍ଣାମେଣ୍ଟର ହାଇବ୍ରିଡ ମଡେଲକୁ ଅନୁମତି ମିଳିସାରିଛି । ଏହି ନିୟମ ଅନୁସାରେ, ଏସିଆ କପର ୪ଟି ମୁକାବିଲା ପାକିସ୍ତାନରେ ଖେଳାଯିବା ସହ ବାକି ସମସ୍ତ ମ୍ୟାଚ ଶ୍ରୀଲଙ୍କାରେ ଖେଳାଯିବ । ତେବେ ଏହା ମଧ୍ୟରେ ଆଉ ଏକ ବଡ ଖବର ବର୍ତ୍ତମାନ ସାମନାକୁ ଆସିଛି । ଭାରତକୁ ଆସିବା ପାଇଁ ପାକିସ୍ତାନ ଟିମକୁ ଭିସା ମିଳି ସାରିଛି । ଜୁନ୍ ୨୧ ତାରିଖରେ ଭାରତରେ ଆୟୋଜିତ ହେବାକୁ ଯାଉଛି ଏସିଆନ୍ ଫୁଟବଲ ଫେଡେରେସନ ଚମ୍ପିଆନସିପ । ଏହି ଟୁର୍ଣ୍ଣାମେଣ୍ଟ ପାଇଁ ପାକିସ୍ତାନ ଭାରତ ଗସ୍ତରେ ଆସିବା ତେବେ ଭାରତ ଆସିବା ପାଇଁ ପାକିସ୍ତାନ ଟିମର ସଦସ୍ୟମାନଙ୍କୁ ଭିସା ମିଳି ସାରିଥିବା ଜଣାଯାଇଛି । ଭାରତ ସମେତ ପାକିସ୍ତାନ, କୁୱେତ ଏବଂ ନେପାଳ ଟିମକୁ ଗ୍ରୁପ ଏ'ରେ ସ୍ଥାନ ଦିଆଯାଇଛି । ସେହିପରି ଗ୍ରୁପ ବି ରେ ସ୍ଥାନ ପାଇଛନ୍ତି ବାଂଲାଦେଶ, ଲେବନାନ, ଭୁଟାନଏବଂ ମାଲଦୀବ ।

# ମେସିଙ୍କ ପ୍ରଶଂସକକୁ ଗିରଫ କଲା ପୋଲିସ

ବେଜିଂ(ଏଜେନ୍ସୀ): ଗତ ବର୍ଷ ଫିଫା ବିଶ୍ୱକପ୍‌ଜିତିଥିବା ଆର୍ଜେଣ୍ଟିନାର ଦମଦାର ପ୍ରଦର୍ଶନ ଜାରି ରହିଛି । ଚୀନର ରାଜଧାନୀ ବେଜିଂରେ ଖେଳା ଯାଇଥିବା ଏକ ବନ୍ଧୁତ୍ୱପୂର୍ଣ୍ଣ ମୁକାବିଲାରେ ଆର୍ଜେଣ୍ଟିନା ୨-୦ ଗୋଲ୍‌ରେ ଅଷ୍ଟ୍ରେଲିଆକୁ ହରାଇଛି । ଏହି ମ୍ୟାଚ୍‌ରେ ଆର୍ଜେଣ୍ଟିନାର ଅଧିନାୟକ ନିଓନେଲ୍ ମେସି ଚମତ୍କାର ପ୍ରଦର୍ଶନ କରି ଗୋଟିଏ ଗୋଲ୍ ଦେଇଛନ୍ତି । ତେବେ ମ୍ୟାଚ୍ ସମୟରେ ଜଣେ ୧୮ ବର୍ଷୀୟ ଯୁବ ପ୍ରଶଂସକ ବହୁତ ଚର୍ଚ୍ଚା ସାଉଁଟିଛନ୍ତି । ଉକ୍ତ ପ୍ରଶଂସକ ମ୍ୟାଚ୍ ସମୟରେ ଲିଓନେଲ୍ ମେସିଙ୍କୁ ଭେଟିବା ପାଇଁ ସୁରକ୍ଷା ଘେର ଭାଙ୍ଗି ପଡ଼ିଆକୁ ପଶିବାକୁ ସକ୍ଷମ ହୋଇଥିଲେ । ପଡ଼ିଆରେ ପଶି ସେ ନିଜର ପ୍ରିୟ ଖେଳାଳି ମେସିଙ୍କୁ ଆଲିଙ୍ଗନ କରିଥିଲେ । ମେସି ମଧ୍ୟ ନିଜ ପ୍ରଶଂସକଙ୍କ ଉତ୍ସାହ ଦେଖି ଆଶ୍ଚର୍ଯ୍ୟଚକିତ ହୋଇ ପଡ଼ିଥିଲେ । ସୁରକ୍ଷାକର୍ମୀଙ୍କୁ ଚକମା ଦେଇ ପଡ଼ିଆରେ ଚକ୍କର ମାରିଥିଲେ ପ୍ରଶଂସକ । ଏହି ସମୟରେ ସେ ଆର୍ଜେଣ୍ଟିନାର ଗୋଲ୍‌କିପର ଏମିଲିୟାନୋ ମାର୍ଟିନେଜଙ୍କ ସହ ମଧ୍ୟ କରମର୍ଦ୍ଦନ ମଧ୍ୟ କରିଥିଲେ । ସୁରକ୍ଷାକର୍ମୀ ତାଙ୍କ ପଛରେ ଧାଉଁଥିଲେ । ପାଦ ଖସିଯିବାରୁ ପ୍ରଶଂସକ ଜଣକ ପଡ଼ିଆରେ ଖସି ପଡ଼ିଥିଲେ ଏବଂ ସୁରକ୍ଷାକର୍ମୀ ତାଙ୍କୁ ଧରି ପଡ଼ିଆ ବାହାରକୁ ନେଇ ଯାଇଥିଲେ । ଚୀନ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଉକ୍ତ ପ୍ରଶଂସକଙ୍କୁ ପୋଲିସ ହେପାଜତରେ ନେଇଛି । ବେଜିଂର ଚାଓୟାଙ୍ଗର ପୋଲିସ ଶୁକ୍ରବାର କହିଛି ଯେ, କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଏହି ୧୮ ବର୍ଷୀୟ ପ୍ରଶଂସକଙ୍କୁ ୧୨ ମାସ ପାଇଁ ଷ୍ଟାଡିୟମରେ ପ୍ରବେଶ କଟକଣା ଲଗାଯାଇଛି । ଖେଳରେ ନିୟମ ରହିଥାଏ ଏବଂ ଦର୍ଶକଙ୍କୁ ମଧ୍ୟ ନିୟମ ପାଳନ କରିବା ଆବଶ୍ୟକ । ନିୟମ ଉଲ୍ଲଂଘନକାରୀଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କରାଯାଏ । ଲିଓନେଲ୍ ମେସି ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍ ସମୟରେ ନିଜ କ୍ୟାରିୟରର ସବୁଠୁ ଦ୍ରୁତ ଗୋଲ୍(୮୧ତମ ସେକେଣ୍ଡ)ରେ କରିଛନ୍ତି । ଏଥିସହ ମେସି ଆର୍ଜେଣ୍ଟିନା ପାଇଁ ଲଗାତାର ୭ମ ମ୍ୟାଚ୍‌ରେ ଗୋଲ୍ ଦେଇଛନ୍ତି, ଯାହା ତାଙ୍କର ନୂତନ ବ୍ୟକ୍ତିଗତ ରେକର୍ଡ । ନିଜର ପୂରା କ୍ୟାରିୟରରେ ମେସି ଆରମ୍ଭର ପ୍ରଥମ ମିନିଟ୍‌କୁ ଛାଡ଼ି ଦେଲେ ପ୍ରତି ମିନିଟ୍‌ରେ ଗୋଲ୍ ସ୍କୋର କରିଛନ୍ତି ।'

# ହିଟ୍ ମ୍ୟାନ୍‌ଙ୍କୁ ଭୂରି ଭୂରି ପ୍ରଶଂସା କଲେ ବ୍ରେଟ୍ ଲି

ମୁମ୍ବାଇ(ଏଜେନ୍ସୀ) : ବ୍ରେଟ୍ ଲି'ଙ୍କ ମୁହଁରେ ହିଟ୍ ମ୍ୟାନ୍‌ଙ୍କ ପ୍ରଶଂସା । ରୋହିତ ଜଣେ ଭଲ ଖେଳାଳି ଏବଂ ତାଙ୍କ ପରି ଶାନ୍ତ କ୍ରିକେଟ୍‌ର ଖୁବ୍ କମ୍ ଦେଖିବାକୁ ମିଳେ । ତେଣୁ ସେ ଜଣେ ଭିନ୍ନ ଧରଣର ବ୍ୟାଟର ବୋଲି କହିଛନ୍ତି ଅଷ୍ଟ୍ରେଲିଆ ଏହି ଦ୍ରୁତ ବୋଲର । ବ୍ରେଟ୍ ଲି ଆହୁରି ମଧ୍ୟ କହିଛନ୍ତି ଯେ, ରୋହିତ ଶର୍ମା ଜଣେ ଶ୍ରେଷ୍ଠ ବ୍ୟାଟର । ପୁଲ୍ ସଟ୍‌ରେ ସେ ମାଷ୍ଟର । ବର୍ତ୍ତମାନ କ୍ରିକେଟ୍ ଜଗତରେ ସେ ଜଣେ ଶ୍ରେଷ୍ଠ ପୁଲ୍ ସଟ୍ ମାରୁଥିବାର ବ୍ୟାଟର । ବୋଲରଙ୍କୁ ସେ ଯେଉଁଭଳି ଭାବେ ଖେଳିଥାନ୍ତି । ହୁଏତ ଖୁବ କମ୍ ବ୍ୟାଟର କରିପାରନ୍ତି । ବିଶ୍ୱ କ୍ରିକେଟ୍‌ର ସେ ଟାଇଗର । ୨୦୦୭ରୁ ମୁଁ ତାଙ୍କ ଖେଳ ଦେଖିଆସିଛି । ସେ ଯେତେବେଳେ ବ୍ୟାଟିଂ କରିଥାନ୍ତି ତ ସେତେବେଳ ଦେଖିବାକୁ ଖୁମ୍ ଭଲ ଲାଗେ । ଖାସ୍ କରି ତାଙ୍କର ଆକର୍ଷଣୀୟ ସଟ୍‌ସିଲେକ୍ସନ । ସୂଚନାଯୋଗ୍ୟ ଯେ, ୨୦୦୭ରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଡେବ୍ୟୁ କରିଥିଲେ ରୋହିତ ଶର୍ମା । ୨୪୩ଟି ଦିନିକିଆ ମ୍ୟାଚ୍‌ଖେଳି ୯୮୨୫ ରନ୍ ସଂଗ୍ରହ କରିଛନ୍ତି । ଯେଉଁଥିରେ ୩୦ଟି ଶତକ ଏବଂ ୪୮ଟି ଅର୍ଦ୍ଧଶତକ ରହିଛି । ତାଙ୍କର ସର୍ବାଧିକ ସ୍କୋର ୨୬୪ ରନ୍ ରହିଛି । ସେହିପରି ୧୪୮ଟି ଟି-୨୦ ମ୍ୟାଚ୍ ଖେଳି ୩୮୫୩ ରନ୍ ସଂଗ୍ରହ କରିଛନ୍ତି । ଏଥିରେ ୪ଟି ଶତକ ରହିଥିବା ବେଳେ ୨୯ଟି ଅର୍ଦ୍ଧଶତକ ରହିଛି । ବାକି ୫୦ଟି ଟେଷ୍ଟ ମ୍ୟାଚ୍ ଖେଳି ସଂଗ୍ରହ କରିଛନ୍ତି ୩୪୩୭ ରନ୍ । ଏଥିରେ ୯ଟି ଶତକ ରହିଥିବା ବେଳେ ୧୪ଟି ଅର୍ଦ୍ଧଶତକ ରହିଛି । ଏବେ ଭାରତୀୟ ଦଳର ସବୁ ଫର୍ମାଟରେ ଅଧିନାୟକ ରହିଛନ୍ତି ।'

ସପ୍ତାହର ଶେଷରେ ସାପ୍ତାହିକୀ ହାତରେ
ପ୍ରଜାତନ୍ତ୍ର ସାପ୍ତାହିକୀ
୧୮ ଜୁନ୍ -୨୪ ଜୁନ୍ ୨୦୨୩

ଆଇପିଏଲ୍‌ର ମୁକୁଟ
ତାହା ବାସ୍ତବରେ ଏକ ଯାଦୁକରୀ ମୂହୁର୍ତ୍ତ ଥିଲା । ରାତି ଦୁଇଟା ବାଜିବାକୁ କିଛି ସମୟ ବାକୀ ଥିଲା, କିନ୍ତୁ କୋଟି କୋଟି ଆଖି ଅହମ୍ମଦାବାଦର ନରେନ୍ଦ୍ରୀ ମୋଦୀ ଷ୍ଟାଡିୟମଠାରୁ ନେଇ ଦେଶ-ଦୁନିଆର ଲକ୍ଷ ଲକ୍ଷ ଘରେ ଆଖିପତା ପକାଇବାକୁ ଲୋକେ ଭୂଲିଗଲେ । ଗୁଜୁରାଟ ଟାଇଟାନ୍ସର ମୋହିତ ଶର୍ମାଙ୍କ ହାତରେ ବଲ୍ ଥିଲା ଓ ଚେନ୍ନାଇ ସୁପର କିଙ୍ଗ୍‌ସର ରବୀନ୍ଦ୍ର ଜଡେଜାଙ୍କୁ ଶେଷ ଦୁଇ ବଲରେ ୧୦ ରନ କରିବାର ଥିଲା । ଜଡେଜା ଛକା ଓ ଚୌକା ମାରି ପଞ୍ଚମଥର ଲାଗି ଚେନ୍ନାଇ ସୁପର କିଙ୍ଗ୍‌ସକୁ ବିଜେତାର ମୁକୁଟ ପିନ୍ଧାଇପାରିଲେ ଓ ତାହା ସହିତ କ୍ରିକେଟର ସବୁଠାରୁ ରୋମାଞ୍ଚକ ଲିଗର ୧୬ତମ ପର୍ଯ୍ୟାୟ ସମାପ୍ତିରେ ପହଞ୍ଚାଇଦେଲେ । ଏହି ପ୍ରତିଦ୍ୱନ୍ଦିତାରେ କିପରି ଭାରତରେ କ୍ରୀଡା ଭବନାକୁ ଜୀବନ୍ତ କରାଯାଇପାରିଛି, ତାହାର ଏକ ଉଦାହରଣ ଦେଖିବାକୁ ମିଳିଛି । ଚେନ୍ନାଇର ସାଇ ସୁଦର୍ଶନ ୪୭ ବଲ୍‌ରେ ୯୬ ରନ କରି ଚମତ୍କାର ଖେଳ ଖେଳି ଗୁଜୁରାଟ ସ୍ଥିତିକୁ ସୁଦୃଢ଼ କରିଥିଲେ ଏବଂ ଅନ୍ୟପକ୍ଷରେ ଗୁଜୁରାଟର ରବିନ୍ଦ୍ର ଜାଡେଜା ଚେନ୍ନାଇ ବିଜୟର ଗୌରବ ଗାଥା ଲେଖିବାକୁ ସମର୍ଥ ହେଲେ । ପରାଜିତ କ୍ୟାପଟେନ ପାଣ୍ଡ୍ୟା ପ୍ରତିଦ୍ୱନ୍ଦୀଙ୍କ ପ୍ରତି ଶ୍ରଦ୍ଧାଶୀଳ ଥିଲେ, ବିଜେତା କ୍ୟାପଟେନ ମହେନ୍ଦ୍ର ସିଂହ ଧୋନୀ ଖେଳାଳୀଙ୍କୁ ନିଜ ସଂକେତ ଦ୍ୱାରା ଦର୍ଶାଉଥିଲେ

**ଜାତୀୟ:** ସୁପ୍ରିୟା, ପ୍ରଫୁଲ୍ଲ ଏନ୍‌ସିପି କାର୍ଯ୍ୟକାରୀ ସଭାପତି ଅଜିତ ପାୱାର ବଞ୍ଚିତ କାହିଁକି ?
**ସ୍ୱତନ୍ତ୍ର ପ୍ରସଙ୍ଗ:** ୨୦୨୪ ଲୋକସଭା ନିର୍ବାଚନ ପାଇଁ ବିଜେପିର ନୂଆ ରଣନୀତି
**ନାରୀ:** ମହିଳାଙ୍କ ସୌନ୍ଦର୍ଯ୍ୟ ବୃଦ୍ଧି କରେ ଗହଣା
**କ୍ଷୁଦ୍ରଗଳ୍ପ:** ଫ୍ଲାଟ୍ ଘରର ଦୁଃଖ
**ଚଳଚ୍ଚିତ୍ର:** ବାଂଲାଦେଶରେ ରିଲିଜ୍ ହେବ ସଲମାନଙ୍କ ଫିଲ୍ମ ,ନିର୍ଦ୍ଦେଶକ ନିତିନ ଗୋପୀଙ୍କର ଦେହାନ୍ତ,ଆଲିଆଙ୍କ ଅଜା ନରେନ୍ଦ୍ରନାଥ ରାଜଦାନଙ୍କ ଦେହାନ୍ତ,ପୁଣି ଥରେ ଲାଇମଲାଇଟକୁ ଆସିଲେ ସାମନ୍ଥା,ଖୋଲାଖୋଲି ଭାବେ ନିଜର ପ୍ରେମ ବ୍ୟକ୍ତ କଲେ ସୋନାକ୍ଷୀ,ସିକ୍ରେଟ୍ ନିର୍ବନ୍ଧକୁ ନେଇ ଚର୍ଚ୍ଚାରେ ଇଲିଆନା ଡି'କ୍ରୁଜ ,ପଶ୍ଚିମବଙ୍ଗ ଫିଲ୍ମ ନିର୍ମାତା ପିୟୁଷ ଶାହ ଗିରଫ,ବାପା ହେଲେ ରାଣା ଡଗୁବତୀ !,କଳାକାର ଅମୀର ରଜା ହୁସେନ୍‌ଙ୍କ ଦେହାନ୍ତ
**ଖେଳ:** ୯ବର୍ଷର ପୁଅକୁ ଅଷ୍ଟ୍ରେଲିଆରୁ ଫେରାଇ ଆଣିବେ ଧାୱନ,ଚର୍ଚ୍ଚାରେ ଭାରତୀୟ କ୍ରିକେଟ୍ ଦଳର ଷ୍ଟାର ଖେଳାଳୀ ଶୁବମନ ଗିଲ,ବାହାନଗାରେ ମୃତ ଯାତ୍ରୀଙ୍କ ପିଲାଙ୍କୁ ମାଗଣାରେ ଶିକ୍ଷା ଦେବେ ବିରେନ୍ଦ୍ର ସେହୱାଗ୍,କ୍ଲବ୍ ଇଣ୍ଟର ମିଆମିରେ ସାମିଲ ହେବେ ଲିଓନେଲ୍ ମେସି,'ମ୍ୟାନ୍ ଭର୍ସେସ୍ ୱାଇଲ୍ଡ' ଶୋ'ରେ ଆସିବେ ବିରାଟ କୋହଲି,ଆଇପିଏଲ୍ ଫାଇନାଲରେ କାନ୍ଦି ପକାଇଥିଲେ ଧୋନି,ବିବାହ କଲେ ସିଏସ୍‌କେର ଷ୍ଟାର ଓପନର୍ ରୁତୁରାଜ ଗାଏକୱାଡ
ଏବଂ **ଶେଷପୃଷ୍ଠା** ରେ ଭର୍ତ୍ତୃହରି ମହତାବଙ୍କ "ରସାତଳଗାମୀ କମ୍ୟୁନିଷ୍ଟ ଦଳ: ଆଉ ବିଚାର ?. ''

ନିକଟସ୍ଥ ଏଜେଣ୍ଟଙ୍କ